

ମିଥ୍ୟା ଯେତେବେଳେ କାର୍ଯ୍ୟରେ ପରିଣତ ହୁଏ,
ସେତେବେଳେ ତାହାର ନାମ ହୋଇଥାଏ ଭୁଲ୍।
- ମାଇକେଲ ଲାଣ୍ଡନ୍



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ନିଶିଗନ୍ଧା ସାହିତ୍ୟ ସଂସଦ ପକ୍ଷରୁ ରାଜ୍ୟସ୍ତରୀୟ କବିତା ଓ ପ୍ରତିଭା ସମ୍ବର୍ଦ୍ଧନା ଉତ୍ସବ, ରୋଟାରୀ ଭବନ, ସକାଳ ୮ଟା ୩୦।
- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ସଂକୁଳ ବିଜ୍ଞାନ ମେଳା, ସ୍କୁଲ ପରିସର, ବଡ଼ଗଡ଼ ବ୍ରିଟ କଲୋନୀ, ସକାଳ ୯ଟା।
- ଏମ୍ଏସଏମ୍ଇ ବିଭାଗର ଜାତୀୟ ସେମିନାର, ହୋଟେଲ ସ୍ୱସ୍ତି ପ୍ରିମିୟମ, ସକାଳ ୯ଟା ୩୦।
- ଓୟୁଏଟିର ପ୍ରତିଷ୍ଠା ଦିବସ, ସ୍ୱାମୀନାଥନ କନଫରେନ୍ସ ହଲ, ପୂର୍ବାହ୍ନ ୧୦ଟା ୩୦।
- ମାଉସୀମା ସତ୍ସଙ୍ଗ ଅଫିସ ପକ୍ଷରୁ ବାର୍ଷିକ ସତ୍ସଙ୍ଗ ଅଧିବେଶନ, ସରକାରୀ ଉଚ୍ଚ ବିଦ୍ୟାଳୟ ପଡିଆ, ୟୁନିଟ-୧, ଅପରାହ୍ନ ୨ଟା ୩୦ରୁ ରାତ୍ର ୭ଟା।
- ଭୁବନେଶ୍ୱର ଦୁର୍ଗା ପୂଜା ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଏକ ସମ୍ମିଳନୀ, ଉତ୍କଳ ରଙ୍ଗମଞ୍ଚ, ଗୁରୁ କେଳୁଚରଣ ଗବେଷଣା କେନ୍ଦ୍ର, ସନ୍ଧ୍ୟା ୫ଟା।
- ପଦ୍ମଶ୍ରୀ ସଂଯୁକ୍ତା ପାଣିଗ୍ରାହୀଙ୍କ ଜୟନ୍ତୀ ଅବସରରେ 'ତୁମରି ସ୍ମୃତିରେ' କାର୍ଯ୍ୟକ୍ରମ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।

**କଟକ**

- କଟକ ଓଡ଼ିଆ ବାପିଷ୍ଟ ଚର୍ଚ୍ଚ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, ଚର୍ଚ୍ଚ ପରିସର, ମିଶନ ରୋଡ, ସକାଳ ୯ଟା।
- ନିମସାହି ଦୁର୍ଗାପୂଜା କମିଟି ପକ୍ଷରୁ ମାଟି ଅନୁକୂଳ କାର୍ଯ୍ୟକ୍ରମ, ଦେବୀଗଡ଼ା, ପୁରୀଘାଟ, ପୂର୍ବାହ୍ନ ୧୧ଟା।
- ସାରଳା ସାହିତ୍ୟ ସଂସଦ ପକ୍ଷରୁ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ସ୍ମୃତିସନ୍ଧ୍ୟା, ସାରଳା ଭବନ, ବିଜୁ ପଟ୍ଟନାୟକ ଛକ, ସନ୍ଧ୍ୟା ୬ଟା।
- ରାଧାଗୋବିନ୍ଦ ଧାମ ତରଫରୁ ନନ୍ଦୋତ୍ସବ, ରାଧାକୃଷ୍ଣ ମନ୍ଦିର, କୁମ୍ଭେଇପଡ଼ା, ତ୍ରିଶୁଳିଆ, ସନ୍ଧ୍ୟା ୬ଟା ।
- କଟକ ଜିଲା ଯାଦବ ମହାସଭା ପକ୍ଷରୁ ନନ୍ଦ ଉତ୍ସବ, ରାଧାମୋହନ ଜୀଉ ମନ୍ଦିର, ପୋତାପୋଖରୀ, ସନ୍ଧ୍ୟା ୬ଟା।

**ପୁରୀ**

- ଟ୍ୟାଲେଣ୍ଟ ଫେଷ୍ଟ ପ୍ରତିଯୋଗିତା, ପୌର ସଦନ, ଅପରାହ୍ନ ୨ଟା ।
- ଜାତୀୟ ବର୍ଷା ନୃତ୍ୟ ଓ ସଙ୍ଗୀତ ଉତ୍ସବ, ସଂସ୍କୃତି ଭବନ, ସନ୍ଧ୍ୟା ୬ଟା।

**ସାକ୍ଷୀଗୋପାଳ**

- ନନ୍ଦ ଉତ୍ସବ ଉପଲକ୍ଷେ ସେବାୟତ ସଂଘ ଆନୁକୂଲ୍ୟରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସାକ୍ଷୀଗୋପାଳ ମନ୍ଦିର ସିଂହଦ୍ୱାର, ସନ୍ଧ୍ୟା ୬ଟା।

**ବ୍ରହ୍ମଗିରି**

- ଶ୍ରୀଶ୍ରୀ ସତ୍ୟମହାବୀର ଦେବଙ୍କ ପୀଠରେ ଭାଗବତ ସପ୍ତାହ ଓ ପାରାୟଣ, ବ୍ରହ୍ମଗିରି ଥାନା ପରିସର, ସନ୍ଧ୍ୟା ୭ଟା।

**ବାଲିଅନ୍ତା**

- ନନ୍ଦୋତ୍ସବ ପାଳନ, ବାଲିଅନ୍ତା, ନିକୁଞ୍ଜ ବିହାରୀ ମନ୍ଦିର, ଅପରାହ୍ନ ୩ଟା।

# ଗ୍ରାହକଙ୍କୁ ଲୁଟୁଛନ୍ତି ଖୁଚୁରା ବ୍ୟବସାୟୀ

**ଭୁବନେଶ୍ୱର, ୨୩।୮ (ବ୍ୟୁରୋ)**




ରାଜ୍ୟରେ ପିଆଜ ଦର ବଢ଼ିଚାଲିଛି। ଗତ ଦୁଇ ସପ୍ତାହ ମଧ୍ୟରେ ପିଆଜ କିଲୋରେ ୧୦ରୁ ୧୫ ଟଙ୍କା ବୃଦ୍ଧି ହେଲାଣି। ଆଗକୁ ଦର ଆହୁରି ଆକାଶଛୁଆଁ ହେବା ନେଇ ଆଶଙ୍କା ପ୍ରକାଶ ପାଇଛି। ଗୋଦାମରେ ପିଆଜ କୁଇଣ୍ଟାଲ ୨୫୦୦ ଟଙ୍କା ହୋଇଥିବା ବେଳେ ଖୁଚୁରା ବଜାରରେ କିଲୋ ପିଛା ୩୦ରୁ ୩୫ ଟଙ୍କାରେ ଦରରେ ବିକ୍ରି ହେଉଛି। ପିଆଜ ପାଇଁ ଓଡ଼ିଶାକୁ ମହାରାଷ୍ଟ୍ରର ନାସିକ ଉପରେ ନିର୍ଭର କରିବାକୁ ପଡୁଛି। ସେଠାରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିବାରୁ ପିଆଜ ଦର ବୃଦ୍ଧି ପାଇଛି। ବାଙ୍ଗାଲୋର, ଆନ୍ଧ୍ର ଓ କର୍ଣାଟକରେ ପିଆଜ ଅମଳ ହୋଇ ନ ଥିବାରୁ ଦରରେ ବୃଦ୍ଧି ହୋଇଛି। ନୂଆ ପିଆଜ ଆସିବାକୁ ଆହୁରି ଦୁଇ ସପ୍ତାହ ଲାଗିଯିବ। ତେଣୁ ତାହାର ଭରପୂର ଫାଇଦା ଉଠାଇବାରେ ଲାଗିଛନ୍ତି ଖୁଚୁରା ବ୍ୟବସାୟୀ। ଆଳୁ ଓ ପିଆଜ ଏକ ଅତ୍ୟାବଶ୍ୟକ ସାମଗ୍ରୀ ହୋଇଥିବାରୁ କିଣା ମୂଲ୍ୟଠାରୁ କିଲୋ ପିଛା ୨ରୁ ୩ ଟଙ୍କା ଅଧିକ ଦରରେ ଖୁଚୁରା ବ୍ୟବସାୟୀମାନେ ବିକ୍ରି କରିବାକୁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ତେବେ ଏହି ନିର୍ଦ୍ଦେଶନାମାକୁ ବ୍ୟବସାୟୀମାନେ ବେଖାତିର କରି ମନଇଛା ଚଢ଼ା ଦରରେ ବିକ୍ରି କରୁଛନ୍ତି। ଏହାକୁ ନେଇ ଗ୍ରାହକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖା ଦେଇଛି।

ରାଜ୍ୟକୁ ବାର୍ଷିକ ୨.୯୭ ଲକ୍ଷ ଟନ ପିଆଜ ଆବଶ୍ୟକ ଥିବା ବେଳେ ଉତ୍ପାଦନ ହେଉଛି ୩.୯୭ ଲକ୍ଷ ଟନ। ଉତ୍ପାଦନ ସମୟରେ ପିଆଜକୁ ରଖିବା ପାଇଁ ବ୍ୟବସ୍ଥା ନ ଥିବାରୁ ଚାଷୀଙ୍କୁ ଅନେକ ସମୟରେ ଅଭାବୀ ବିକ୍ରିର ସମ୍ମୁଖୀନ ହେବାକୁ ପଡୁଛି। ରାଜ୍ୟ ସରକାର ଅତ୍ୟାବଶ୍ୟକ ସାମଗ୍ରୀ ପିଆଜ ଉତ୍ପାଦନ ବୃଦ୍ଧି ପାଇଁ ୨୦୧୭ରେ ପିଆଜ ମିଶନ କାର୍ଯ୍ୟକାରୀ କରିଥିଲେ। ଉଦ୍ୟାନ କୃଷି ବିଭାଗ ପକ୍ଷରୁ ୨୪୮୫ ହେକ୍ଟର ଜମିରେ ୩୮ ହଜାର ଟନ ଉତ୍ପାଦନ ପାଇଁ ଯୋଜନା କରାଯାଇଥିଲା। ସେଥିପାଇଁ ୫୦ ହେକ୍ଟର ଜମିରେ ରିହାତି ଦିଆଯାଇଥିଲା। ତେବେ ସେହି ମିଶନ ସଫଳ ହୋଇ ପାରି ନ ଥିଲା। ଫଳରେ ରାଜ୍ୟ ପୁଣି ପିଆଜ ପାଇଁ ପଡୋଶୀ ରାଜ୍ୟ ଉପରେ ନିର୍ଭର କରିବାକୁ ବାଧ୍ୟ ହୋଇଛି।

ଆଇଗିଣିଆ ପିଆଜ ବ୍ୟବସାୟୀ ସଂଘର ଆବାହକ ଶକ୍ତି ଶଙ୍କର ମିଶ୍ର କହିଛନ୍ତି ଯେ, ଓଡ଼ିଶା ପଡୋଶୀ ରାଜ୍ୟ ଉପରେ ଆଳୁ ଓ ପିଆଜ ପାଇଁ ନିର୍ଭର କରୁଛି। ସେଠାରେ କୌଣସି ସମସ୍ୟା ହେଲେ ଦର ବୃଦ୍ଧି ଘଟୁଛି। ଗୋଦାମରୁ କିଲୋ ପିଛା ୨୫ ଟଙ୍କାରେ ପିଆଜ ଯୋଗାଇ ଦିଆଯାଉଛି। କିନ୍ତୁ ଖୁଚୁରା ବଜାରରେ ୧୦ରୁ ୧୫ ଟଙ୍କା ଅଧିକ ବିକ୍ରି ହେବା କଥା ନୁହେଁ। ରାଜ୍ୟ ସରକାରଙ୍କ କୌଣସି ନିୟନ୍ତ୍ରଣ ନ ଥିବାରୁ ଗ୍ରାହକଙ୍କୁ ଏହାର ଦୁର୍ଦ୍ଦଶା ଭୋଗିବାକୁ ପଡୁଛି।

### ଡଗରପଡ଼ା ବୋମାମାଡ଼ ଘଟଣା

# ଧଳସାମନ୍ତ ଭ୍ରାତାଙ୍କ ସହଯୋଗୀ ସମେତ ୩ ଗିରଫ

**କଟକ ଅଫିସ, ୨୩।୮**



ଗିରଫ ୩ ଅଭିଯୁକ୍ତ।

**ପୋଲିସ କହିଲା ପୂର୍ବ ଶତ୍ରୁତା ହିଁ କାରଣ**

ଡଗରପଡ଼ା ବୋମାମାଡ଼ ଘଟଣାରେ ୩ଜଣଙ୍କୁ ଗିରଫ କରିଛି ଲାଲବାଗ ଥାନା ପୋଲିସ। ଶୁକ୍ରବାର ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଧଳସାମନ୍ତ ଭ୍ରାତାଙ୍କ ସହଯୋଗୀ ଡଗରପଡ଼ା ଭୁତିଆସାହିର ପ୍ରକାଶ ବେହେରା ଓରଫ ହାଡ଼ିଆ (୪୫), ଗୋପାଳସାହିର ପାର୍ଥସାରଥି ଦାସ ଓରଫ ଶୁଭମ (୨୩) ଏବଂ ଶେଖ୍ ବଜାରର ସୁନୀଲ ବେହେରା ଓରଫ ଚନ୍ଦା (୨୮)। ବୁଧବାର ଡଗରପଡ଼ା ଭୁତିଆସାହିର ଗୋଲକ ପରିଡ଼ା (୪୦) ଓ ତାଙ୍କ ସମ୍ପର୍କୀୟ ଭାଇ ଲିକୁନା ପରିଡ଼ା(୩୫)ଙ୍କ ଘର ଉପରକୁ ୪ଟି ବୋମାମାଡ଼ ହୋଇଥିଲା। ଏ ନେଇ ଗୋଲକଙ୍କ ମା' ସୁଲୋଚନା ଲାଲବାଗ ଥାନାରେ ଏତଲା ଦେଇଥିଲେ। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଏହି ବୋମାମାଡ଼ ହୋଇଥିବା ଡିସିପି ଅଖିଳେଶ୍ୱର ସିଂହ କହିଛନ୍ତି।

ପୋଲିସ ସୂଚନା ଅନୁଯାୟୀ, ଗତ ବୁଧବାର ଅପରାହ୍ନ ୧ଟାରେ ହାଡ଼ିଆ ଓ ତାଙ୍କର ୨ଜଣ ସହଯୋଗୀ ସୁଲୋଚନାଙ୍କ ଘର ଉପରକୁ ୩ଟି ବୋମା ଫିଙ୍ଗି ଫେରାର ହୋଇଯାଇଥିଲେ। ଏହି ସମୟରେ ସୁଲୋଚନା ତାଙ୍କ ଘରର ଦ୍ୱାରରେ ଠିଆ ହୋଇଥିଲେ। ୨ଟି ବୋମା ଫୁଟିଥିବାବେଳେ ପୋଲିସ ଗୋଟିଏ ଅଫୁଟା ବୋମା ଜବତ କରି ନିଷ୍କ୍ରିୟ କରିଥିଲା। ଏ ନେଇ ଲାଲବାଗ ଥାନାରେ ଆଇପିସି ୨୯୪, ୩୦୭, ୫୦୬, ୩୪ ଏବଂ ବିସ୍ଫୋରକ ସାମଗ୍ରୀ ଆଇନ ୧୮୮୩ର ଧାରା ୩ ଓ ୪ରେ ଏକ ମାମଲା (ନଂ. ୧୭୫/୨୦୧୯) ରୁଜୁ ହୋଇଥିଲା। ପୋଲିସ ଏହାର ତଦନ୍ତ କରି ଘଟଣାସ୍ଥଳରୁ ଅଫୁଟା ବୋମା ସହ ଫୁଟିଥିବା ବୋମାର ଟୁକୁଡ଼ା, ଗୋଟିଏ ଭଙ୍ଗା ସିମେଣ୍ଟ ଲଗା ଇଟା ଜବତ କରିଥିଲା। ପୋଲିସ ଗୁରୁବାର ରାତିରେ ଉପରୋକ୍ତ ୩ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ସେମାନଙ୍କଠାରୁ ୨ଟି ମୋବାଇଲ ଫୋନ ଜବତ କରିଛି। କୁଖ୍ୟାତ ଅପରାଧୀ ତଥା ଧଳସାମନ୍ତଙ୍କ ସହଯୋଗୀ ହାଡ଼ିଆ ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ହୋଇଥିବାବେଳେ ତାଙ୍କ ବିରୋଧରେ ଲାଲବାଗ ଥାନାରେ ୧୪ଟି, ମର୍କତନଗରରେ ୪ଟି, ବିଡ଼ାନାସୀ, କ୍ୟାଣ୍ଟନମେଣ୍ଟ ଏବଂ ଚାଉଳିଆଗଞ୍ଜ ଥାନାରେ ଗୋଟିଏ ଲେଖାଏ ମାମଲା ରହିଛି।

## ଟ୍ରେନ, ଷ୍ଟେଶନରେ ପ୍ଲାଷ୍ଟିକ କଟକଣା

**ଭୁବନେଶ୍ୱର, ୨୩।୮ (ବ୍ୟୁରୋ)**

ଆସନ୍ତା ଅକ୍ଟୋବର ୨ରୁ ଭାରତୀୟ ରେଳପଥ ଟ୍ରେନ ଓ ଷ୍ଟେଶନରେ ଏକକ ଉପଯୋଗୀ ପ୍ଲାଷ୍ଟିକକୁ ନିଷିଦ୍ଧ କରିବାକୁ ନିଷ୍ପତ୍ତି ନେଇଛି। ପର୍ଯ୍ୟାୟକ୍ରମେ ବିଭିନ୍ନ ଷ୍ଟେଶନରେ ପ୍ଲାଷ୍ଟିକ ପାଣି ବୋତଲ ନଷ୍ଟକାରୀ ମେଶିନ ଲଗାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରଥମ ପର୍ଯ୍ୟାୟରେ ୩୬୦ ପ୍ରମୁଖ ରେଳ ଷ୍ଟେଶନରେ ଏହି ମେଶିନ ଲାଗିବ। ଭାରତୀୟ ରେଳପଥର ବିଭିନ୍ନ ଜୋନର ଜେନେରାଲ ମ୍ୟାନେଜରଙ୍କୁ ଲାଇସେନ୍ସ ପାଇଥିବା ସମସ୍ତ ଭେଣ୍ଡରମାନଙ୍କୁ ପ୍ଲାଷ୍ଟିକ ବ୍ୟାଗ ବ୍ୟବହାର ବନ୍ଦ କରିବାକୁ ନିର୍ଦ୍ଦେଶ ଦେବାକୁ କୁହାଯାଇଛି। ରେଳ କର୍ମଚାରୀଙ୍କ ପାଇଁ ମଧ୍ୟ ଏହା ଲାଗୁ ହୋଇଛି। କର୍ମଚାରୀମାନେ ପ୍ଲାଷ୍ଟିକ ସାମଗ୍ରୀର ବ୍ୟବହାର ନ କରିବାକୁ କୁହାଯାଇଛି। ଭାରତୀୟ ରେଳପଥକୁ ଅଳିଆ ସୃଷ୍ଟିକାରୀ ବୋଲି ଚିହ୍ନଟ ହୋଇଥିବା କଥା ରେଳପଥ ବୋର୍ଡରେ ଆଲୋଚନା ହୋଇଥିଲା। ଏହାପରେ ଏ ଦିଗରେ କଡା ପଦକ୍ଷେପ ନେବାକୁ ନିଷ୍ପତ୍ତି ହୋଇଛି ବୋଲି ରେଳପଥ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ, ଏକକ ଉପଯୋଗୀ ପ୍ଲାଷ୍ଟିକ ୫୦ ମାଇକ୍ରୋନରୁ ଅଧିକ ହେବା ଆବଶ୍ୟକ ବୋଲି ନିୟମ ରଖାଯାଇଛି।

### ଥାନାରେ ଅଭିଯୋଗ ପରେ ପକ୍ଷ ରଖିଲେ କୁମାର ପ୍ରଶାନ୍ତ

## ସତ୍ୟକୁ ଗ୍ରହଣ କର

**ଭୁବନେଶ୍ୱର, ୨୩।୮ (ବ୍ୟୁରୋ):** ନିକଟରେ ଭୁବନେଶ୍ୱରରେ ଅନୁଷ୍ଠିତ 'ଗାନ୍ଧୀ କଥା' କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ଅଧ୍ୟକ୍ଷ କୁମାର ପ୍ରଶାନ୍ତ ଯୋଗଦେଇ ଗାନ୍ଧୀଙ୍କ ଜୀବନୀ ଓ ବିଭିନ୍ନ ପ୍ରସଙ୍ଗରେ ଅନେକ ତଥ୍ୟ ଉପସ୍ଥାପନ କରିଥିଲେ। ଏଥିରେ କେତେଜଣ ନିଜର ଅସହମତି ପ୍ରକାଶ କରିବା ସହ ମିଛ ତଥ୍ୟ ଉପସ୍ଥାପନ କରିଥିବା ନେଇ କୁମାରଙ୍କ ବିରୋଧରେ କଟକ ଓ ଫୁଲବାଣୀ ଆଦର୍ଶ ଥାନାରେ ଅଭିଯୋଗ ହୋଇଛି। ଏ ସମ୍ପର୍କରେ କୁମାର ଶୁକ୍ରବାର ସ୍ଥାନୀୟ ଲୋହିଆ ଏକାଡେମୀରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ନିଜ ପକ୍ଷ ରଖିଛନ୍ତି। ସେ କହିଛନ୍ତି, ଯଦି ମୁଁ ଭୁଲ ତଥ୍ୟ ଉପସ୍ଥାପନ କରିଛି, ତା'ହେଲେ ସତଟା କ'ଣ ମୋ ସାମ୍ନାରେ ରଖ ଓ ତା'ର ପ୍ରମାଣ ଦିଅ। ସତ ବହୁତ ଲୋକଙ୍କ ଚେହେରାକୁ ପଦାରେ ପକାଇଥାଏ। ସତ ସବୁବେଳେ ସତ, ତାକୁ କେବେ କେହି ଲୁଚାଇ ରଖିହେବ ନାହିଁ। ସତକୁ ସାମ୍ନା କରିବା ସହ ଗ୍ରହଣ କରିବା ଶିଖ, ତା'କୁ ଚ୍ୟାଲେଞ୍ଜ କରନାହିଁ ବୋଲି କୁମାର କହିଛନ୍ତି।

## ସିପାହି ପଦବୀ ପାଇଁ ଶାରୀରିକ ପରୀକ୍ଷାବେଳେ ଅସୁସ୍ଥ ଯୁବକଙ୍କ ମୃତ୍ୟୁ

**ଭୁବନେଶ୍ୱର, ୨୩।୮ (ବ୍ୟୁରୋ):** ନୟାପଲ୍ଲୀ ଥାନା ଅନ୍ତର୍ଗତ ସିଆଇଏସ୍ଏଫ୍ କ୍ୟାମ୍ପସରେ ଗତ ୨୦ ତାରିଖରେ ସିପାହି ପଦବୀ ପାଇଁ ଦୌଡ଼ ପରୀକ୍ଷା ଚାଲିବେଳେ ଯାଜପୁର ଜିଲା ଚଣ୍ଡିଖୋଲ ଅଞ୍ଚଳର ପ୍ରୀତମ୍ ବାରିକ(୨୦) ଅଚେତ ହୋଇ ତଳେ ପଡ଼ିଯାଇଥିଲେ। ସିଆଇଏସ୍ଏଫ୍ କର୍ମଚାରୀମାନେ ଉଦ୍ଧାର କରି ତାଙ୍କୁ ତୁରନ୍ତ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ଜଟିଳ ହେବାରୁ ତାଙ୍କୁ ଆଇସିୟୁରେ ରଖି ଚିକିତ୍ସା କରାଯାଉଥିଲା। ଗୁରୁବାର ରାତି ପ୍ରାୟ ୩ଟାରେ ତାଙ୍କର ମୃତ୍ୟୁ ଘଟିଥିବା ନେଇ ହସ୍ପିଟାଲ ସୂତ୍ରରୁ ସୂଚନା ଦିଆଯାଇଛି। ଏନେଇ ନୟାପଲୀ ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛି।

### ଛାତ୍ର ସଂସଦ ନିର୍ବାଚନ ବାତିଲ ପ୍ରସଙ୍ଗ

# ତେଜିଲା ଛାତ୍ର ଅସନ୍ତୋଷ

**ଭୁବନେଶ୍ୱର, ୨୩।୮ (ବ୍ୟୁରୋ)**



- ଏବିଭିପି ପକ୍ଷରୁ ମନ୍ତ୍ରୀଙ୍କ ବାସଭବନ ଘେରାଉ ଉଦ୍ୟମ
- ପୋଲିସ ସହ ଧସ୍ତାଧସ୍ତି
- ଏଆଇଏସ୍ଏଫ୍‌ର ବିକ୍ଷୋଭ

ଚଳିତବର୍ଷ ସରକାରୀ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଛାତ୍ରସଂସଦ ନିର୍ବାଚନ ହେବନାହିଁ। କେବଳ ଛାତ୍ର ନେତା ଚୟନ କରାଯିବ ବୋଲି ରାଜ୍ୟ ସରକାର ଗୁରୁବାର ଏକ ବିଜ୍ଞପ୍ତି ପ୍ରକାଶ କରିଥିଲେ। ଏହାକୁ ନେଇ ଛାତ୍ର ଅସନ୍ତୋଷ ତେଜିଛି। ଶୁକ୍ରବାର ଏବିଭିପି ପକ୍ଷରୁ ଶତାଧିକ ଛାତ୍ରୀଛାତ୍ର ୟୁନିଟ୍-୧ସ୍ଥିତ ଉଚ୍ଚ ଶିକ୍ଷାମନ୍ତ୍ରୀ ଅରୁଣ ସାହୁଙ୍କ ସରକାରୀ ବାସଭବନ ଘେରାଉ କରିବା ପାଇଁ କମଳା ନେହେରୁ କଲେଜ ନିକଟରୁ ବାହାରିଥିଲେ। ଏହାକୁ ଦୃଷ୍ଟିରେ ରଖି ମନ୍ତ୍ରୀଙ୍କ ବାସଭବନ ଆଗରେ ସୁରକ୍ଷା ବ୍ୟବସ୍ଥାକୁ ବଢ଼ାଇ ଦିଆଯାଇଥିଲା। ଏବିଭିପି ଛାତ୍ରମାନେ ମନ୍ତ୍ରୀଙ୍କ ବାସଭବନକୁ ଧସେଇ ପଶିବାକୁ ଉଦ୍ୟମ କରିବା ସମୟରେ ପୋଲିସ ସେମାନଙ୍କୁ ଅଟକାଇଥିଲେ। ଫଳରେ ଉଭୟଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ପୋଲିସ ଏବିଭିପି ଛାତ୍ର ନେତା ଅଭିଳାଷ ପଣ୍ଡା ସମେତ ଅନ୍ୟ ୩୫ ଜଣଙ୍କୁ ଉଠାଇ ନେଇଥିଲା। ସନ୍ଧ୍ୟାରେ ସେମାନଙ୍କୁ ଛାଡି ଦିଆଯାଇଛି। ଛାତ୍ର ନେତା ସଞ୍ଜୟ ମଲିକ କହିଛନ୍ତି ଯେ, ବିଭିନ୍ନ କଲେଜ କ୍ୟାମ୍ପସରେ ଏବିଭିପିର ସାଙ୍ଗଠନିକ ଉତ୍ଥାନ ଦେଖି ଶାସକ ଦଳ ବିଚଳିତ ହୋଇପଡ଼ିଛି। ତେଣୁ ଉଦ୍ଦେଶ୍ୟମୂଳକ ଭାବେ ଛାତ୍ରସଂସଦ ନିର୍ବାଚନ ବନ୍ଦ କରିଛନ୍ତି। ସରକାର ନିର୍ବାଚନ ବନ୍ଦ ନିଷ୍ପତ୍ତିକୁ ବଦଳାଇବାକୁ ଏବିଭିପି ପକ୍ଷରୁ ଦାବି କରାଯାଇଛି।

ଏଆଇଡିଏସ୍ଓ ପକ୍ଷରୁ ମଧ୍ୟ ଛାତ୍ର ନିର୍ବାଚନ ବାତିଲକୁ ନେଇ ବିରୋଧ କରାଯାଇଛି। ଏନେଇ ସଂଗଠନର ରାଜ୍ୟ ସଭାପତି ଏକ ଖବରଦାତା ସମ୍ମିଳନୀ କରି କହିଛନ୍ତି ଯେ, ଛାତ୍ର ସଂସଦ ନିର୍ବାଚନରୁ ରାଜ୍ୟ ତଥା ଦେଶ ନୂଆ ନେତା ପାଇଥାଏ। ହେଲେ ସରକାରଙ୍କ ସ୍ୱାର୍ଥ ଦୃଷ୍ଟିରୁ ଏହି ନିର୍ବାଚନକୁ ବାତିଲ କରାଯାଇଛି। ଛାତ୍ର ସଂସଦ ନିର୍ବାଚନ ଛାତ୍ରୀଛାତ୍ରଙ୍କ ଗଣତାନ୍ତ୍ରିକ ଅଧିକାର। ସରକାର ତାହାକୁ ଛଡ଼ାଇ ନେଇଛନ୍ତି। ତେଣୁ ଏହାକୁ ନେଇ ବିକ୍ଷୋଭ କରାଯିବ। ସରକାର ଏହି ନିଷ୍ପତ୍ତିକୁ ବଦଳାଇବା ପାଇଁ ସେ ଦାବି କରିଛନ୍ତି।

ଛାତ୍ର ନିର୍ବାଚନ ବାତିଲ କରିବା ନିଷ୍ପତ୍ତିକୁ ଅଗଣତାନ୍ତ୍ରିକ ଏବଂ ଛାତ୍ର ସମାଜର ଗଣତାନ୍ତ୍ରିକ ଅଧିକାର ଉପରେ ଖୋଲା ପ୍ରହାର ବୋଲି ଏସ୍ଏଫ୍ଆଇ ପକ୍ଷରୁ କୁହାଯାଇଛି। ସଂଗଠନ ପକ୍ଷରୁ ଏକ ପ୍ରଶ୍ନ କରାଯାଇଛି ଯେ, ସାଧାରଣ ନିର୍ବାଚନରେ ହିଂସା ଓ ଗୁଣ୍ଡାମି ବୃଦ୍ଧିପାଉଛି। ତା'ମାନେ କ'ଣ ସାଧାରଣ ନିର୍ବାଚନକୁ ବନ୍ଦ କରିଦିଆଯାଉଛି କି? ତେଣୁ ଛାତ୍ର ସଂସଦ ନିର୍ବାଚନ ବନ୍ଦ ନିଷ୍ପତ୍ତିକୁ ସରକାର ପ୍ରତ୍ୟାହାର କରି ନିଅନ୍ତୁ ବୋଲି ସଂଗଠନର ରାଜ୍ୟ ଆବାହକ ବିପ୍ଳବ ମିଶ୍ର କହିଛନ୍ତି।

ଅନ୍ୟପକ୍ଷରେ ଏଆଇଏସ୍ଏଫର ଛାତ୍ର ନେତାମାନେ ପ୍ଲାକାର୍ଡ ଧରି ମାଷ୍ଟରକ୍ୟାଣ୍ଟିନ ଛକରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏଆଇଏସ୍ଏଫ୍‌ର ରାଜ୍ୟ ସଭାନେତ୍ରୀ ସଂଘମିତ୍ରା ଜେନା କହିଛନ୍ତି ଯେ, ସରକାର ନିଷ୍ପତ୍ତିକୁ ପରିବର୍ତ୍ତନ କରନ୍ତୁ ନ ହେଲେ ଆଗାମୀ ଦିନରେ ଛାତ୍ର ଆନ୍ଦୋଳନକୁ ମୁକାବିଲା ପାଇଁ ପ୍ରସ୍ତୁତ ରୁହନ୍ତୁ ବୋଲି ସେ କହିଛନ୍ତି।




ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକରେ ଏଆଇଏସ୍ଏଫ୍ ପକ୍ଷରୁ ପ୍ରତିବାଦ କରାଯାଇଛି।



ପ୍ରତିବାଦବେଳେ ପୋଲିସ ଓ ଏବିଭିପି ଛାତ୍ରଙ୍କ ମଧ୍ୟରେ ଧସ୍ତାଧସ୍ତି ।

## ସେଲ୍‌ଫି କର୍ଣ୍ଣରେ ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



ଶିବ



ମନୋଜ



ପ୍ରିୟବ୍ରତ



ପଦ୍ମ



କ୍ଷିତୀଶ



କିରଣ



କାଳନ୍ଦୀ



ଆୟେଶା

ଏଠାରେ ନାହିଁ? ଦେଖନ୍ତୁ ଆପଣଙ୍କ ସେଲ୍‌ଫି ଫଟୋ
www.dharitri.com/category/selfie/



ମାନବ ଶରୀର ତୁମକୁ ଦିଆଯାଇଛି, ଜୀବଜଗତର କଲ୍ୟାଣରେ ନିଜକୁ ନିୟୋଜିତ କରିବା ପାଇଁ। ଏହାଦ୍ୱାରା ତୁମର ଆତ୍ମା ଭଗବାନଙ୍କ ଚରଣ ତଳେ ସ୍ଥାନ ପାଇବା ପାଇଁ ସକ୍ଷମ।
- ଗୁରୁ ନାନକ



## ଦେଢ଼ଘଣ୍ଟା ବର୍ଷା

# ରାଜଧାନୀ ପାଣି ପାଣି

**ଜନ୍ମାଷ୍ଟମୀ ପାଇଁ ଶୁକ୍ରବାର ସକାଳୁ ଚଳଚଞ୍ଚଳ ଥିଲା ରାଜଧାନୀ। ଘରଠାରୁ ମନ୍ଦିର ପର୍ଯ୍ୟନ୍ତ ଲୋକେ ଯିବାଆସିବା କରୁଥିଲେ। ଆଉ କିଏ ଅନ୍ୟ କାର୍ଯ୍ୟରେ ବାହାରିଥିଲେ। ଛୁଟିଦିନ ସହ ଭଲ ପାଗ ଥିବାରୁ ରାସ୍ତାଘାଟ ସବୁଠି ଭିଡ଼ ବି ଥିଲା। ସକାଳ ପ୍ରାୟ ୮ଟା ୪୫ ବେଳକୁ ଝିପିଝିପି ବର୍ଷା ଆରମ୍ଭ ହୋଇଥିଲା। ଧୀରେ ଧୀରେ ବର୍ଷା ବଢ଼ିବା ସହ ସାଢ଼େ ୯ଟାରେ ହଠାତ୍ ନିର୍ଘୁମ୍ ଛେଚିଥିଲା। ଦେଢ଼ ଘଣ୍ଟା ଧରି ବାଦଲଫଟା ବର୍ଷାରେ ଭୁବନେଶ୍ୱର ଉବୁଟୁବୁ ହୋଇଯାଇଥିଲା। ରାସ୍ତା, ଡ୍ରେନ୍ ଏକାକାର ହୋଇପଡିଥିଲା। ସହରର ଅଧିକାଂଶ ମୁଖ୍ୟ ରାସ୍ତା, ଓଭରବ୍ରିଜ ଓ କଲୋନୀ ରାସ୍ତାରେ ପାଣିର ସୁଅ ଛୁଟିଥିଲା। ତେବେ କିଛି ସମୟ ପରେ ରାସ୍ତା ଓ ଡ୍ରେନ୍ ଏକାକାର ହୋଇଯାଇଥିଲା। ଡ୍ରେନ୍‌ର ଲେଉଟାଣି ଆର୍ବଜନା ମିଶା ପାଣି ବିଭିନ୍ନ ରାସ୍ତାକୁ ବୁଡାଇ ଘର, ବାହାରେ ଯେଉଁଠି ପାରିଲା ପଶିଥିଲା। ଏପଟେ ରାସ୍ତାରେ ଆଣ୍ଠୁଏରୁ ଅଣ୍ଟାଏ ପାଣି ହେବାରୁ ଗାଡିମୋଟର ଚଳାଚଳ ବନ୍ଦ ହୋଇଯାଇଥିଲା। ପୂର୍ବାହ୍ନ ପ୍ରାୟ ସାଢ଼େ ୧୦ଟା ବେଳକୁ ସହରର ସ୍ଥିତି ପୂରା ଜଟିଳ ହୋଇଯାଇଥିଲା। କେଉଁଠି କାର୍ ଭାସୁଥିଲା ତ ଆଉ କେଉଁଠି ବାଇକ୍‌ଗୁଡିକ ପାଣିରେ ବୁଡି ରହିଥିବା ଦେଖିବାକୁ ମିଳିଥିଲା। ଲୋକେ ବହୁ ସମୟ ଧରି ଫସି ରହି ହଟହଟା ହୋଇଥିଲେ। ଏପରି ସ୍ଥିତି ପାଇଁ କିଏ ସରକାରଙ୍କୁ ତ ପୁଣି ଆଉ କିଏ ଭୁବନେଶ୍ୱର ମହାନଗର ନିଗମକୁ ଗାଳି କରୁଥିବା ଶୁଣିବାକୁ ମିଳିଥିଲା। ଏପରିକି ସ୍ମାର୍ଟ ସିଟିକୁ ନେଇ ନାନା କଟାକ୍ଷ କରୁଥିଲେ।**



ଜଳାର୍ଣ୍ଣବ ଇସ୍କନ ମନ୍ଦିର ସମ୍ମୁଖ ରାସ୍ତା

ସ୍ଥିତପ୍ରଜ୍ଞ ମିଶ୍ର
ଭୁବନେଶ୍ୱର, ୨୩।୮ (ବ୍ୟୁରୋ)

ଶୁକ୍ରବାର ଦେଢ଼ଘଣ୍ଟାର ବର୍ଷା ସ୍ମାର୍ଟସିଟିର ଜନଜୀବନକୁ ପୂରା ଅସ୍ତବ୍ୟସ୍ତ କରିଦେଇଥିଲା। ଜନପଥ, ଜାତୀୟ ରାଜପଥଠାରୁ ଆରମ୍ଭ କରି ଚନ୍ଦ୍ରଶେଖରପୁର, ପୁରୁଣା ଭୁବନେଶ୍ୱର, ଇସ୍କନ ମନ୍ଦିର ଅଞ୍ଚଳ, ବେହେରାସାହି, ରସୁଲଗଡ଼, କଟକ ରୋଡ୍, ମାଉସୀମା ଛକ, ୟୁନିଟ-୮ ଅଞ୍ଚଳ, ବମିଖାଲ, ସୂର୍ଯ୍ୟନଗର, ପୋଖରୀପୁଟ, ସୌଭାଗ୍ୟନଗର, ସତ୍ୟବିହାର, ଜିଜିପି କଲୋନୀ, ସାଲିଆସାହି ଆଦି ବିଭିନ୍ନ ଅଞ୍ଚଳରେ ଜଳବନ୍ଦୀ ସମସ୍ୟା ସୃଷ୍ଟି ହୋଇଥିଲା। ମୁଖ୍ୟ ରାସ୍ତା ଯଥା ବିଦ୍ୟୁତ୍ ମାର୍ଗ, ଜନପଥ, କଟକରୋଡ୍ ଓ ଇସ୍କନ ମନ୍ଦିର ସମ୍ମୁଖ ଜାତୀୟ ରାଜପଥର ସ୍ଥିତି ସବୁଠୁ ଜଟିଳ ହୋଇପଡିଥିଲା। ସେହିପରି ଅନେକ କଲୋନୀ ଓ ତଳି ଅଞ୍ଚଳରେ ଲୋକଙ୍କ ଘରେ ପାଣି ପଶିଯାଇଥିଲା। ପାଣି ଛାଡ଼ିବା ପରେ ମଇଳା ଓ ଆବର୍ଜନାର ଆସ୍ତରଣ ରାସ୍ତାରେ ଜମି ରହିଥିଲା। ପାଣିରେ ଫସି ରହିଥିବା ଗାଡ଼ି ଓ ସାଇକେଲରେ ମଧ୍ୟ ଆବର୍ଜନା ଲାଖିରହିଥିବା ଦେଖିବାକୁ ମିଳିଥିଲା।

ଜନପଥ ରାସ୍ତାରେ ଫସି ରହିଥିବା ଗାଡ଼ି



### କଟକ ରୋଡ୍‌ରେ ଠପ୍ ହୋଇଗଲା ଯାତାୟାତ

ବର୍ଷା ପାଣି ଜମି ରହିବା ଯୋଗୁ ସବୁଠୁ ଚଳଚଞ୍ଚଳ କଟକ ରୋଡ୍‌ରେ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଲକ୍ଷ୍ମୀସାଗର ଛକ, ବମିଖାଲ ଫ୍ଲାଏ ଓଭର ଓ ଏସ୍‌ପ୍ଲାନେଡ଼ ମଲ୍ ସାମ୍ନାରେ ପାଣି ବହୁ ସମୟ ଧରି ଜମି ରହିଥିବା ଫଳରେ ଯାତାୟାତ ଠପ୍ ହୋଇଯାଇଥିଲା। ମୁଖ୍ୟ ଡ୍ରେନରୁ ପାଣି ଓଲଟି ଆସି ଆବର୍ଜନା ସହ ରାସ୍ତା ଉପରେ ଭାସୁଥିଲା। ଓଲ୍ଡ ଷ୍ଟେଶନ ବଜାରରୁ ଲକ୍ଷ୍ମୀସାଗର ଛକ ଓ ସନ୍ତୋଷୀ ମା' ମନ୍ଦିରଠାରୁ ଏସ୍‌ପ୍ଲାନେଡ ଯାଏ ଗାଡ଼ିଗୁଡ଼ିକ ଧାଡ଼ିରେ ଅଟକି ରହିଥିଲା।



ବମିଖାଲ ଓଭରବ୍ରିଜ୍ ପାର୍ଶ୍ୱ ରାସ୍ତା ଜଳାର୍ଣ୍ଣବ

### ସବୁଠୁ ବଳିଗଲା ସ୍ମାର୍ଟ ଜନପଥର ଦୃଶ୍ୟ

ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡ଼ (ବିଏସ୍‌ସିଏଲ) ପକ୍ଷରୁ ଜନପଥକୁ ସ୍ମାର୍ଟ କରିବା ଲାଗି ପ୍ରଚେଷ୍ଟା ଚାଲିଛି। ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ବିଭିନ୍ନ ପ୍ଲାନିଂ ଦେଉଛି। ହେଲେ ବର୍ଷା ସବୁକିଛି ପଦାରେ ପକାଇ ଦେଉଛି। ଅସରାଏ ବର୍ଷାରେ ସ୍ମାର୍ଟ ରାସ୍ତାର ନଗ୍ନ ଚିତ୍ର ସମସ୍ତେ ଦେଖୁଛନ୍ତି। ଡ୍ରେନ୍‌ରେ ଆବର୍ଜନା ଜମି ରହିଥିବାରୁ ଶୁକ୍ରବାର ବର୍ଷାପାଣି ନିଷ୍କାସିତ ହୋଇ ନ ପାରି ରାସ୍ତାରେ ଉଚ୍ଛୁଳି ପଡିଥିଲା। ଡିଭାଇଡର ବୁଡି ଦୁଇପାର୍ଶ୍ୱ ରାସ୍ତା ମିଶିଯାଇ ନଦୀର ଭ୍ରମ ସୃଷ୍ଟି କରିଥିଲା। ଓଡି୦୫ଏଏଫ୍୩୧୬୧ ନମ୍ବର ବିଶିଷ୍ଟ କାର୍ ଇଞ୍ଜିନରେ ପାଣି ପଶିଯିବାରୁ ତାହା ଖରାପ ହୋଇଯାଇଥିଲା। ପାଣି ଭୟରେ ବସ୍‌ଠାରୁ ଆରମ୍ଭ କରି କାର୍ ଓ ବାଇକ୍ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିଲା। ମାଷ୍ଟରକ୍ୟାଣ୍ଟିନ ଛକ ଓ ସେପଟେ ରାଜମହଲ ଛକଠାରୁ ଗାଡ଼ିଗୁଡ଼ିକ ଲମ୍ୱା ଲାଇନ୍‌ରେ ଅଟକି ରହିଥିବା ଦେଖିବାକୁ ମିଳିଥିଲା।





ରାଜମହଲ ଛକ ନିକଟ ଜନପଥରେ ବର୍ଷା ପାଣି ଲହଡ଼ି ମାରୁଛି

### ଡିଭାଇଡର ଭାଙ୍ଗି ପାଣି ନିଷ୍କାସନ କଲେ ଲୋକେ ▲

ଜନପଥରେ ଦୀର୍ଘ ସମୟ ଯାଏ ପାଣି ଜମି ରହିବା ଫଳରେ ଲୋକେ କିଛି ଉପାୟ ନ ପାଇ ରାସ୍ତା ଡିଭାଇଡ଼ର ଭାଙ୍ଗି ପାଣି ନିଷ୍କାସନ କରିଥିଲେ। ସ୍ଥାନୀୟ ବାସିନ୍ଦା ଅଶୋକ ଜେନା କହିଛନ୍ତି, ପାଣି ଜମି ରହିଥିବା ନେଇ ବିଏମ୍‌ସି ଅଧିକାରୀଙ୍କୁ ଜଣାଇଥିଲୁ। ହେଲେ ବିଏମ୍‌ସି ପକ୍ଷରୁ କେହି ବି ପହଞ୍ଚିଲେ ନାହିଁ। ଫଳରେ ବାଧ ହୋଇ ସ୍ଥାନୀୟ କିଛି ଯୁବକଙ୍କୁ କହି ରାସ୍ତା ଭାଙ୍ଗିବାକୁ କହିଲୁ। ପାଣି କମିଯିବା ପରେ ରାସ୍ତା ସ୍ୱାଭାବିକ ହେଲା।



ଜଣେ ଶ୍ରଦ୍ଧାଳୁ ଅଣ୍ଟାଏ ପାଣିରେ ପଶି ଇସ୍କନ ମନ୍ଦିରକୁ ଯାଉଛନ୍ତି



କୃଷ୍ଣବେଶରେ ଜଣେ ପିଲା ପାଣିରେ ପଶି ରାସ୍ତା ପାର ହେଉଛନ୍ତି



କଟକ ରୋଡ ଲକ୍ଷ୍ମୀସାଗର ଛକ ନିକଟରେ ବର୍ଷା ଜଳରେ ଫସିଥିବା ଗାଡ଼ି

ଫଟୋ: ବିକାଶ ନାୟକ, ମୌସମ ନନ୍ଦ, ମନୋରଞ୍ଜନ ମିଶ୍ର

### ଇସ୍କନ ମନ୍ଦିର ନିକଟରେ ବିକଳ ଚିତ୍ର



ଇସ୍କନ ମନ୍ଦିର ସମ୍ମୁଖରେ ଶୁକ୍ରବାର ଜଳବନ୍ଦୀ ପାଇଁ ସବୁଠୁ ବିକଳ ପରିସ୍ଥିତି ସୃଷ୍ଟି କରିଥିଲା। ମନ୍ଦିର ପରିସର, ଜାତୀୟ ରାଜପଥ ଓ ଓଭରବ୍ରିଜ୍‌ରେ ବହୁ ସମୟ ଧରି ପାଣି ଜମି ରହିଥିଲା। ମନ୍ଦିରକୁ ଆସିଥିବା ହଜାର ହଜାର ଭକ୍ତ ଓ ରାସ୍ତାରେ ଯାଉଥିବା ଲୋକେ ପାଣିରେ ଫସିଯାଇଥିଲେ। ହଠାତ୍ ପାଣି ଏପରି ମାଡ଼ି ଯିବାରୁ ଲୋକଙ୍କ ଚପଲ ଓ ଉଠା ଦୋକାନ ଭାସି ଯାଇଥିଲା। ବର୍ଷା ଛାଡ଼ିବା ପରେ ଲୋକେ ଅଣ୍ଟାଏ ଓ ଛାତିଏ ପାଣିରେ ପଶି ନିଜ ସାମଗ୍ରୀ ଖୋଜୁଥିବା ଦୃଶ୍ୟ ଅତ୍ୟନ୍ତ ସ୍ପର୍ଶକାତର ଥିଲା। ସାଇଫନରେ ଆବର୍ଜନା ଜମିଥିବାରୁ ଏ ପରିସ୍ଥିତି ସୃଷ୍ଟି ହୋଇଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଥିବାବେଳେ ଏନ୍‌ଏଚ୍‌ଏଆଇ ପ୍ରୋଜେକ୍ଟ ଡ଼ାଇରେକ୍ଟର ଦେବପ୍ରସାଦ ସାହୁ କିଛି କହିବାକୁ ମନା କରିଥିଲେ।

**ବୁଡ଼ିଲା ଗାଡ଼ି, ଭାସିଲା ହଜାର ହଜାର ଚପଲ**





ଭାସିଲା ଶ୍ରଦ୍ଧାଳୁଙ୍କ ଚପଲ

### ପଦାରେ ପଡ଼ିଲା ବିଫଳତା

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ୬୭ ୱାର୍ଡରେ ମୋଟ ୬୫୦ କି.ମି. ଆଭ୍ୟନ୍ତରୀଣ ଡ୍ରେନ୍ ଓ ୬୦ କି.ମି. ମୁଖ୍ୟ ଡ୍ରେନ୍ ରହିଛି। ପ୍ରତିବର୍ଷ ବର୍ଷା ହେଲେ ଜଳବନ୍ଦୀ ସମସ୍ୟାରେ ସ୍ମାର୍ଟସିଟିବାସୀ ଘାଣ୍ଟି ହେଉଛନ୍ତି। ଯୋଜନା ପରେ ଯୋଜନା କରାଯାଇ ବହୁ କୋଟି ଟଙ୍କା ଖର୍ଚ୍ଚ ହେଉଛି। ଜଳ ନିଷ୍କାସନ ପାଇଁ ପୂରା ପ୍ରସ୍ତୁତ ଥିବା ବିଏମ୍‌ସି ସବୁବେଳେ ସଫେଇ ଦେଉଛି। ଡ୍ରେନ୍‌ରୁ ଆବର୍ଜନା ସଫେଇ, ରାସ୍ତାରୁ ଡ୍ରେନ୍‌କୁ ଜଳ ନିଷ୍କାସନ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଥିବା କୁହାଯାଉଛି। ହେଲେ ସମସ୍ୟା ଉପୁଜିଲେ ଦୋଷ ଲଦାଲଦି ହେଉଛନ୍ତି। ଫଳରେ ସାଧାରଣ ଲୋକେ ବର୍ଷବର୍ଷ ଧରି ସମସ୍ୟାରେ ଘାଣ୍ଟି ହେଉଛନ୍ତି। ଶୁକ୍ରବାର ସହର ଜଳବନ୍ଦୀ ହୋଇଥିବାବେଳେ ବିଏମ୍‌ସି ପକ୍ଷରୁ କେତେକ ସ୍ଥାନରେ ପମ୍ପସେଟ୍ ଦ୍ୱାରା ଜଳ ନିଷ୍କାସନ କରାଯାଇଥିଲେ ମଧ୍ୟ ତାହା ଯଥେଷ୍ଟ ନ ଥିଲା। ସନ୍ଧ୍ୟାରେ ବିଏମ୍‌ସି ପ୍ରେସ୍ ବିବୃତି ଜାରି କରି ଜଳବନ୍ଦୀ ସମସ୍ୟାକୁ ସଫଳ ମୁକାବିଲା କରିଥିବା ଜଣାଇଛି।



ମା’ ପୁଅକୁ, ମାଛ ପାଣିକୁ ଓ ଲୋଭୀ ଧନକୁ ଭଲ ପାଇବା ପରି,
ଯିଏ ପ୍ରକୃତ ଭକ୍ତ ସିଏ ଭଗବାନଙ୍କ ନାମକୁ ଭଲ ପାଇଥାଏ।
- ସନ୍ଥ ତୁଳସୀ ଦାସ



## ସଂକ୍ଷେପରେ

### ଲଜ୍ ମାଲିକଙ୍କୁ ମରଣାନ୍ତକ ଆକ୍ରମଣ

ପୁରୀ ଅଫିସ, ୨୩।୮: ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଜଣେ ଲଜ୍ ମାଲିକଙ୍କୁ ଶୁକ୍ରବାର ରାତିରେ ୩ଜଣ ଦୁର୍ବୃତ୍ତ ମାରଣାସ୍ତ୍ରରେ ମରଣାନ୍ତକ ଆକ୍ରମଣ କରିଛନ୍ତି। ଆହତ ଜଣକ ହେଲେ ଆରସାଦ୍ ହୁସେନ୍(୪୩)। ରକ୍ତ ଜୁଡୁବୁଡୁ ଅବସ୍ଥାରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। କୁମ୍ଭାରପଡା ଥାନା ଅଧୀନ ନରେନ୍ଦ୍ରକୋଣ ଅଞ୍ଚଳରେ ଏହି ଘଟଣା ଘଟିଛି। ଘଟଣାରେ ପରେ ଦୁର୍ବୃତ୍ତ ମାନେ ଫେରାର ହୋଇଯାଇଛନ୍ତି। ପୋଲିସ ଲଜ୍‌ରେ ଲାଗିଥିବା ସିସିଟିଭିକୁ ଯାଞ୍ଚ କରୁଛି ବୋଲି ଥାନା ଅଧିକାରୀ କୁଳମଣି ସେଠୀ କହିଛନ୍ତି। ନରେନ୍ଦ୍ରକୋଣ ଛକରେ ଆରସାଦ୍‌ଙ୍କ ଏକ ଲଜ୍ ରହିଛି। ଶୁକ୍ରବାର ରାତି ସାଢେ ୭ଟା ସମୟରେ ଆରସାଦ୍ ଲଜ୍‌ରେ ଉପସ୍ଥିତ ଥିଲେ। ଏହି ସମୟରେ ଦୁଇଟି ବାଇକରେ ୩ଜଣ ଦୁର୍ବୃତ୍ତ ପହଞ୍ଚିଥିଲେ। କୌଣସି କାରଣକୁ ନେଇ ଉଭୟଙ୍କ ମଧ୍ୟରେ ଉଚ୍ଚବାଚ ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ଦୁର୍ବୃତ୍ତମାନେ ହାତରେ ଧରିଥିବା ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ସେମାନେ ତାଙ୍କ ପିଠିକୁ ଚୋଟ ମାରି ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲେ। ଲଜ୍ କର୍ମଚାରୀଙ୍କୁ ତାଙ୍କୁ ମେଡିକାଲରେ ଭର୍ତ୍ତି କରିଥିଲେ। ଖବରପାଇ କୁମ୍ଭାରପଡା ପୋଲିସ ମେଡିକାଲରେ ପହଞ୍ଚି ଆରସାଦ୍‌ଙ୍କ ସହ ଆଲୋଚନା କରିଥିଲେ। ଘଟଣା ସ୍ଥଳରେ ପହଞ୍ଚି ଲଜ୍ କର୍ମଚାରୀଙ୍କୁ ପଚାରିଥିଲେ।

### ବିକାଶ ଭିଡିଓରେ ଶ୍ରୀମନ୍ଦିର ଭିତର ବେଢ଼ାର ଦୃଶ୍ୟ

ପୁରୀ ଅଫିସ, ୨୩।୮: ପୁରୀର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ୫୦୦ କୋଟି ଟଙ୍କା ଘୋଷଣା କରିଛନ୍ତି। ତେବେ ଏ ସମ୍ପର୍କୀତ ଏକ ଭିଡିଓ ପ୍ରସ୍ତୁତ କରାଯାଇଛି। ଯେଉଁଥିରେ ମୁଖ୍ୟମନ୍ତ୍ରୀ ଓଡ଼ିଆ ଜାତିର ତ୍ୟାଗ ଏବଂ ବଳିଦାନଠୁ ଆରମ୍ଭ କରି ମହାପ୍ରଭୁଙ୍କ ପାତାଳି କଥା ମଧ କହୁଛନ୍ତି। ସେହିପରି ଶ୍ରୀମନ୍ଦିରର ସୁରକ୍ଷା ପାଇଁ ହେବାକୁ ଥିବା ଉଚ୍ଛେଦ ଏବଂ ଏଥିପାଇଁ କେତେଜଣଙ୍କୁ ତ୍ୟାଗ କରିବାକୁ ଆହ୍ୱାନ ଦେଇଛନ୍ତି ମୁଖ୍ୟମନ୍ତ୍ରୀ। ତେବେ ପୁରୀର ବିକାଶ ସମ୍ପର୍କୀତ ଏହି ଭିଡିଓରେ ଶ୍ରୀମନ୍ଦିର ଭିତର ବେଢାର କିଛି ଦୃଶ୍ୟ ରହିଛି। ଏହାକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି ଭକ୍ତ। ଶ୍ରୀମନ୍ଦିର ଭିତରେ ଫଟୋ ଉଠାଇବା ଏବଂ ଭିଡିଓ ରେକର୍ଡିଂ କରିବା ଉପରେ କଟକଣା ଥିଲେ ବି ଏହି ଭିଡିଓରେ ଭିତର ବେଢାର ଦୃଶ୍ୟ କେମିତି ରହିଲା ବୋଲି ପ୍ରଶ୍ନ ଉଠାଇଛନ୍ତି।

# ଉଜୁଡ଼ା ପୁରୀକୁ ସଜାଡ଼ିବାକୁ ଉଦ୍ୟମ




ପୁରୀ ଅଫିସ, ୨୩।୮: ମେ ୩ ତାରିଖ। ବାତ୍ୟା ଫନୀରେ ଉଜୁଡ଼ି ଯାଇଥିଲା ପର୍ଯ୍ୟଟନ ସହର ପୁରୀ। ସବୁଠି ଥିଲା ହା ହତାଶର ଚିତ୍ର। ହେଲେ ଉଜୁଡ଼ା ପୁରୀକୁ ସଜାଡ଼ିବା ପାଇଁ ଏବେ ରାଜ୍ୟ ସରକାର ପଦକ୍ଷେପ ନେଇଛନ୍ତି। ଏହା ବାସ୍ତବ ରୂପ ନେଲେ ବଦଳିଯିବ ଶ୍ରୀକ୍ଷେତ୍ରର ନକ୍ସା। ବଡ଼ଦାଣ୍ଡଠାରୁ ଆରମ୍ଭ କରି ଶ୍ରୀମନ୍ଦିର ଚତୁଃପାର୍ଶ୍ୱର ଭିତ୍ତିଭୂମି ବଦଳିବା ସହ ହେବ ନବୀକରଣ। ତେବେ ପୁରୀକୁ ବିଶ୍ୱ ଐତିହ୍ୟ ସହର ଭାବେ ଗଢ଼ିବା ପାଇଁ ୫୦୦ କୋଟି ଟଙ୍କାର ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଭିତ୍ତିଭୂମିଠାରୁ ଆରମ୍ଭ କରି ସୌନ୍ଦର୍ଯ୍ୟକରଣ, ପୁରାତନ କୀର୍ତ୍ତିରାଜିର ସୁରକ୍ଷା ଏବଂ ସଂରକ୍ଷଣ ଦିଗରେ ଖର୍ଚ୍ଚ କରାଯିବ ଏହି ଅର୍ଥ। ତେବେ ସହରବାସୀ ଏହି ଘୋଷଣାକୁ ସ୍ୱାଗତ କରିଥିବା ବେଳେ ପ୍ରଥମେ ଥଇଥାନ ଏବଂ ପରେ ଉଚ୍ଛେଦ କରାଯାଉ ବୋଲି ମତ ରଖିଛନ୍ତି। ପୁଣି ସେମାନଙ୍କ ତ୍ୟାଗ ଯେଭଳି ବ୍ୟର୍ଥ ନ ଯିବ ତାହା ଉପରେ ଗୁରୁତ୍ୱ ଦେବାକୁ ମଧ କହିଛନ୍ତି। କାରଣ ପୂର୍ବରୁ ପୁରୀର ଭିତ୍ତିଭୂମି ବିକାଶ ପାଇଁ ହଜାର ହଜାର କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। କିନ୍ତୁ ଟଙ୍କା ଚଳୁ କରାଯାଇଥିବା ବେଳେ ବିକାଶ କେବଳ ଧୂଆଁବାଣ ପାଲଟିଛି ବୋଲି ଜଗନ୍ନାଥ ସେନାର ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ କହିଛନ୍ତି। ତେବେ ମୁଖ୍ୟମନ୍ତ୍ରୀ ପୁରୀର ଯେଉଁ କେତେକ ଭିତ୍ତିଭୂମିର ବିକାଶ ଏବଂ ପୁନରୁଦ୍ଧାର ପାଇଁ ପ୍ୟାକେଜ ଘୋଷଣା କରିଛନ୍ତି ସେହି ପ୍ରକଳ୍ପର ବର୍ତ୍ତମାନର ସ୍ଥିତିକୁ ନେଇ ଆମର ସ୍ୱତନ୍ତ୍ର ଉପସ୍ଥାପନା।



ଜଗନ୍ନାଥବଲ୍ଲଭ ମଠ




## ଜଗନ୍ନାଥବଲ୍ଲଭ ମଠ

ମହାପ୍ରଭୁଙ୍କ ପ୍ରମୋଦ ଉଦ୍ୟାନ ଶ୍ରୀଜଗନ୍ନାଥ ବଲ୍ଲଭ ଏବେ ଦୟନୀୟ ଅବସ୍ଥାରେ ରହିଛି। ଏଠାରେ ଉଦ୍ୟାନ ନିର୍ମାଣ ସହ ଯାତ୍ରୀ ସୁବିଧା ନିମନ୍ତେ ବ୍ୟବସ୍ଥା କରିବା ଲାଗି ହୃଦୟ ଯୋଜନାରେ ୧କୋଟି ୫୦ ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବା ପାଇଁ ସ୍ଥିର ହୋଇଥିଲା। ହେଲେ ଏ କାମ ପୂର୍ଣ୍ଣାଙ୍ଗ ହୋଇପାରୁନି। ସେହିପରି ୫୦ ଲକ୍ଷ ଟଙ୍କା ବ୍ୟୟରେ ଏହା ପରିସରରେ ପର୍ଯ୍ୟଟନ ବିଭାଗ ବ୍ୟାଖ୍ୟାନ କେନ୍ଦ୍ର କରିବାର ଯୋଜନା ବି ଶିଥିଳ ହୋଇପଡିଛି। ଜିପିଆରଏସ୍ ମ୍ୟାପ୍ ଲିଙ୍କ ବ୍ୟବସ୍ଥା ସହ ହେରିଟେଜ ବିଲ୍ଡିଂ, ସେନ୍‌ସର ଯୁକ୍ତ ସାଇନ୍‌ଏଜର ପରିକଳ୍ପନା ବି ବାସ୍ତବତାର ରୂପ ନେଇପାରିନି। ଜଗନ୍ନାଥ ବଲ୍ଲଭର ବିସ୍ତୃତ ଜାଗାକୁ ଦୃଷ୍ଟିରେ ରଖି ପ୍ରଶାସନ ଏକାଧିକ ଯୋଜନା କରିଛି, ହେଲେ ଏହା ପୂର୍ଣ୍ଣାଙ୍ଗ ହୋଇପାରୁନି। ଅନେକ ପ୍ରକଳ୍ପ ଅଧାପନ୍ତରିଆ ଭାବେ ରହିଥିବା ବେଳେ ଏଠାରେ ବହୁତଳ ପାର୍କିଂ ସହିତ ୧୦ ହଜାର ଲୋକଙ୍କ ପାଇଁ ଧ୍ୟାନ କେନ୍ଦ୍ର ନିର୍ମାଣ କରାଯିବା ଲାଗି ସରକାର ଘୋଷଣା କେତେଦୂର ସଫଳ ହେଉଛି ତାହା ଉପରେ ଏବେ ସହରବାସୀଙ୍କ ନଜର।

## ତୀର୍ଥ ପୁଷ୍କରିଣୀ



ଶ୍ୱେତ ଗଙ୍ଗା

ଶ୍ରୀକ୍ଷେତ୍ରରେ ରହିଛି ଏକାଧିକ ତୀର୍ଥ ପୁଷ୍କରିଣୀ। ଆଉ ଏହି ପୁଷ୍କରିଣୀଗୁଡ଼ିକ ପ୍ରତି ପ୍ରତ୍ୟେକ ଶ୍ରଦ୍ଧାଳୁଙ୍କ ରହିଛି ଗଭୀର ଆସ୍ଥା ଓ ବିଶ୍ୱାସ। ପ୍ରାୟ ଅଧିକାଂଶ ତୀର୍ଥ ପୁଷ୍କରିଣୀ ଦେବଦେବୀଙ୍କ ପୀଠସ୍ଥଳରେ ରହିଥିବାରୁ ପ୍ରତ୍ୟେହ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଏଠାକୁ ଯାଇଥାନ୍ତି। ତୀର୍ଥ ପୁଷ୍କରିଣୀରେ ଗୋଡ, ହାତ ଧୋଇ ଠାକୁରଙ୍କୁ ଦର୍ଶନ କରିବା ସହ କେହି ମାନସିକ ବୁଡ଼ ମଧ ପକାଇଥାନ୍ତି। ପୁଣି ମହାପ୍ରଭୁଙ୍କ କେତେକ ନୀତି ମଧ ତୀର୍ଥ ପୁଷ୍କରିଣୀରେ ସମ୍ପାଦିତ ହୋଇଥାଏ। ହେଲେ ଶ୍ରୀକ୍ଷେତ୍ରର ପ୍ରମୁଖ ତୀର୍ଥ ପୁଷ୍କରିଣୀଗୁଡ଼ିକ ଏବେ ଅବହେଳିତ ହୋଇପଡିଛି। ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ କାହାର ପାଚେରି ମେଲି ଆଁ କରିଛି ତ ଆଉ କେଉଁଠି ଆବର୍ଜନା ପାଣି ପଶୁଛି। ଇନ୍ଦ୍ରଦ୍ୟୁମ୍ନ, ମାର୍କଣ୍ଡ, ପାର୍ବତୀ ସାଗର ପାଚେରୀ ଭୁଶୁଡି ପୁଷ୍କରିଣୀ ମଧ୍ୟରେ ଅଳିଆ ଆବର୍ଜନା ପଶୁଥିବା ବେଳେ ଶ୍ୱେତଗଙ୍ଗା ପାଚେରୀ ଦୁର୍ବଳ ହୋଇପଡିଛି। ସହରର ତୀର୍ଥ ପୁଷ୍କରିଣୀ ଦୟନୀୟ ଅବସ୍ଥାରେ ଥିବା ବେଳେ ସରକାର ଶ୍ୱେତଗଙ୍ଗା, ମାର୍କଣ୍ଡ, ନରେନ୍ଦ୍ର ଏବଂ ଇନ୍ଦ୍ରଦ୍ୟୁମ୍ନ ପୁଷ୍କରିଣୀର ପୁନରୁଦ୍ଧାର କରାଯିବ ବୋଲି ଘୋଷଣା କରିଛନ୍ତି।



ନରେନ୍ଦ୍ର ପୁଷ୍କରିଣୀ



## ଅଠରନଳା

ପୁରୀ ସହରର ପ୍ରବେଶ ପଥରେ ରହିଛି ଅଠରନଳା। ଏହା ଏକ ପ୍ରାଚୀନ ପୋଲ ତଥା ଐତିହ୍ୟସ୍ଥଳୀ। ପୂର୍ବରୁ ସହର ଏତେଟା ପରିବ୍ୟାପ୍ତ ହୋଇ ନ ଥିବା ବେଳେ ଶ୍ରଦ୍ଧାଳୁ ତଥା ଯାତ୍ରୀମାନେ ଅଠରନଳାଠାରେ ପହଞ୍ଚିଗଲେ ଶ୍ରୀକ୍ଷେତ୍ରର ନିକଟତର ହୋଇଗଲେ ବୋଲି ଭାବିଥାନ୍ତି। ତେଣୁ ଏହିଭଳି ଏକ ଐତିହ୍ୟର ମୂକସାକ୍ଷୀ ଅଠରନଳା ପୋଲ ସମ୍ପୂର୍ଣ୍ଣ ଭାବେ ଅବହେଳିତ ହୋଇପଡିଛି। ଏହାର ସୌନ୍ଦର୍ଯ୍ୟକରଣ କରାଯାଉ ନାହିଁ। ସବୁଠୁ ପରିତାପର ବିଷୟ ହେଉଛି ଶ୍ରଦ୍ଧାଳୁଙ୍କ ଆସ୍ଥା ଏବଂ ବିଶ୍ୱାସର ପ୍ରତୀକ ଅଠରନଳା ଉପରେ ଆମିଷ ବିକ୍ରି ହେଉଛି। ତେବେ ଅଠରନଳାର ସୌନ୍ଦର୍ଯ୍ୟକରଣ ଓ ଆଲୋକୀକରଣ କରଯିବା ଲାଗି ସରକାର ନିଷ୍ପତ୍ତି ନେଇଛନ୍ତି। ତେବେ କେବେ ଅଠରନଳା ପୁଣି ଉଦ୍‌ଭାସିତ ହେବ ତାହାକୁ ଚାହିଁ ରହିଛନ୍ତି ଶ୍ରଦ୍ଧାଳୁ।

## ମୂଷା ନଈ

ହୁଲୁହୁଲିଆ ପୋଲଠାରୁ ମଙ୍ଗଳା ଘାଟ ପର୍ଯ୍ୟନ୍ତ ଲମ୍ବିଛି ମୂଷା ନଈ। ଏହାର ବିକାଶ ପାଇଁ ହୃଦୟ ଯୋଜନାରେ ୩ କୋଟି ୧୫ ଲକ୍ଷ ଏବଂ ଅନ୍ୟାନ୍ୟ ସ୍କିମ୍‌ରେ ୭ କୋଟି ୪୫ ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବାକୁ ଯୋଜନା କରାଯାଇଥିଲା। ଏଥିମଧ୍ୟରେ ମୂଷା ନଈକୁ ସ୍ୱେରେଜ ଏବଂ ଡ୍ରେନ୍ ପାଣିରୁ ରକ୍ଷା କରି ସ୍ୱତନ୍ତ୍ର ଭାବେ ଡ୍ରେନେଜ ଏବଂ ସ୍ୱେରେଜ ନିର୍ମାଣ କରିବା, ୧ କିମି ଭିତରେ ଚାଲିବା ପଥ ଆଦି ଏକାଧିକ ଯୋଜନା ଥିଲା। କିନ୍ତୁ ଏବେ ବି ଅପରିଷ୍କାର ହୋଇପଡିଛି ମୂଷା ନଈ। ମୂଷା ନଈର ଆବର୍ଜନା ପାଣି ଭିତରେ ସେମିତି ରହିଛି ଗରୁଡ଼ଙ୍କ ମୂର୍ତ୍ତି। ତେବେ ଏହି ନଈର ପୁନରୁଦ୍ଧାର କରାଯାଇ ମଙ୍ଗଳା ନଦୀ ସହିତ ସଂଯୋଗ କରାଯିବ ବୋଲି ସରକାର ଘୋଷଣା କରିଛନ୍ତି। ଏଥିସହ ଏଠାରେ ରିଭର ଫ୍ରଣ୍ଟ ଟୁରିଜିମ୍‌ର ବିକାଶ କରାଯିବା ଲାଗି ହୋଇଛି ଯୋଜନା।



## ପୁରୀ ପାଇଁ ୫୦୦ କୋଟି

# ଘୋଷଣାକୁ ସ୍ୱାଗତ, ତ୍ୟାଗ ବ୍ୟର୍ଥ ନ ଯାଉ

ପୁରୀ ଅଫିସ, ୨୩।୮

ପୁରୀକୁ ଐତିହ୍ୟ ସହର ଭାବେ ଗଢିତୋଳିବା, ଶ୍ରୀମନ୍ଦିରର ସୁରକ୍ଷା ଏବଂ ପର୍ଯ୍ୟଟନ ଭିତ୍ତିଭୂମିର ବିକାଶ ଲାଗି ରାଜ୍ୟ ସରକାର ଆଉ ପାଦେ ଆଗକୁ ବଢିଛନ୍ତି। ପର୍ଯ୍ୟଟନ ସହରର ଭିତ୍ତିଭୂମି, ନୂଆ ରାସ୍ତା, ସେତୁ, ପାର୍କିଂ ଆଦି ପ୍ରକଳ୍ପ ପାଇଁ ୫୦୦ କୋଟି ଟଙ୍କା ଘୋଷଣା କରିଛନ୍ତି। ଆଉ ପୁରୀବାସୀଙ୍କୁ ତ୍ୟାଗର ଆହ୍ୱାନ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ବିଶର ମହାନ୍ତିଙ୍କ ତ୍ୟାଗ କଥା ମନେ ପକାଇବା ସହ ଶ୍ରୀମନ୍ଦିର ଏବଂ ମହାପ୍ରଭୁଙ୍କ ସୁରକ୍ଷା ଓଡ଼ିଆ ଜାତିର ଧର୍ମ ବୋଲି କହିଛନ୍ତି। ତେବେ ବିକାଶ ପାଇଁ କ୍ଷତିଗ୍ରସ୍ତଙ୍କୁ ଥଇଥାନର ପ୍ରତିଶ୍ରୁତି ଦେଇଥିବା ମୁଖ୍ୟମନ୍ତ୍ରୀଙ୍କ ଏହି ଘୋଷଣାକୁ ସ୍ୱାଗତ କରାଯାଇଛି ସତ, କିନ୍ତୁ ପୁରୀବାସୀଙ୍କ ତ୍ୟାଗ ଯେପରି ବ୍ୟର୍ଥ ନ ଯିବ ସେ ଦିଗରେ ଉଚିତ ପଦକ୍ଷେପ ନେବାକୁ ଅନେକେ ମତ ରଖିଛନ୍ତି।

### ବିଶର ମହାନ୍ତିଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯାଉ



ମୁଖ୍ୟମନ୍ତ୍ରୀଙ୍କ ଏହି ଘୋଷଣା ଯଦି ପ୍ରକୃତରେ କାର୍ଯ୍ୟକାରୀ ହୁଏ ତେବେ ବିଶ୍ୱ ମାନଚିତ୍ରରେ ଜଗନ୍ନାଥ ଧାମର ଗୁରୁତ୍ୱ ବହୁ ଗୁଣରେ ବଢ଼ିଯିବ। ଦେଶ ବିଦେଶର ଯାତ୍ରୀ ଏବଂ ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ର ସାଜିବ ପୁରୀ। ତେବେ ଯେଉଁ ବିଶର ମହାନ୍ତିଙ୍କୁ ମୁଖ୍ୟମନ୍ତ୍ରୀ ଆଗକୁ ଆଣି ପୁରୀବାସୀଙ୍କୁ ତ୍ୟାଗର ଆହ୍ୱାନ ଦେଇଛନ୍ତି ସେହି ମହାପୁରୁଷଙ୍କ ପ୍ରତିମୂର୍ତ୍ତିଟିଏ ଓଡ଼ିଶାର କୌଣସି ଅଞ୍ଚଳରେ ନ ରହିବା ଆମ ପାଇଁ ଲଜ୍ଜାକର ବିଷୟ। ତେଣୁ ସର୍ବସାଧାରଣଙ୍କ ନଜରରେ ପଡିଲା ଭଳି ପୁରୀର ଏକ ପ୍ରମୁଖ ସ୍ଥାନରେ ବିଶର ମହାନ୍ତିଙ୍କ ଏକ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥାପିତ ହେବା ଜରୁରୀ। ପ୍ରାତଃ ସ୍ମରଣୀୟ ବିଶର ମହାନ୍ତିଙ୍କ ପ୍ରତିମୂର୍ତ୍ତି ତଳେ ତିନୋଟି ଭାଷାରେ ଜଗନ୍ନାଥ ସଂସ୍କୃତି ଏବଂ ପରମ୍ପରା ପ୍ରତି ତାଙ୍କ ତ୍ୟାଗର କଥା ଲିଖିତ ରହିବା ବାଞ୍ଛନୀୟ। ସବୁଠୁ ବଡ଼କଥା ହେଉଛି ଏହି ବିକାଶ ପାଇଁ ଅନେକଙ୍କୁ ତ୍ୟାଗ ସ୍ୱୀକାର କରିବାକୁ ହେବ। ହେଲେ ସେମାନଙ୍କ ତ୍ୟାଗ ଯେପରି ବ୍ୟର୍ଥ ନ ଯିବ ସେଥିପ୍ରତି ରାଜ୍ୟ ସରକାର ପ୍ରାଥମିକତା ଦେବା ଜରୁରୀ।

- ଡ.ସୁରେନ୍ଦ୍ର କୁମାର ମିଶ୍ର, ଐତିହ୍ୟ ବିଶାରଦ

### ସହମତି ଭିତ୍ତିରେ ବିକାଶ ହେଉ



ପୁରୀର ବିକାଶ ପାଇଁ କୌଣସି ପ୍ରକାର ପଦକ୍ଷେପକୁ ଆନ୍ତରିକତାର ସହ ସ୍ୱାଗତ କରିବି। ଶ୍ରୀମନ୍ଦିରର ସୁରକ୍ଷା ଏବଂ ସହରର ବିକାଶ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଏହି ଘୋଷଣା ଠିକ୍ ଅଛି। କିନ୍ତୁ ଜୋର ଜବରଦସ୍ତି କିମ୍ବା କାହାକୁ ଭୟଭୀତ କରି କିଛି କରା ନ ଯାଉ। ଅନ୍ୟକୁ ଦେଖି ତାହାର ନକଲ କରିବାକୁ ଚେଷ୍ଟା ନ ହେଉ। ସହମତି ଭିତ୍ତିରେ ସହରର ବିକାଶ ହେଉ। ଏଥିପାଇଁ ପ୍ରଥମେ ସବୁବର୍ଗର ଯଥା ବୁଦ୍ଧିଜୀବୀ, ସାଧାରଣ ଜନତା, ବ୍ୟବସାୟୀ, ସେବାୟତ, ଓକିଲ, ସାହି ମୁରବି, ମଠ ମହନ୍ତ, ଜାଗା ଆଖଡାର ପ୍ରତିନିଧି ସମସ୍ତଙ୍କୁ ନେଇ ଆଲୋଚନା କରାଯାଉ। ଜନଶୁଣାଣି ମାଧମରେ ମତାମତ ନିଆଯାଇ ସହମତି ଭିତ୍ତିରେ ବିକାଶ କଥା ଚିନ୍ତା କରାଯାଉ।

- ଜୟନ୍ତ କୁମାର ଷଡ଼ଙ୍ଗୀ, ବିଧାୟକ

### ମଠ, ମନ୍ଦିର ସୁରକ୍ଷା ପ୍ରତି ଗୁରୁତ୍ୱ ଦିଆଯାଉ



ଶ୍ରୀମନ୍ଦିରର ସୁରକ୍ଷା ପାଇଁ ସରକାରଙ୍କ କୌଣସି ନିଷ୍ପତ୍ତିକୁ ସାଧୁବାଦ। ମେଘନାଦ ପାଚେରିକୁ ଲାଗି ୭୫ ମିଟର ପରିଧି ମଧ୍ୟରେ ଉଚ୍ଛେଦ କରାଯିବା ପାଇଁ ଯୋଜନା ପ୍ରସ୍ତୁତ ହୋଇଛି। କିନ୍ତୁ ଯେଉଁ ମଠ, ମନ୍ଦିରକୁ ନେଇ ଶ୍ରୀକ୍ଷେତ୍ର ସମୃଦ୍ଧ ସେ ସବୁର ଐତିହ୍ୟ ଏବଂ ପରମ୍ପରା କିପରି ଅକ୍ଷୁଣ୍ଣ ରହିବ ତାହା ଉପରେ ଗୁରୁତ୍ୱ ଦିଆଯିବା ଦରକାର। ମଠ ଏବଂ ମନ୍ଦିର ଗୋଟିଏ ମୁଦ୍ରାର ଦୁଇପାର୍ଶ୍ୱ ସଦୃଶ। ତେଣୁ ଗୋଟିଏ ପାର୍ଶ୍ୱ ନଷ୍ଟ ହୋଇଗଲେ ମୁଦ୍ରାଟି ସମ୍ପୂର୍ଣ୍ଣ ଅଚଳ ହୋଇଯିବ। ତେଣୁ ଶ୍ରୀମନ୍ଦିରର ସୁରକ୍ଷା ସହିତ ମଠଗୁଡ଼ିକର ଐତିହ୍ୟ କିପରି ସୁରକ୍ଷିତ ରହିବ ସେ ଦିଗରେ ସରକାର ଯତ୍ନବାନ ହେବା ଉଚିତ। ଯେଉଁ ମଠଗୁଡ଼ିକ ଉଚ୍ଛେଦ କରାଯିବ ସେଗଡ଼ିକୁ ୭୫ ମିଟର କଡ଼ରେ ହିଁ ସ୍ଥାନ ଦିଆଯିବା ଆବଶ୍ୟକ।

- ଡ. ରାମଚରଣ ଦାସ ମହାରାଜ, ସଭାପତି, ଶ୍ରୀକ୍ଷେତ୍ର ମଠ ମନ୍ଦିର ସମିତି

### କେବଳ ଘୋଷଣାରେ ସୀମିତ ରହି ନ ଯାଉ



ରାଜ୍ୟ ସରକାରଙ୍କ ଘୋଷଣା ସ୍ୱାଗତଯୋଗ୍ୟ। କିନ୍ତୁ କାମ ଶେଷ ନ ହେବା ପର୍ଯ୍ୟନ୍ତ ଏହାକୁ ବିଶ୍ୱାସ କରିହେବ ନାହିଁ। ବିଗତ ଦିନରେ ପୁରୀ ପାଇଁ ଏକାଧିକ ପ୍ରକଳ୍ପ ଘୋଷଣା କରାଯାଇଛି ସତ କିନ୍ତୁ ପ୍ରାୟ ସବୁ ଅଧାପନ୍ତରିଆ। ଅଠରନଳା ବୋଟିଂ କମ୍ପ୍ଲେକ୍ସ ଏ ପର୍ଯ୍ୟନ୍ତ ଶେଷ ହୋଇପାରିଲା ନାହିଁ। ଶ୍ରୀକ୍ଷେତ୍ରର ଅନ୍ୟତମ ବୃହତ୍ତମ୍ ପ୍ରକଳ୍ପ ଆକ୍ୱାରିୟମ୍ ଏକାଧିକଥର ଶିଳାନ୍ୟାସ ହୋଇଛି। କିନ୍ତୁ ପ୍ରାୟ ୧୦ ବର୍ଷ ହେବ ଏହାର କାମ ଆରମ୍ଭ ହୋଇପାରିଲା ନାହିଁ। ଶ୍ୱେତଗଙ୍ଗା ପୁଷ୍କରିଣୀ ପ୍ରତି ପ୍ରଶାସନ ସମ୍ପୂର୍ଣ୍ଣ ଅଣଦେଖା କରିବାରୁ ଏହାର ସଂରକ୍ଷଣ ଦାୟିତ୍ୱ ସ୍ଥାନୀୟ ଲୋକେ ନେଇଛନ୍ତି। କଲେଜରେ ପଢ଼ିବା ପରଠାରୁ ବିଭିନ୍ନ ପ୍ରକଳ୍ପ କଥା ଶୁଣିଆସୁଛି। ଆଇକନିକ ସିଟି, ହୃଦୟ, ଅମୃତ ଆଦି ବିଭିନ୍ନ ଯୋଜନାରେ କେନ୍ଦ୍ର ସରକାର ଯେଉଁ ଅର୍ଥ ପ୍ରଦାନ କରିଛନ୍ତି ତାହା ବି କାର୍ଯ୍ୟକାରୀ ହୋଇପାରିନି। ତଥାପି ମୁଖ୍ୟମନ୍ତ୍ରୀଙ୍କ ଏହି ଘୋଷଣା ବାସ୍ତବତାର ରୂପ ନେଉ ବୋଲି ଆଶ ରଖିବି ।

- ଶାଶ୍ୱତ ମହାପାତ୍ର, ଉପସଭାପତି, ପୁରୀ ଜିଲା ଭାଜପା ଯୁବମୋର୍ଚ୍ଚା

### କ୍ଷତିଗ୍ରସ୍ତଙ୍କୁ ଉପଯୁକ୍ତ ଥଇଥାନ କରାଯାଉ



ବିଳମ୍ବରେ ହେଲେ ମଧ ସରକାର ଶ୍ରୀମନ୍ଦିର ସୁରକ୍ଷା ଏବଂ ପର୍ଯ୍ୟଟନ ଭିତ୍ତିଭୂମିର ବିକାଶ ଉପରେ ଧ୍ୟାନ ଦେଇଛନ୍ତି। କିନ୍ତୁ ଏହି ପ୍ରକଳ୍ପ ଯେପରି ଅଧାରେ ଅଟକି ନ ଯାଏ ସେଥିପ୍ରତି ମୁଖ୍ୟମନ୍ତ୍ରୀ ବ୍ୟକ୍ତିଗତ ଭାବେ ଧ୍ୟାନ ଦେବା ଉଚିତ। ଏହି ପ୍ରକଳ୍ପ ଦ୍ୱାରା କ୍ଷତିଗ୍ରସ୍ତ ମଠ, ମନ୍ଦିର, ଦୋକାନୀ, ହୋଟେଲ, ଲଜ୍ ମାଲିକ, ସେବାୟତ ଓ ଜନସାଧାରଣଙ୍କୁ ଉପଯୁକ୍ତ ଥଇଥାନ କରାଯିବା ସଙ୍ଗେ ସଙ୍ଗେ ପ୍ରକଳ୍ପ ପୂର୍ଣ୍ଣାଙ୍ଗ ହେବା ଏବଂ ତାର ସଫଳ ରୂପାୟନ ଉପରେ ମଧ ଯଥେଷ୍ଟ ଗୁରୁତ୍ୱ ପ୍ରଦାନ କରାଯିବା ଜରୁରୀ।

- ମହେନ୍ଦ୍ର ବିଶୋଇ, ରାଜ୍ୟ କମିଟି ସଦସ୍ୟ, ଓଡ଼ିଶା କୁରାଳ ମହାସଂଘ

### ଅର୍ଥର ସୁବିନିଯୋଗ ପାଇଁ ନିର୍ଦ୍ଦଳୀୟ କମିଟି ଗଠନ ହେଉ



ନବକଳେବର ସମୟରେ ପୁରୀ ପାଇଁ ୨୦୦୦ କୋଟି ଟଙ୍କାର ପ୍ୟାକେଜ ଘୋଷଣା କରାଯାଇଥିଲା। ସହରବାସୀଙ୍କ ଅତ୍ୟନ୍ତ ଜରୁରୀ ରେଳ ଓଭରବ୍ରିଜ୍‌ଟିଏ ବି ସେ ସମୟରେ ହୋଇପାରିଲା ନାହିଁ। ଜମି ବିବାଦକୁ ନେଇ ମେଡିକାଲ କଲେଜ ଏ ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହେଲା ନାହିଁ। କୋଟି କୋଟି ଟଙ୍କା ବାଟମାରଣା ହେଲା। ଆଜି ବି ଅଠରନଳାଠାରେ ଥିବା ଗରୁଡ଼ ମୂର୍ତ୍ତି ନଳାପାଣିରେ ଦଣ୍ଡାୟମାନ। ସହରର ଅନେକ ସ୍ୱେରେଜ ନଳା ପୋତି ହୋଇଗଲାଣି। ଉଠାଦୋକାନୀ ଆଜି ପେଟପାଟଣା ପାଇଁ ବାରଦୁଆର ହେଉଛନ୍ତି। ଏଭଳି ସ୍ଥିତିରେ ରାଜ୍ୟ ସରକାର ପୁରୀର ବିକାଶ ପାଇଁ ତତ୍ପରତା ଦେଖାଇଛନ୍ତି। ଏହା ସ୍ୱାଗତଯୋଗ୍ୟ ପଦକ୍ଷେପ। କିନ୍ତୁ ୫୦୦ କୋଟି ଟଙ୍କା କିଭଳି ସୁବିନିଯୋଗ ହୋଇପାରିବ ସେଥିଲାଗି ଏକ ନିର୍ଦ୍ଦଳୀୟ କମିଟି ଗଠନ କରାଯିବା ଉଚିତ। ମୁଖ୍ୟମନ୍ତ୍ରୀ ଏହି କମିଟିର ଅଧକ୍ଷ ରହି ପ୍ରତ୍ୟକ୍ଷ ଭାବେ ଏହାର ତର୍ଜମା କରିବା ଦରକାର।

- ସ୍ୱାଧୀନ କୁମାର ପଣ୍ଡା, ଆବାହକ, ଶ୍ରୀକ୍ଷେତ୍ର ସୁରକ୍ଷା ବାହିନୀ

### ଏକ ବିକାଶ କମିଟି ଗଠନ କରାଯାଉ



ଅତୀତରେ ହଜାର ହଜାର କୋଟି ଟଙ୍କା ପୁରୀ ପାଇଁ ଆସିଛି। ମାତ୍ର ବାଟମାରଣା ଯୋଗୁ ବିକାଶ ବାଟବଣା ହୋଇଛି। ସହରର ଚେହେରାରେ ସେମିତି କୌଣସି ପରିବର୍ତ୍ତନ ଆସିନି। ତେଣୁ ଯେଉଁ ୫୦୦ କୋଟି ଟଙ୍କା ଘୋଷଣା ହୋଇଛି ତାହାର କିପରି ସଦ୍‌ବିନିଯୋଗ ହେବ ଓ ଶ୍ରୀକ୍ଷେତ୍ରର ପ୍ରକୃତ ବିକାଶ ହେବ ଏ ନେଇ ମୁଖ୍ୟମନ୍ତ୍ରୀ ପୁରୀର ବୁଦ୍ଧିଜୀବୀମାନଙ୍କୁ ନେଇ ଏକ ବିକାଶ କମିଟି ଗଠନ କରନ୍ତୁ। ଏହି ବିକାଶ ପାଇଁ ବାସହରା ହେବାକୁ ଥିବା ବ୍ୟକ୍ତିବିଶେଷ ଏବଂ ମଠ, ମନ୍ଦିର, ବ୍ୟବସାୟୀଙ୍କ ଲାଗି ଏବେଠାରୁ ନବ ନିର୍ମାଣ ଆରମ୍ଭ କରନ୍ତୁ।

- ବଦ୍ରି ମିଶ୍ର, ରାଜ୍ୟ ସଭାପତି, ଓଡ଼ିଶା ଯୁବ ଚେତନା ସଙ୍ଗଠନ

### ପୁରୀର ବିକାଶଧାରାକୁ ଆଗେଇ ନେବ



ସମଗ୍ର ଭାରତରେ ପୁରୀ ସହରକୁ ୧ ନଂ. କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ପ୍ରଚେଷ୍ଟାର ଏହା ପ୍ରତିଫଳନ। ବାତ୍ୟାରେ ଉଜୁଡି ଯାଇଥିବା ପୁରୀକୁ ସଜାଡିବାରେ ମୁଖ୍ୟମନ୍ତ୍ରୀ ଯେଉଁ ଘୋଷଣା କରିଥିଲେ ତାହା ଧୀରେ ଧୀରେ ବାସ୍ତବତା ଆଡକୁ ଅଗ୍ରସର ହେଉଛି। ପୁରୀର ବିକାଶଧାରାକୁ ଆଗେଇ ନେବା ପାଇଁ ୫୦୦ କୋଟି ଟଙ୍କାର ପ୍ରକଳ୍ପ ଘୋଷଣା କରାଯାଇଛି। ତେଣୁ ଏହି ବିକାଶ ପ୍ରକ୍ରିୟାରେ ସହରବାସୀ ସାମିଲ ହେଲେ ଏହା ଅଧିକ ତ୍ୱରାନ୍ୱିତ ହୋଇପାରିବ।

- ଶୁଭାଶିଷ ଖୁଣ୍ଟିଆ, ରାଜ୍ୟ ସମ୍ପାଦକ, ବିଜୁ ଯୁବ ଜନତା ଦଳ



ମାନବ ସମାଜର ମଙ୍ଗଳ ପାଇଁ ଯିଏ କିଛି ନା କିଛି କରିଛି, ସେ ନିଶ୍ଚୟ ପୁରସ୍କାର ପାଇଛି।
-ବୁକର ଟି. ୱାଶିଂଟନ



## ସଂକ୍ଷେପରେ

### ଆଇଏଏସ୍ ଅଫିସରଙ୍କ ଘରୁ ଚୋରି

**ଭୁବନେଶ୍ୱର, ୨୩।୮ (ବ୍ୟୁରୋ):** ଗୋପବନ୍ଧୁ ଛକଠାରୁ ଡେଲ୍‌ଟା ଛକ ଯିବା ରାସ୍ତାରେ ରହିଥିବା ଆଇଏଏସ୍ ଅଫିସର ରଘୁ ଜିଙ୍କ ସରକାରୀ ବାସଭବନରୁ ଶୁକ୍ରବାର ରାତି ପ୍ରାୟ ସାଢ଼େ ୧୦ଟାରେ ଚୋରି ହୋଇଛି। ରଘୁ ଜି ବାସଭବନର ପ୍ରଥମ କୋଠରିରେ ଲାପ୍‌ଟପ୍, ମୋବାଇଲ ଫୋନ, ଅନ୍ୟାନ୍ୟ କେତେକ ସାମଗ୍ରୀ ରଖି ଭିତର କୋଠରିକୁ ଯାଇଥିବାବେଳେ କେହି ଉକ୍ତ ସବୁ ସାମଗ୍ରୀ ଚୋରି କରିନେଇଛି। ଏନେଇ ସେ ନୟାପଲ୍ଲୀ ଥାନା ପୋଲିସକୁ ଖବର ଦେଇଥିଲେ। ଥାନା ଅଧିକାରୀ ଅରୁଣ କୁମାର ସ୍ୱାଇଁ ପହଞ୍ଚି ତଦନ୍ତ କରିଥିଲେ। ରିପୋର୍ଟ ପ୍ରସ୍ତୁତି ସୁଦ୍ଧା ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିଲା।

### ବାପା, ଝିଅଙ୍କୁ ଅପହରଣ

**ପୁରୁଣା ଭୁବନେଶ୍ୱର, ୨୩।୮ (ଡି.ଏନ୍.ଏ.):** ଏୟାରଫିଲ୍ଡ ଥାନା ଅଞ୍ଚଳରେ ଜନୈକା ନାବାଳିକାଙ୍କୁ ଜୁନ ୧୯ରେ ଅପହରଣ କରାଯାଇଥିବା ନେଇ ତାଙ୍କ ମା' ଅଭିଯୋଗ କରିଥିଲେ। ପୋଲିସ ଦେଢ଼ମାସ ପରେ ନାବାଳିକାଙ୍କୁ ଉଦ୍ଧାର କରିଥିଲା। କୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ଶୁକ୍ରବାର କଳିଙ୍ଗନଗରସ୍ଥିତ ସେଲଟର ହୋମ୍‌ରୁ ଉକ୍ତ ନାବାଳିକାଙ୍କୁ ତାଙ୍କ ବାପା, ମାମୁ, ମା' ଏକ କାରରେ ଧରି ଥାନାରେ ପହଞ୍ଚି ଘରକୁ ଫେରୁଥିଲେ। ଭୀମଟାଙ୍ଗୀ ସାଇ ମନ୍ଦିର ନିକଟରେ ରାତି ପ୍ରାୟ ୯ଟାରେ ପୂର୍ବରୁ ଅପହରଣରେ ସମ୍ପୃକ୍ତ ଯୁବକମାନେ ସମସ୍ତଙ୍କୁ ମାଡ଼ ମାରି ମାରଣାସ୍ତ୍ର ଦେଖାଇ ବାପା ଓ ଝିଅଙ୍କୁ ଅପହରଣ କରି ନେଇଥିଲେ। ରାତି ୧୧ଟାରେ ନାବାଳିକାଙ୍କ ମା' ପୁଣି ଏୟାରଫିଲ୍ଡ ଥାନାରେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ତଦନ୍ତକାରୀ ଅଫିସର ସୁବାସ ଚନ୍ଦ୍ର ଭଞ୍ଜ କୁହନ୍ତି, ନାବାଳିକାଙ୍କୁ କୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲୁ। ବାଟରେ କ'ଣ ହୋଇଛି ଆମେ କ'ଣ କରିପାରିବୁ ବୋଲି ସେ ଅଜବ ମତ ଦେଇଛନ୍ତି।

### ମାଡ଼ମାରି ଟଙ୍କା ଲୁଟ ଅଭିଯୋଗ, ଜଣେ ଗିରଫ

**ପୁରୁଣା ଭୁବନେଶ୍ୱର, ୨୩।୮ (ଡି.ଏନ୍.ଏ.):** ଶ୍ରୀ ଲିଙ୍ଗରାଜ ଥାନା ଅଞ୍ଚଳରେ ଜଣେ ଯୁବକ ବାଟରେ ଚାଲିଯାଉଥିବା ବେଳେ ମାଡ଼ମାରି ଟଙ୍କା ଲୁଟ ଅଭିଯୋଗରେ ପୋଲିସ ଜଣଙ୍କୁ ଶୁକ୍ରବାର ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ସ୍ଥାନୀୟ କପିଳେଶ୍ୱର ସାହିର ମନୋରଞ୍ଜନ ମଲ୍ଲିଆ(୨୯)। ପୋଲିସ ସୂଚନା ମୁତାବକ, ଗୁରୁବାର ରାତିରେ ଏହି ଅଞ୍ଚଳର କମଳ କିରଣ ସ୍ୱାଇଁ ଚାଲିକି ଯାଉଥିବାବେଳେ ମନୋରଞ୍ଜନ ପଛରୁ ଆସି ଟଙ୍କା ମାଗିଥିଲେ। କମଳ ଟଙ୍କା ନ ଦେବାରୁ ଅଭିଯୁକ୍ତ ଜୋରଜବରଦସ୍ତ କରିବା ସହ ମାଡ ମାରି ଟଙ୍କା ନେଇ ଫେରାର ହୋଇଯାଇଥିଲେ। ଏ ନେଇ କମଲ ଥାନାରେ ଅଭିଯୋଗ କରିବା ପରେ ପୋଲିସ ୧୪୯/୧୯ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଶୁକ୍ରବାର କୌଣସି ସୂତ୍ରରୁ ଖବରପାଇ ଅଭିଯୁକ୍ତ ଅଞ୍ଚଳରେ ବୁଲୁଥିବା ସମୟରେ ପୋଲିସ ଚଢ଼ାଉ କରି ଧରିଥିଲା।

### କ୍ଷୁଦ୍ର ରଥ ନିର୍ମାତାଙ୍କୁ ସମ୍ବର୍ଦ୍ଧନା

**ଭୁବନେଶ୍ୱର, ୨୩।୮ (ବ୍ୟୁରୋ):** ଆଠମଲ୍ଲିକର ସୁନାମଧନ୍ୟ ବାଲୁକାଶିଳ୍ପୀ ରୁବେଲାଲ ପ୍ରଧାନଙ୍କୁ କଳାକ୍ଷେତ୍ରରେ ତାଙ୍କର ସାଧନା ପାଇଁ ସକ୍ଷମ ପରିବାର ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ବିଶ୍ୱର ସବୁଠାରୁ କ୍ଷୁଦ୍ର ରଥ ନିର୍ମାଣ କରିବା ଲାଗି ତାଙ୍କୁ ଏହି ସମ୍ବର୍ଦ୍ଧନା ଦିଆଯାଇଛି। ସକ୍ଷମ ପରିବାର ପକ୍ଷରୁ ଶୁକ୍ରବାର ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧକ୍ଷ ଅର୍ଜୁନ ସାହୁ ଓ ବହୁ ସଦସ୍ୟ ଉପସ୍ଥିତ ଥିଲେ। ଏହି ଅବସରରେ 'ବଣ ମଲ୍ଲୀ କିପରି ବଣରେ ଫୁଟି ନ ଝଡିବ' କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା।

### ମଜଦୁର ସଂଘର ବୈଠକ

**ବାରଙ୍ଗ, ୨୩।୮ (ଡି.ଏନ୍.ଏ.):** ବାରଙ୍ଗର ଉଠାଦୋକାନୀ ମଜଦୁର ସଂଘର ସାଧାରଣ ବୈଠକ ଗୁରୁବାର ଶିଖରଚଣ୍ଡୀଙ୍କ ପୀଠରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଉଠାଦୋକାନୀମାନଙ୍କର ଭବିଷ୍ୟତ, ସୁରକ୍ଷା, ସ୍ଥାୟିତ୍ୱ ଉପରେ ଆଲୋଚନା କରାଯାଇଛି। ଏହି ଅବସରରେ ନବନିର୍ବାଚିତ ସଂଘର ସଭାପତି ବିଜୟ କୁମାର ପାତ୍ର, ସାଧାରଣ ସମ୍ପାଦକ ଭୁବନମୋହନ ଦାସ କୋଷାଧକ୍ଷ ସନ୍ତୋଷ କୁମାର ପ୍ରଧାନଙ୍କ ସମେତ କାର୍ଯ୍ୟକାରୀ ସଭାପତି ଶାନ୍ତି ସେଠୀ, ଉପସଭାପତି ନବକିଶୋର ମହାପାତ୍ର ଓ ରାଜକିଶୋର ତ୍ରିପାଠୀ, ସମ୍ପାଦକ ବିକାଶ ଦାସ ଓ ପ୍ରଦୀପ ସେଠୀ ଆଦି ପଦାଧିକାରୀମାନଙ୍କୁ ସମ୍ମାନିତ କରାଯାଇଥିଲା। ଏହାସହ ଦୋକାନୀମାନେ ସେମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ।

## ■ ଜନ୍ମାଷ୍ଟମୀକୁ ଧୋଇଦେଲା ବର୍ଷା

# ରାମମନ୍ଦିରରେ ଲକ୍ଷାଧିକ ଭକ୍ତଙ୍କ ଭିଡ଼





ଜନ୍ମାଷ୍ଟମୀ ପାଇଁ ରାମ ମନ୍ଦିର ସମ୍ମୁଖରେ ଶ୍ରଦ୍ଧାଳୁଙ୍କ ଭିଡ଼।



ଇସ୍କନ ମନ୍ଦିରରେ ଶ୍ରୀକୃଷ୍ଣ ବେଶରେ ପିଲାମାନେ।

**ଭୁବନେଶ୍ୱର, ୨୩।୮ (ବ୍ୟୁରୋ)**

ପବିତ୍ର ଜନ୍ମାଷ୍ଟମୀ ଅବସରରେ ଶୁକ୍ରବାର ଉତ୍ସବ ମୁଖର ହୋଇଉଠିଥିଲା ସମଗ୍ର ସହର। ଭଗବାନ ଶ୍ରୀକୃଷ୍ଣଙ୍କ ଦର୍ଶନ କରିବାକୁ ପ୍ରାତଃରୁ ରାଜଧାନୀର ବିଭିନ୍ନ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଲମ୍ବାଧାଡି ଦେଖିବାକୁ ମିଳିଥିଲା। ହେଲେ ପୂର୍ବାହ୍ନରେ ବର୍ଷା ଜନ୍ମାଷ୍ଟମୀର ଉତ୍ସବକୁ ଫିକା କରି ଦେଇଥିଲା। ଏଭଳି ବର୍ଷିଲା ଯେ ଜନ୍ମାଷ୍ଟମୀ ପାଳନ ହେଉଥିବା ରାଜଧାନୀର ଦୁଇ ପ୍ରମୁଖ ମନ୍ଦିର ଇସ୍କନ ଏବଂ ରାମମନ୍ଦିର ଆଗରେ ଅଣ୍ଟାଏ ଉଚ୍ଚାର ପାଣି ଚାଲିଥିଲା। ପ୍ରବଳ ବର୍ଷାରେ ସମ୍ପୂର୍ଣ୍ଣ ରାଜଧାନୀ ବେହାଲ ହୋଇଥିବା ବେଳେ ଇସ୍କନରେ ପରିସ୍ଥିତ ଅସମ୍ଭାଳ ହୋଇପଡ଼ିଥିଲା। ଏପରିକି ପାଣିରେ ପଡ଼ି ଅଧିକାଂଶ ଭକ୍ତ ଆହତ ମଧ ହୋଇଥିଲେ। ଅନ୍ୟପକ୍ଷରେ ବର୍ଷାସତ୍ତ୍ୱେ ମଧ ରାମମନ୍ଦିର ଏବଂ ଇସ୍କନରେ ଦିନତମାମ ଶ୍ରଦ୍ଧାଳୁଙ୍କ ଗହଳି ଲାଗି ରହିଥିଲା। ସକାଳୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଲକ୍ଷାଧିକ ଭକ୍ତ ଠାକୁରଙ୍କ ଦର୍ଶନ କରିଥିଲେ। ଏପଟେ ଶ୍ରଦ୍ଧାଳୁଙ୍କ ସୁରକ୍ଷା ଦୃଷ୍ଟିରୁ ମନ୍ଦିର ପ୍ରଶାସନ ଏବଂ ପୋଲିସ ପକ୍ଷରୁ ମଧ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

ପୂଜା ପାଠ, ଭଜନ, କୀର୍ତ୍ତନ ମଧ୍ୟରେ ଶ୍ରଦ୍ଧାଳୁଙ୍କ ଗହଣରେ ପ୍ରଭୁ ଶ୍ରୀକୃଷ୍ଣ ନିଜର ଜନ୍ମଦିନ ମନାଇଥିଲେ। ରାଜଧାନୀର ରାମ ମନ୍ଦିର, ଇସ୍କନ ମନ୍ଦିର, ବାୟାବାବା ମଠ ସମେତ ବିଭିନ୍ନ କୃଷ୍ଣ ମନ୍ଦିର ଓ ଜଗନ୍ନାଥ ମନ୍ଦିରରେ ଶ୍ରଦ୍ଧାଳୁମାନେ ଜନ୍ମାଷ୍ଟମୀରେ ପ୍ରଭୁଙ୍କ ଦର୍ଶନ କରିଥିଲେ। ସନ୍ଧ୍ୟାରେ ଶ୍ରୀକୃଷ୍ଣଙ୍କ ଭଜନ ଓ କୀର୍ତ୍ତନରେ ମନ୍ଦିର ପରିସର ପ୍ରକମ୍ପିତ ହୋଇଥିଲା। ରାମ ମନ୍ଦିରରେ ସକାଳ ସାଢେ ୫ଟାରୁ ମଙ୍ଗଳ ଆଳତି ହୋଇ ମନ୍ଦିର ପହଡ ଫିଟିଥିଲା। ୭ଟାରେ ଶୃଙ୍ଗାର ଆଳତି ଓ ୧୧ଟାରେ ଭୋଗ ଆଳତି ହୋଇଥିଲା। ସନ୍ଧ୍ୟା ଧୂପ ସରିବା ପରେ ମନ୍ଦିରରେ ଶ୍ରୀକୃଷ୍ଣଙ୍କ ଜନ୍ମାଷ୍ଟମୀ ଉତ୍ସବ ପାଳନ କରାଯାଇଥିଲା। ପଞ୍ଚାମୃତ ସ୍ନାନ ସହ ନୂତନ ବସ୍ତ୍ର ପିନ୍ଧାଯାଇ ଠାକୁରଙ୍କୁ ଅଭିଷେକ କରାଯିବା ସହ ଝୁଲାରେ ଝୁଲାଯାଇଥିଲା। ପରେ ଯଶୋଦା ମାତା ଓ ନନ୍ଦରାଜାଙ୍କ ପୂଜା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ମନ୍ଦିର ପରିସରରେ ଶ୍ରଦ୍ଧାଳୁଙ୍କୁ ଧନିଆ ଗୁଣ୍ଡରେ ପ୍ରସ୍ତୁତ ଏକ ସ୍ୱତନ୍ତ୍ର ମିଠା ସହ ମାଖନ ମିଶ୍ରି ଏବଂ ପଞ୍ଚାମୃତ ବଣ୍ଟନ କରାଯାଇଥିଲା। ଆସନ୍ତାକାଲି ସନ୍ଧ୍ୟାରେ ଏଠାରେ ନନ୍ଦୋତ୍ସବ ପାଳନ କରାଯିବ ବୋଲି କମିଟିର ପରିଚାଳକ ମହାବୀର ପ୍ରସାଦ ଶର୍ମା କହିଛନ୍ତି।

### ଫଳରେ ସଜ୍ଜିତ ଇସ୍କନ ମନ୍ଦିର

ଜନ୍ମାଷ୍ଟମୀ ଉପଲକ୍ଷେ ଫଳରେ ସଜ୍ଜିତ ହୋଇଥିଲା ଇସ୍କନ ମନ୍ଦିର। ଠାକୁରଙ୍କ ନିକଟରେ ବିଭିନ୍ନ ଫଳ ଲଗାଯାଇ ସାଜସଜ୍ଜା ହୋଇଥିଲା। ତେବେ ପୂର୍ବାହ୍ନ ୧୦ଟାରେ ପ୍ରବଳ ବର୍ଷା ଯୋଗୁ ଇସ୍କନ ସମ୍ମୁଖରେ କୃତ୍ରିମ ବନ୍ୟା ସୃଷ୍ଟି ହୋଇଥିଲା। ଅଣ୍ଟାଏ ଉଚ୍ଚର ପାଣିରେ ପଶି ଶ୍ରଦ୍ଧାଳୁମାନେ ପ୍ରଭୁଙ୍କ ଦର୍ଶନ ପାଇଁ ଯାଇଥିଲେ। ୫୩ ବର୍ଷରେ ପଦାର୍ପଣ କରିଥିବା ଇସ୍କନ ଜନ୍ମାଷ୍ଟମୀ ଉତ୍ସବ ଉପଲକ୍ଷେ ସକାଳ ସାଢେ ୭ଟାରେ ଦର୍ଶନ ଆଳତି, ୮ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଗୁରୁପୂଜା ସହ ଠାକୁରଙ୍କ ରୀତିନୀତି କରାଯାଇଥିଲା। ଶ୍ରଦ୍ଧାଳୁମାନେ ଏଠାରେ ଦର୍ଶନ କରିବା ସହ ପ୍ରଭୁ ଶ୍ରୀକୃଷ୍ଣଙ୍କୁ ଦୋଳିରେ ଝୁଲାଇବାର ଅବସର ପାଇଥିଲେ। ରାତି ୧୧ଟା ପର୍ଯ୍ୟନ୍ତ ଭଜନ କୀର୍ତ୍ତନ ଚାଲିଥିଲା। ବୈଷ୍ଣବ ମତରେ ଶନିବାର ଏଠାରେ କୃଷ୍ଣଜନ୍ମ ଉତ୍ସବ ପାଳନ ହେବ। ୩ଦିନ ଧରି ଏଠାରେ ଉତ୍ସବ ପାଳନ ହେବାକୁ ଥିବାବେଳେ ୨୫ ତାରିଖରେ ନନ୍ଦ ଉତ୍ସବ ପାଳନ କରାଯିବ।

## ଶ୍ରୀ ଲିଙ୍ଗରାଜ ମନ୍ଦିରରେ ଜନ୍ମାଷ୍ଟମୀ ପାଳିତ

**ପୁରୁଣା ଭୁବନେଶ୍ୱର, ୨୩।୮ (ଡି.ଏନ୍.ଏ.)**

ଶୁକ୍ରବାର ପବିତ୍ର ଜନ୍ମାଷ୍ଟମୀ ଅବସରରେ ଶ୍ରୀ ଲିଙ୍ଗରାଜ ମନ୍ଦିରରେ ଶ୍ରୀକୃଷ୍ଣଙ୍କ ଜନ୍ମୋତ୍ସବ ପାଳିତ ହୋଇଛି। ମନ୍ଦିରରେ ଦିନକ ନୀତି ଆଳତି ଅବକାଶ ଦର୍ଶନ ପରେ ସନ୍ଧ୍ୟାଧୂପ ହୋଇଥିଲା। ଏହି ଧୂପ ବଳବତ୍ତର ଥିବାବେଳେ ବ୍ରାହ୍ମଣ ନିଯୋଗର ଘରିଆ ସେବକମାନେ ଉଗ୍ରସେନ, ବାସୁଦେବ ଏବଂ ନାରଦ ବେଶଧାରୀ ହୋଇ କାହାଳୀ ବାଜିବା ଅବସରରେ ମନ୍ଦିରକୁ ଆସିଥିଲେ। ଏହି ସମୟରେ ମନ୍ଦିରରେ ପହୁଡ଼ ପଡିଥିଲା। ବେଶଧାରୀ ସେବକମାନେ ଆଡ କାଠ ପାଖରେ ଠିଆ ହେବା ପରେ ମନ୍ଦିରର ପହଡ଼ ଖୋଲାଯାଇଥିଲା। ଆଳତି ଦର୍ଶନ ହେବାପରେ ଠାକୁରାଣୀ ସନ୍ଧ୍ୟାଧୂପ ସରିବା ପରେ ଦକ୍ଷିଣ ଘରେ କୃଷ୍ଣଙ୍କ ଚଳନ୍ତି ପ୍ରତିମାକୁ ଏକ ପିତଳ ପାତ୍ରରେ ଧରି ପାଳିଆ ପୂଜାପଣ୍ଡା ଷୋଡଶ ଉପଚାରରେ ପୂଜା କରିଥିଲେ। ଏହି ସମୟରେ ମନ୍ଦିରକୁ ଅନ୍ଧାର କରାଯାଇଥିଲା। ଦକ୍ଷିଣ ଘରେ ପୂଜାର୍ଚ୍ଚନା ସରିବା ପରେ ଶ୍ରୀକୃଷ୍ଣଙ୍କ ଚଳନ୍ତି ପ୍ରତିମାକୁ ବେଶଧାରୀ ବସୁଦେବ ସେବାୟତ ମୁଣ୍ଡରେ ବହନ କରି ମନ୍ଦିର ଭିତରେ ଥିବା ଗୁପ୍ତଗଙ୍ଗାକୁ ପାର କରାଇଥିଲେ। ଏହାପରେ ନାଭିକଟା ମଣ୍ଡପକୁ ଆଣି ଖଟୁଲୀ ଉପରେ ଅବସ୍ଥାନ କରି ପୂଜାପଣ୍ଡା ସେବାୟତ କୃଷ୍ଣଙ୍କ ନାଭିକାଟି ପଞ୍ଚାମୃତରେ ସ୍ନାନ କରାଇଥିଲେ। ଷୋଡ଼ଶ ଉପଚାରରେ ପୂଜା କରି ଦକ୍ଷିଣ ଘରକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଏଭଳି ନୀତିରେ ଲିଙ୍ଗରାଜ ମନ୍ଦିରରେ ଶ୍ରୀକୃଷ୍ଣଙ୍କ ଜନ୍ମୋତ୍ସବ ପାଳନ ହୋଇଥିଲା ବୋଲି ବରିଷ୍ଠ ସେବାୟତ କାଶୀନାଥ ପୂଜାପଣ୍ଡା ସୂଚନା ଦେଇଥିଲେ।

## ବାରଙ୍ଗର ବିଭିନ୍ନ ସ୍ଥାନରେ ଜନ୍ମାଷ୍ଟମୀ

**ନରାଜ, ୨୩।୮ (ଡି.ଏନ୍.ଏ.)**

ବାରଙ୍ଗ ବ୍ଲକର ବିଭିନ୍ନ ସ୍ଥାନରେ ଶୁକ୍ରବାର ପବିତ୍ର ଜନ୍ମାଷ୍ଟମୀ ପାଳିତ ହୋଇଯାଇଛି। କୁହ୍ନେଇପଡାଠାରେ ଥିବା ରାଧାକୃଷ୍ଣ ମନ୍ଦିର ପରିସରରେ ଦୁଇଦିନ ଧରି ଜନ୍ମାଷ୍ଟମୀ ମହାସମାରୋହରେ ପାଳିତ ହେବ। ଶୁକ୍ରବାର ମନ୍ଦିର ପରିସରକୁ ସ୍ୱତନ୍ତ୍ର ଭାବେ ସଜ୍ଜିତ କରାଯାଇ ସକାଳୁ ଠାକୁରଙ୍କର ମଙ୍ଗଳ ଆଳତି କରାଯିବାପରେ ଦିନତମାମ ଶ୍ରଦ୍ଧାଳୁଙ୍କ ସୁଅ ଛୁଟିଥିଲା। ସନ୍ଧ୍ୟାରେ ଆଳତି ହୋଇ ରାତ୍ରି ୧୨ଟା ପର୍ଯ୍ୟନ୍ତ ସାଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ରାଧାକୃଷ୍ଣ ମନ୍ଦିରର ସମ୍ପାଦକ ନିରଞ୍ଜନ ସାହୁ, ଟ୍ରଷ୍ଟି ଡ. ପୂର୍ଣ୍ଣଚନ୍ଦ୍ର କାନୁନଗୋ ଓ ରାଧାଗୋବିନ୍ଦ ଧାମର ସମସ୍ତ କର୍ମକର୍ତ୍ତାଙ୍କ ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ ପରିଚାଳନା ହୋଇଥିଲା। ସେହିପରି ବାଆଁରା ସୁବୁଦ୍ଧେଶ୍ୱର ମନ୍ଦିର ପରିସରରେ ମଧ ଜନ୍ମାଷ୍ଟମୀ ପାଳିତ ହୋଇଯାଇଛି। ରାତ୍ରିରେ ମନ୍ଦିରରେ ଶ୍ରୀମଦ୍ ଭାଗବତ ହରିଜନ୍ମ ପୁରାଣ ପାଠ କରାଯାଇଥିଲା। ସେହିପରି ଗୋଡିସାହିସ୍ଥିତ ଶ୍ରୀରାମ ମନ୍ଦିର, ସାନମୁଣ୍ଡଳୀର ରାଧାମୋହନ ମନ୍ଦିର, କଣ୍ଟାପାଟଣାର ଜଗନ୍ନାଥ ମଠ, ବ୍ରାହ୍ମଣୀ ଗାଁର ଜଗନ୍ନାଥ ମନ୍ଦିର, ମଧୁବନର ଜଗନ୍ନାଥ ମନ୍ଦିର ଓ ବିଭିନ୍ନ ଗ୍ରାମର ଠାକୁଘରମାନଙ୍କରେ ପବିତ୍ର ଜନ୍ମାଷ୍ଟମୀ ପାଳିତ ହୋଇଛି।

## ଗଣିତ ଅଲିମ୍ପିଆଡରେ ସଫଳ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା

**ଭୁବନେଶ୍ୱର, ୨୩।୮**



ଜୁନିୟର ଗଣିତ ଅଲିମ୍ପିଆଡ ଏବଂ ଆଞ୍ଚଳିକ ଗଣିତ ଅଲିମ୍ପିଆଡରେ ସଫଳ ଶତାଧିକ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଭାରତୀୟ ଜାତୀୟ ଗଣିତ ଅଲିମ୍ପିଆଡ, ଓଡ଼ିଶା ଗଣିତ ସଂସଦ ଓ ଓକେସିଏଲ୍‌ର ପ୍ରତ୍ୟକ୍ଷ ସହଯୋଗରେ ଏହାର ସଭାଗୃହଠାରେ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଛି। ଆର୍‌ଆଇଏନ୍‌ଏମ୍‌ଓର ଆଞ୍ଚଳିକ ସଂଯୋଜକ ପ୍ରଫେସର ହାଡିବନ୍ଧୁ ପଟ୍ଟନାୟକ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ବିଶିଷ୍ଟ ଗଣିତ ଅଲିମ୍ପିଆଡ ପ୍ରଶିକ୍ଷକ ମଦନ ମୋହନ ମହାନ୍ତିଙ୍କ ଲାଗି ଏଠାରେ ନୀରବ ପ୍ରାର୍ଥନା କରାଯାଇଥିଲା। ଓଡ଼ିଶା ଗଣିତ ସଂସଦର ସଭାପତି ରାମ ଶଙ୍କର ରଥ, ଓକେସିଏଲ୍‌ର ପରିଚାଳନା ନିର୍ଦ୍ଦେଶକ ମନୋରଞ୍ଜନ ପୁଥାଳ ଏଥିରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବୈଜ୍ଞାନିକ ମନୋଭାବକୁ ଉତ୍ସାହିତ କରିବା ଦିଗରେ ଗୁରୁତ୍ୱାରୋପ କରିଥିଲେ। ଗାଣିତିକ ମୂଲ୍ୟବୋଧ, ଜୀବନ ଚର୍ଯ୍ୟାରେ ଗଣିତର ପ୍ରୟୋଗ ଏବଂ ଅଲିମ୍ପିଆଡ ଗଣିତର ଭୂମିକା ଉପରେ ପ୍ରଫେସର ପଟ୍ଟନାୟକ ମତ ଦେଇଥିଲେ।

## ନିଶା ନିବାରଣ କେନ୍ଦ୍ରରେ ଯୁବକଙ୍କୁ ପିଟିପିଟି ହତ୍ୟା

# ମାମଲା ଚାପି ଦେବାକୁ ପୋଲିସର ଉଦ୍ୟମ

**ଭୁବନେଶ୍ୱର, ୨୩।୮ (ବ୍ୟୁରୋ)**

**କାର୍ଯ୍ୟାନୁଷ୍ଠାନ ଦାବିରେ ରାସ୍ତା ଉପରେ ମୃତଦେହ ରଖି ଧାରଣା**

ତମାଣ୍ଡୋ ଥାନା କଳିଙ୍ଗବିହାରସ୍ଥିତ ଏକ ନିଶା ନିବାରଣ କେନ୍ଦ୍ରରେ ଜଣେ ଯୁବକଙ୍କୁ ପିଟିପିଟି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ମୃତକ ଜଣକ ହେଲେ ନୟାପଲ୍ଲୀ ଗଡସାହିର ଅକ୍ଷୟ ମାଝି(୪୫)। ଏ ନେଇ ପୋଲିସ ଏକ ମାମଲା ରୁଜୁ କରି ଚୁପ ହୋଇ ବସି ପଡିଛି। ପୋଲିସ ନିଶା ନିବାରଣ କେନ୍ଦ୍ର ସହ ସଲାସୁତରା କରି ମାମଲାକୁ ଚାପି ଦେବାକୁ ଉଦ୍ୟମ କରୁଥିବା ମୃତ ଅକ୍ଷୟଙ୍କ ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି। ଶୁକ୍ରବାର ସକାଳେ କ୍ୟାପିଟାଲ ହସ୍ପିଟାଲରେ ଅକ୍ଷୟଙ୍କ ମୃତଦେହ ବ୍ୟବଚ୍ଛେଦ କରାଯାଇଥିଲା। ପରିବାର ଲୋକେ ମୃତଦେହକୁ ନେବା ପରେ ନୟାପଲ୍ଲୀ ଥାନା ସିବିଆଇ ଅଫିସ ସମ୍ମୁଖ ରାସ୍ତାରେ ରଖି ରାସ୍ତାରୋକୋ କରିଥିଲେ। ଅକ୍ଷୟଙ୍କୁ ହତ୍ୟା କରିଥିବା ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମୃତକଙ୍କ ପରିବାର ପକ୍ଷରୁ ଦାବି କରାଯାଇଥିଲା। ପ୍ରାୟ ଏକ ଘଣ୍ଟା ଧରି ସେମାନେ ରାସ୍ତା ଉପରେ ମୃତଦେହ ରଖି ଧାରଣାରେ ବସି ରହିଥିଲେ। ନୟାପଲ୍ଲୀ ଥାନା ପୋଲିସ ଧାରଣାକାରୀଙ୍କୁ ବୁଝାଶୁଝା କରିଥିଲେ ମଧ ସମ୍ଭବ ହୋଇ ନ ଥିଲା। ଶେଷରେ ମାମଲାକୁ ଗୁରୁତର ସହ ନେଇ ତଦନ୍ତ କରାଯିବା ସହ ଅଭିଯୁକ୍ତଙ୍କୁ ଗିରଫ ପାଇଁ ତମାଣ୍ଡୋ ପୋଲିସକୁ ସମସ୍ତ ସହଯୋଗ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତାରୁ ମୃତଦେହ ଉଠିଥିଲା। ଅନ୍ୟପକ୍ଷେ ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ, ଅକ୍ଷୟଙ୍କ ଶରୀରରେ ଏକାଧିକ ସ୍ଥାନରେ କ୍ଷତଚିହ୍ନ ରହିଛି। ଏହି ଚିହ୍ନ ତାଙ୍କୁ କୌଣସି ଏକ ବାଡି କିମ୍ବା ଲୁହା ରଡରେ ପିଟା ଯାଇଥିବା ଜଣାପଡୁଛି। ଏଥିଯୋଗୁ ତାଙ୍କର ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଛି। ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସବୁ କିଛି ସ୍ପଷ୍ଟ ହେବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

ପୋଲିସ ସୂଚନା ଅନୁଯାୟୀ, ଅକ୍ଷୟ ପ୍ରଚୁର ମାତ୍ରାରେ ନିଶାଗ୍ରସ୍ତ ରହୁଥିଲେ। ପରିବାର ଲୋକେ ତାଙ୍କର ନିଶା ଛଡାଇବାକୁ ସମସ୍ତ ଉପାୟ ଆପଣାଇଥିଲେ ମଧ ସମ୍ଭବ ହୋଇ ପାରି ନ ଥିଲା। ଶେଷରେ ବୁଧବାର ପରିବାର ଲୋକେ ତାଙ୍କୁ କଳିଙ୍ଗବିହାରସ୍ଥିତ ନିଶା ନିବାରଣ କେନ୍ଦ୍ରରେ ଛାଡିଥିଲେ। ଜଣେ ଯୁବକଙ୍କ ମଧ୍ୟସ୍ଥତାରେ ତାଙ୍କୁ ଛଡା ଯାଇଥିଲା। ଗୁରୁବାର ସକାଳେ ଅକ୍ଷୟ ତାଙ୍କ ଶୋଇଥିବା ସ୍ଥାନରେ ପଡି ରହିଥିଲେ। ନିଶା ନିବାରଣ କେନ୍ଦ୍ରର କର୍ମଚାରୀମାନେ ତାଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲ ନେଇଥିଲେ ମଧ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେଣୁ ନିଶା ଛଡାଇବାକୁ କର୍ମଚାରୀମାନେ ଅକ୍ଷୟଙ୍କୁ ମାରପିଟ୍ କରିଥିବାରୁ ତାଙ୍କର ମୃତ୍ୟୁ ଘଟି ଥାଇପାରେ ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତରେ ତମାଣ୍ଡୋ ଥାନା ଅଧିକାରୀଙ୍କୁ ଫୋନ କରି ପଚରା ଯାଇଥିଲେ ହେଁ ସେ କୌଣସି ସନ୍ତୋଷଜନକ ଉତ୍ତର ଦେଇ ପାରି ନ ଥିଲେ। ବରଂ କଥାକୁ ଏଡାଇବା ଭଳି କହି ଫୋନ କାଟି ଦେଇଥିଲେ। ପୁଣି ଫୋନ କରାଯାଇଥିଲେ ମଧ ସେ ଉଠାଇ ନ ଥିଲେ।

## ଦଶହରା ପାଇଁ ବିଭିନ୍ନ ପୂଜା କମିଟିର ମାଟି ଅନୁକୂଳ

**ଭୁବନେଶ୍ୱର, ୨୩।୮ (ବ୍ୟୁରୋ)/କଟକ ରୋଡ, (ଡି.ଏନ୍.ଏ.)**

ଆଗକୁ ମା'ଙ୍କ ପୂଜା। ବିରାଜିବେ ଜଗତଜନନୀ ମା' ଦୁର୍ଗା। ଯେଉଁଥିପାଇଁ ଚଳଚଞ୍ଚଳ ହୋଇପଡ଼ିଛି ଭୁବନେଶ୍ୱରର ସମସ୍ତ ପୂଜା ମଣ୍ଡପ। ତେଣୁ ଶୁକ୍ରବାର ପବିତ୍ର ଜନ୍ମାଷ୍ଟମୀ ଅବସରରେ ବିଭିନ୍ନ ଦୁର୍ଗାପୂଜା କମିଟି ପକ୍ଷରୁ ମାଟି ଅନୁକୂଳ ଆରମ୍ଭ ହୋଇଛି। ଏଥିସହ ହାଉସିଂବୋର୍ଡ ଦୁର୍ଗା ପୂଜା ସମିତି, ଡୁମୁଡୁମା ଦୁର୍ଗା ପୂଜା ସମିତି, ଗଜପତି ନଗର ଦୁର୍ଗାପୂଜା ସମିତି, ରୁଚିକା ବଜାର ଦୁର୍ଗାପୂଜା ସମିତି, ଜୟଦେବ ବିହାର ଦୁର୍ଗାପୂଜା ସମିତି ଓ କଳାରାହାଙ୍ଗ ଦୁର୍ଗାପୂଜା ସମିତି ପକ୍ଷରୁ ମାଟି ଅନୁକୂଳ କାର୍ଯ୍ୟ ଶେଷ ହୋଇଛି।

**ନୟାପଲ୍ଲୀ ଦୁର୍ଗାପୂଜା ସମିତି**

ନୟାପଲ୍ଲୀ ଦୁର୍ଗାପୂଜା ସମିତି ପକ୍ଷରୁ ୩୨ତମ ଶାରଦୀୟ ପୂଜା ପାଇଁ ଶୁଭ ଶଙ୍ଖ ବାଜିଛି। ବିଧି ମୁତାବକ, କୁଆଖାଇ ନଦୀ ଘାଟରୁ ପଟୁଆର ମଧ୍ୟରେ ପାଲିଙ୍କିରେ ମାଟି ଅଣାଯାଇଛି। ମହାମାୟା ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ନିମନ୍ତେ ଆସିଥିବା ମାଟିକୁ ସହରର ବିଭିନ୍ନ ଦେବ ପୀଠ ପରିକ୍ରମା କରାଯାଇଥିଲା। ପରେ ଆସିଥିବା ମାଟିକୁ ପୂଜା ମଣ୍ଡପରେ ବିଧି ମତେ ପୂଜାର୍ଚ୍ଚନା ସହ ସ୍ଥାପନା କରାଯାଇଥିଲା। ଏ ନେଇ ସମିତିର ଉପଦେଷ୍ଟା ନବକିଶୋର ବେହେରା କହିଛନ୍ତି, ପୌରାଣିକ ରୀତିରେ ଆମେ ଏହି ମହାପାର୍ବଣର ପର୍ବକୁ ପାଳନ କରିଛୁ। ଏବେଠୁ ସମିତିର ସମସ୍ତ ସଦସ୍ୟ ହାତରେ ସୂତା ବାନ୍ଧି ନିଷ୍ଠାରେ ରହି ମା'ଙ୍କ ଶାରଦୀୟ ପୂଜାକୁ ସୂଚାରୁ ରୂପେ ସମ୍ପାଦନ ପାଇଁ ସଂକଳ୍ପ ନେଇଛୁ। ଏହି ଅବସରରେ ସମିତିର ସଭାପତି ପବିତ୍ର ମୋହନ ବେହେରା, ସମ୍ପାଦକ ମହେନ୍ଦ୍ର ବଳବନ୍ତରାୟ, ଚିତ୍ରସେନ ବେହେରା, ସୁଶାନ୍ତ କୁମାର ଦାଶ, ଜେ.ପି ଦାସଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

**ପାଇକରାପୁର ଦୁର୍ଗାପୂଜା କମିଟି**

ଭୁବନେଶ୍ୱର ମହାନଗର ନିଗମ ଅନ୍ତର୍ଗତ ପାଇକରାପୁର ସାର୍ବଜୀନନ ଦୁର୍ଗପୂଜା କମିଟି ପକ୍ଷରୁ ମାଟି ଅନୁକୂଳ ପର୍ବ ଅନୁଷ୍ଠିତ ହୋଇଯାଇଛି। କୁଆଖାଇ ନଦୀପୀଠରେ ବ୍ରାହ୍ମଣଙ୍କ ମନ୍ତ୍ରପାଠ ସାଙ୍ଗକୁ ହୋମ କାର୍ଯ୍ୟ ସମ୍ପାଦନ ପରେ ମାଟି ଅଣାଯାଇଥିଲା। ଉଲ୍ଲେଖଥାଉ କି, ପୁରାତନ ଦେବୀପୀଠ ତଥା ସବୁଜିମାମୟ ପାହାଡ଼, ଦେଉଳିଆ ପାହାଡ଼ ପାଦଦେଶରେ ପାଇକରାପୁର ଦୁର୍ଗାପୂଜା ଅନୁଷ୍ଠିତ ହୁଏ। ଏହିବର୍ଷ ସୁଉଚ୍ଚ ଐତିହାସିକ ଅଟ୍ଟାଳିକା ଓ ଆଲୋକମାଳାରେ ଶୋଭା ପାଇବେ ମା' ଦୁର୍ଗତି ନାଶିନୀଙ୍କ ତୋରଣ। ଏଥର ଶବ୍ଦ ପ୍ରଦୂଷଣ ଓ ପ୍ଲାଷ୍ଟିକମୁକ୍ତ ପୂଜା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଚଳିତବର୍ଷ ଭିନ୍ନ ଭିନ୍ନ ପ୍ରକାରର ପ୍ରତିଯୋଗିତା ଓ ଭଜନ, ପାଇକ ଆଖଡ଼ାର କାର୍ଯ୍ୟକ୍ରମ ଓ ପୁରାତନ ଲୋକନୃତ୍ୟକୁ ପ୍ରାଧାନ୍ୟ ଦିଆଯିବ। କାର୍ଯ୍ୟକ୍ରମରେ ଉପଦେଷ୍ଟା ଅଶୋକ କୁମାର ପାଲାଟାସିଂହ, ସଭାପତି ସୌମ୍ୟକାନ୍ତ ପାଇକରା, ଲିପୁ ସାହୁ, ଦୁର୍ଯ୍ୟୋଧନ ପ୍ରଧାନ ଓ ସମସ୍ତ କର୍ମକର୍ତ୍ତାଗଣ ଉପସ୍ଥିତ ଥିଲେ।

**ଶ୍ରୀ ଶ୍ରୀ ମହାବୀର ପୂଜା କମିଟି**

ଦଶହରା ସମୟରେ ଭୁବନେଶ୍ୱରର ସମସ୍ତ ଜାଗାରେ ମା' ଦୁର୍ଗା, ହରପାର୍ବତୀ ପୂଜା ପାଉଥିବା ବେଳେ ନୟାପଲ୍ଲୀ ୱାର୍ଡ ନଂ. ୩୯ରେ ଥିବା ନୂଆସାହିରେ ଚଳିତବର୍ଷକୁ ମିଶାଇ ୧୦ ବର୍ଷ ହେବ ଶୃଙ୍ଖଳାର ସହ ମହାବୀରଙ୍କ ପୂଜା କରାଯାଉଛି। ପରମ୍ପରା ରୀତି ନୀତି ଅନୁଯାୟୀ ଚଳିତବର୍ଷ ହେବାକୁ ଥିବା ପୂଜା ପାଇଁ ମହାବୀରଙ୍କ ମୂର୍ତ୍ତି ନିର୍ମାଣ ନିମନ୍ତେ ଜନ୍ମାଷ୍ଟମୀରେ କୁଆଖାଇ ନଦୀପଠାରୁ ଶ୍ରୀ ଶ୍ରୀ ମହାବୀର ପୂଜା କମିଟି, ନୂଆସାହି, ନୟାପଲ୍ଲୀ, ଭୁବନେଶ୍ୱର ପକ୍ଷରୁ ମାଟି ଅନୁକୂଳ କରାଯାଇଛି। ନୂଆସାହି ମହାବୀର ପୂଜା ମଣ୍ଡପରୁ କମିଟିର ସମସ୍ତ ସଦସ୍ୟ କୁଆଖାଇ ନଦୀପଠାରେ ପହଞ୍ଚି ବ୍ରାହ୍ମଣଙ୍କ ଦ୍ୱାରା ପୂଜାର୍ଚ୍ଚନା କରି ମାଟି ଅନୁକୂଳ କରାଯାଇଥିଲା। ପରେ ଅନୁକୂଳ ମାଟିକୁ ଶୋଭାଯାତ୍ରାରେ ସହର ପରିକ୍ରମା କରି ବାଟରେ ଥିବା ସମସ୍ତ ଦେବଦେବୀଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରି ଶେଷରେ ନୂଆସାହିରେ ଥିବା ଆଖଣ୍ଡଳମଣୀ ମନ୍ଦିରରେ ମାଟିକୁ ରଖା ଯାଇଥିଲା। ମହାବୀରଙ୍କ ମୂର୍ତ୍ତି ନିର୍ମାଣ ହେବା ପର୍ଯ୍ୟନ୍ତ ଏହି ମାଟିକୁ ମନ୍ଦିରରେ ପୂଜାର୍ଚ୍ଚନା କରାଯିବା ସହ ମୂର୍ତ୍ତି ନିର୍ମାଣ ଦିନ ମନ୍ଦିରରୁ ଏହି ପବିତ୍ର ମାଟିକୁ ଆଣି କାରିଗର ଆଣିଥିବା ମାଟି ସହ ମିଶାଇ ମୂର୍ତ୍ତି ଗଢ଼ାଯିବ ବୋଲି କମିଟିର କାର୍ଯ୍ୟକାରୀ ସଭାପତି ମିଳନ କୁମାର ପାଇକରାୟ କହିଛନ୍ତି। ଏଥିରେ କର୍ତ୍ତା ରମେଶ ଚନ୍ଦ୍ର ବେହେରା, ସଭାପତି ବିବେକାନନ୍ଦ କର, ସାଧାରଣ ସମ୍ପାଦକ ଶୈଳେନ୍ଦ୍ର ପ୍ରସାଦ ରାୟ, ସଂଯୋଜକ ରାଧାବଲ୍ଲଭ ବରାଳ, ଉପସଭାପତି ପ୍ରତାପ ପ୍ରଧାନ, ସହସମ୍ପାଦକ ସତ୍ୟବାନ ସାହୁ, ଆଶୁତୋଷ ମଲ୍ଲିକଙ୍କ ସମତେ ପୂଜା କମିଟିର କାର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।



ନୟାପଲ୍ଲୀ ଦୁର୍ଗାପୂଜା ସମିତିର ସଦସ୍ୟମାନେ କୁଆଖାଇ ନଦୀଘାଟରେ ମାଟି ଅନୁକୂଳ କରୁଛନ୍ତି।

**ପୁରୁଣା ଷ୍ଟେଶନ ବଜାର ପୂଜା ସମିତି**

ଶାରଦୀୟ ଦୁର୍ଗା ପୂଜା ପାଇଁ ଚଳଚଞ୍ଚଳ ହୋଇଛି ରାଜଧାନୀ। ଏ ନେଇ ପୂଜାମଣ୍ଡପରେ ଦେଖାଦେଇଛି ତତ୍ପରତା। ବିଧି ଅନୁଯାୟୀ ଜନ୍ମାଷ୍ଟମୀ ଅବସରରେ ମୃଣ୍ମୟୀ ମୂର୍ତ୍ତି ନିର୍ମାଣ ପାଇଁ ଆରମ୍ଭ ହୋଇଛି ମାଟି ଅନୁକୂଳ। ଏହି ଅବସରରେ ପୁରୁଣା ଷ୍ଟେଶନ ବଜାର ସାର୍ବଜନୀନ ଦୁର୍ଗାପୂଜା ସମିତି ପକ୍ଷରୁ ଶୁକ୍ରବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ସମିତି କର୍ମକର୍ତ୍ତାଙ୍କ ପକ୍ଷରୁ ପୂଜା ମଣ୍ଡପରୁ ମାଟି ଅନୁକୂଳ ପର୍ବ ପାଇଁ ଶୋଭାଯାତ୍ରା ବାହାରିଥିଲା। ପୂଜା ସମିତି ସଭାପତି ଗଣେଶ ପ୍ରସାଦ ସାହୁ, ସମ୍ପାଦକ ଦୀପକ କୁମାର ଜେନା, ସହ କର୍ମକର୍ତ୍ତା ବିମଳ କୁମାର ପଟ୍ଟନାୟକ, ଧନେଶ୍ୱର ଭୋଳ, ଧିରେନ୍ଦ୍ର ବଳ, ବିପିନ ବେହେରା, ଦେବେନ୍ଦ୍ର ଭୋଳ, ରଣଜିତ ଗରାବଡ୍ଡୁ, ସୁଶାନ୍ତ ସିଂ, ରାଜୀବ ଚମ୍ପତିଳ ସୁଶାନ୍ତ ସାହୁ ଓ ରାଜେନ୍ଦ୍ର ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। କୁଆଖାଇ ନଦୀ ପଠାରେ ମାଟ ଉଠାଣ ପରେ ପୁନର୍ବାର ପୂଜା ମଣ୍ଡପରେ ଆଉଥରେ ପୂଜାର୍ଚ୍ଚନା କରାଯାଇ ମୂର୍ତ୍ତି ନିର୍ମାଣ ଆରମ୍ଭ ହେବ ବୋଲି କର୍ମକର୍ତ୍ତାଙ୍କ ପକ୍ଷରୁ କୁହାଯାଇଛି।

## ପ୍ରତି କର୍ମରେ ସାଧନ କଲେ ଅମରତ୍ୱ ପ୍ରାପ୍ତି ହୁଏ

**ଭୁବନେଶ୍ୱର, ୨୩।୮ (ବ୍ୟୁରୋ)**

ପ୍ରଭୁଜୀ ଇଂଲିଶ ମିଡିୟମ ସ୍କୁଲରେ ଶୁକ୍ରବାର ଜନ୍ମାଷ୍ଟମୀ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରତିଷ୍ଠାତା ସାଧକ ସ୍ୱାମୀ ଶଙ୍କରାନନ୍ଦ ଗିରିଙ୍କ ଜନ୍ମଦିବସ ପାଳିତ ହୋଇଥିଲା। ପ୍ରତ୍ୟେକ କର୍ମରେ ସାଧନ କରିବା ଦ୍ୱାରା ଅମରତ୍ୱ ପ୍ରାପ୍ତି ହୋଇଥାଏ ବୋଲି ସ୍ୱାମୀ ଶଙ୍କରାନନ୍ଦ ଗିରି ତାଙ୍କ ଉପଦେଶାତ୍ମକ ଶୈଳୀରେ କହିଥିଲେ। ବିଦ୍ୟାଳୟ ଅଧକ୍ଷ ଏସ୍.ଏନ୍. ପ୍ରସାଦ ସ୍ୱାଗତ ଭାଷଣ ଓ କିଶୁଚାନ୍ଦ ପୃଷ୍ଟି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତି କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଉପାଧକ୍ଷା ଚକ୍ରଧର ରାଜ ଧନ୍ୟବାଦ ଦେଇଥିଲେ।





ଜନ୍ମାଷ୍ଟମୀ ଉତ୍ସବରେ ଛାତ୍ରୀଛାତ୍ରମାନେ ନୃତ୍ୟ ପରିବେଷଣ କରୁଛନ୍ତି।



ମାନବ ସମାଜର ମଙ୍ଗଳ ପାଇଁ ଯିଏ କିଛି ନା କିଛି କରିଛି, ସେ ନିଶ୍ଚୟ ପୁରସ୍କାର ପାଇଛି।
-ବୁକର ଟି. ୱାଶିଂଟନ



## ସଂକ୍ଷେପରେ

### ଦୁର୍ଗାପୂଜା ପାଇଁ ମାଟି ଅନୁକୂଳ

**ଆଠଗଡ଼,୨୩।୮(ସ୍ୱ.ପ୍ର.):** ଆଠଗଡ଼ ଅଞ୍ଚଳର ବିଭିନ୍ନ ଦୁର୍ଗାପୂଜା କମିଟି ପକ୍ଷରୁ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ନିର୍ମାଣ ପାଇଁ ଶୁକ୍ରବାର ମାଟି ଅନୁକୂଳ କରାଯାଇଛି। ଆଠଗଡ଼ ଦୁର୍ଗାବଜାର, ଚାନ୍ଦବାଲିଛକ, ରାସରସିକପୁର, କନ୍ତୋଲ ଦୁର୍ଗାବଜାର ଓ କନ୍ତୋଲ ହାଟ ଦୁର୍ଗାମଣ୍ଡପର କମିଟି ପକ୍ଷରୁ ଏହି କାର୍ଯ୍ୟ କରାଯାଇଛି। ବିଧି ଅନୁଯାୟୀ ପୂଜାକମିଟି ସଦସ୍ୟ ବିଭିନ୍ନ ନଦୀ ପୁଷ୍କରିଣୀକୂଳରେ ପୂଜାର୍ଚ୍ଚନା କରି ମାଟି ସଂଗ୍ରହ କରିଥିଲେ।

### ତାରିଣୀ ଦେବୀଙ୍କ ଜନ୍ମବାର୍ଷିକ ପାଳିତ

**ବାଙ୍କୀ,୨୩।୮(ସ୍ୱ.ପ୍ର.):** ବାଙ୍କୀ ଥାନା ରୋଡ୍‌ରେ ଥିବା ତାରିଣୀ ଦେବୀଙ୍କ ଜନ୍ମବାର୍ଷିକ ଉତ୍ସବ ଶୁକ୍ରବାର ପାଳିତ ହୋଇଯାଇଛି। ଏହି ଅବସରରେ ଶ୍ରଦ୍ଧାଳୁ ସ୍ଥାନୀୟ ମହାନଦୀ ଘାଟରୁ କଳସ ଯାତ୍ରାକରି ମନ୍ଦିରରେ ସ୍ଥାପନ କରିବା ପରେ ପରମ୍ପରା ଅନୁଯାଇ ପୂଜାର୍ଚ୍ଚନା କରାଯାଇଥିଲା। ମନ୍ଦିର ପରିସରରେ ହୋମଯଜ୍ଞ ଓ କୀର୍ତ୍ତନ ଆଦିରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ସନ୍ଧ୍ୟାରେ ପୂଜାକମିଟି ପକ୍ଷରୁ ଭକ୍ତଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା।

### ପୂର୍ବତନ ବିଧାୟକଙ୍କ ଶ୍ରାଦ୍ଧୋତ୍ସବ

**ବାଙ୍କୀ,୨୩।୮(ସ୍ୱ.ପ୍ର.):** ପୂର୍ବତନ ବାଙ୍କୀ ବିଧାୟକ ଗୋକୁଳାନନ୍ଦ ପ୍ରହରାଜଙ୍କ ୧୪ତମ ଶ୍ରାଦ୍ଧଦିବସ ତାଙ୍କ ଗ୍ରାମ ଗୋଲାଗଣ୍ଡଠାରେ ଶୁକ୍ରବାର ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଏକ ଶ୍ରଦ୍ଧାଞ୍ଜଳି ସଭା ହୋଇଥିଲା। କବି ସୁନୀଲ ମିଶ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥିଭାବେ ପ୍ରାଧାପକ ମନୋଜ ମହାପାତ୍ର, ସମ୍ମାନିତ ଅତିଥି ସିଦ୍ଧେଶ୍ୱର ପାଇକରାୟ, ନନ୍ଦକିଶୋର ଦଳେଇ ଓ କବି ଲଲାଟେନ୍ଦୁ ପଣ୍ଡା ପ୍ରମୁଖ ଯୋଗଦାନ କରି ପ୍ରହରାଜଙ୍କ ବ୍ୟକ୍ତିତ୍ୱ ଉପରେ ଆଲୋକପାତ କରି କହିଥିଲେ, ପ୍ରହରାଜ ବାଙ୍କୀରୁ ୩ଥର ବିଧାୟକ ହୋଇଥିଲେ। ଜଣେ ସ୍ୱାଧୀନତା ସଂଗ୍ରାମୀ ଓ ସମାଜବାଦୀ ଆନ୍ଦୋଳନର ପ୍ରବକ୍ତା ଭାବେ ସେ ସୁପରିଚିତ। ଏତଦ୍‌ବ୍ୟତୀତ ଜଣେ ଆଗଧାଡିର କବି ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀରୁ ପୁରସ୍କୃତ ହୋଇଥିଲେ। ବିଭୁପ୍ରସାଦ ରାଉତ, ବିପିନି ପ୍ରଧାନ, କିଶୋର ପ୍ରଧାନ, ଯୋଗେନ୍ଦ୍ର ପ୍ରଧାନ, ସୌଭାଗ୍ୟ ରଞ୍ଜନ ପ୍ରଧାନ, ଏକାଦଶୀ ପ୍ରଧାନ, ମୁରଲୀ ପ୍ରଧାନ ପ୍ରମୁଖ ଯୋଗଦାନ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। କମଳାକାନ୍ତ ପ୍ରହରାଜ ଧନ୍ୟବାଦ ଦେଇଥିଲେ। ପରେ ତାଙ୍କ ଗ୍ରାମରେ ଥିବା ପତିମୂର୍ତ୍ତିରେ ଅତିଥି ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।

# ଧରାପଡ଼ିଲା ଚୋରା ବନ୍ଧୁକ କାରବାର: ୨ ଗିରଫ

## ୨ ବନ୍ଧୁକ, ୫ ଗୁଳି ଜବତ

**ଚୌଦ୍ୱାର,୨୩।୮(ଡି.ଏନ୍.ଏ)**

ଚୋରା ବନ୍ଧୁକ କାରବାରରେ ସମ୍ପୃକ୍ତି ଥିବା ୨ ବେପାରୀଙ୍କୁ ଚୌଦ୍ୱାର ପୋଲିସ ଗିରଫ କରି ଶୁକ୍ରବାର କୋର୍ଟଚାଲଣ କରିଛି। ସେମାନେ ହେଲେ ଗୁରୁଡିଝାଟିଆ ଥାନା ଓସ୍ତପୁର ଗ୍ରାମର ରମେଶ ସାହୁ ଓ ଦଣ୍ଡାପଡିଆର ଭରତ ହେମ୍ବ୍ରମ। ଏମାନଙ୍କ ନିକଟରୁ ଦୁଇଟି ବନ୍ଧୁକ ଓ ୫ଟି ଗୁଳି ଜବତ ହୋଇଛି। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୨୭୯/୧୯) ରୁଜୁ କରି ତଦନ୍ତ ଚଳାଇଛି।

ତଦନ୍ତକାରୀ ଅଧିକାରୀ ବିପିନ ବିହାରୀ ହୋତାଙ୍କ ସୂଚନା ଅନୁଯାୟୀ, ଗୁରୁବାର ସନ୍ଧ୍ୟାରେ ଏଏସ୍‌ଆଇ ଶରତ କୁମାର ସାହୁ ଓ କର୍ମଚାରୀ ମହିଷାଁଲଣ୍ଡା ଅଞ୍ଚଳରେ ପାଟ୍ରୋଲିଂ ଡ୍ୟୁଟି କରୁଥିବା ବେଳେ ଏଆର୍‌ସି ନିକଟ ରାମଚନ୍ଦ୍ରପୁର ରାସ୍ତାରେ ଅଭିଯୁକ୍ତଦ୍ୱୟ ବନ୍ଧୁକ କାରବାର ପାଇଁ ଅପେକ୍ଷା କରିଥିବା ଖବର ପାଇଥିଲେ। ଏହା ପରେ ତୁରନ୍ତ ଉକ୍ତ ରାସ୍ତାରେ ପହଞ୍ଚି ଉଭୟ ଅଭିଯୁକ୍ତଙ୍କୁ କାବୁକରି ଥାନାକୁ ଆଣିଥିଲେ। ପଚରାଉଚରା କରିବାରୁ ସେମାନେ ଚୋରା ହାତ ତିଆରି ବନ୍ଧୁକ ବିଭିନ୍ନ ଜାଗାରୁ ଆଣି ଚୋରାଚାଲଣ କରିଥାନ୍ତି ବୋଲି ସ୍ୱୀକାର କରିଥିଲେ। ଏହି ହାତ ତିଆରି ବନ୍ଧୁକ କେଉଁଠାରୁ ଆସୁଛି ଓ ଏହାର ନିର୍ମାଣସ୍ଥଳୀ କେଉଁଠି ସେ ଉପରେ ଅଧିକ ତଦନ୍ତ ଜାରି ରହିଥିବା ଆଇଆଇସି ପଦ୍ମନାଭ ପ୍ରଧାନ କହିଛନ୍ତି। ସୂଚନାଯୋଗ୍ୟ, ଗତ ଜୁନ୍ ମାସରେ ପୋଲିସ ଏହି ରାସ୍ତାର ଏକ ବାଇକ୍ ଡିକିରୁ ଗୋଟିଏ ଦେଶୀ ବନ୍ଧୁକ ଜବତ ହୋଇଥିବା ବେଳେ ଏହି ଘଟଣାରେ ପୋଲିସ ଚୌଦ୍ୱାର ଅଞ୍ଚଳର ୩ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।



ଗିରଫ ୨ ଅଭିଯୁକ୍ତ, ଜବତ ହୋଇଥିବା ବନ୍ଧୁକ।

## ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ବ୍ଲକ କାର୍ଯ୍ୟ ସମୀକ୍ଷା

**ବାଙ୍କୀ,୨୩।୮(ବି.ପ୍ର.)**

କଟକ ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ଅବଦାଲ ଏମ୍ ଅକ୍ତାର ବାଙ୍କୀ ବ୍ଲକ ପରିଦର୍ଶନ କରିବା ସହ ବିଭିନ୍ନ ଉନ୍ନୟନ କାର୍ଯ୍ୟ ସମୀକ୍ଷା କରିଛନ୍ତି। ବ୍ଲକ ସମ୍ମିଳନୀ ପ୍ରକୋଷ୍ଠରେ ଅନୁଷ୍ଠିତ ବୈଠକରେ ସମସ୍ତ ପଞ୍ଚାୟତର ନିର୍ବାହୀ ଅଧିକାରୀ, କନିଷ୍ଠ ଯନ୍ତ୍ରୀ ଓ ଗ୍ରାମ ରୋଜଗାର ସାଥି, ବିଡିଓ ପ୍ରଭାତ କୁମାର ସାହୁ ଓ ସହକାରୀ ଯନ୍ତ୍ରୀ ହେମନ୍ତ ମିଶ୍ର ଉପସ୍ଥିତ ଥିଲେ। ବୈଠକରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ବ୍ୟକ୍ତିଗତ ପାଇଖାନା, ଅଙ୍ଗନୱାଡି କେନ୍ଦ୍ର, ଜାତୀୟ କର୍ମ ନିଯୁକ୍ତି ଯୋଜନା, ପାନୀୟ ଜଳ ବ୍ୟବସ୍ଥା ସମ୍ପର୍କିତ ପ୍ରକଳ୍ପ ଗୁଡିକର ସ୍ଥିତି ସମୀକ୍ଷା କରାଯାଇଥିଲା। ଆବାସ ଯୋଜନା ଚୟନ ସମୟରେ କୌଣସି ଯୋଗ୍ୟ ହିତାଧିକାଙ୍କୁ ବାଦ୍ ଦିଆଯାଇ ଅଯୋଗ୍ୟଙ୍କୁ ପ୍ରାଧାନ୍ୟ ଦିଆଯାଇଥିବା ଅଭିଯୋଗ ଆସିଲେ କ୍ଷେତ୍ର ଅଧିକାରୀଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରକଳ୍ପ ନିର୍ଦ୍ଦେଶକ ତାଗିଦ୍ କରିଥିଲେ। ସେହିପରି ଗ୍ରାମରୋଜଗାର ସାଥି କାର୍ଯ୍ୟରେ ଅବହେଳା କଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରକାଶ କରିଥିଲେ। ବୈଠକ ପରେ ଅନୁଆରି ଓ ସୁବର୍ଣ୍ଣପୁର ପଞ୍ଚାୟତକୁ ପ୍ରକଳ୍ପ ନିର୍ଦ୍ଦେଶକ କ୍ଷେତ୍ର ପରିଦର୍ଶନରେ ଯାଇଥିଲେ। ଅନୁଆରୀ ପଞ୍ଚାୟତର କୁରୁମୁଚଇନି ଗ୍ରାମରେ ପ୍ରଧାନମନ୍ତ୍ରୀ ଆବାସ ଗୃହ, ପାଇଖନା ନିର୍ମାଣ ଓ ନିର୍ମାଣ କରାଯାଇଥିବା ଅଙ୍ଗନୱାଡି କେନ୍ଦ୍ର ବୁଲି ଦେଖିଥିଲେ। ସ୍ଥାନୀୟ ସରପଞ୍ଚ ସଞ୍ଜୟ ପାତ୍ର ଓ ନିର୍ବାହୀ ଅଧିକାରୀ ଅଖୟ ସାମଲ ଉପସ୍ଥିତ ଥିଲେ। ସୁବର୍ଣ୍ଣପୁର ପଞ୍ଚାୟତ ଘୋଡ଼ାବର ଗ୍ରାମର ଶ୍ମଶାନ ଘାଟ, ଅଙ୍ଗନୱାଡି କେନ୍ଦ୍ର ପରିଦର୍ଶନ କରି ପିଲାଙ୍କ ପାଇଁ ଉଦ୍ଦିଷ୍ଟ ଅଙ୍ଗନୱାଡି କେନ୍ଦ୍ରର ର୍ୟାମ୍ପ ଓ ରଙ୍ଗବେରଙ୍ଗର ଚିତ୍ର ସହ ଦିଆଯାଇଥିବା ମଡେଲ ପ୍ରତି ଗୁରୁତ୍ୱ ଦେବା ପାଇଁ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ।

**ଜବାହରଲାଲ ନେହେରୁ କଲେଜର ୩୮ତମ ପ୍ରତିଷ୍ଠା ଉତ୍ସବ**

## 'ବିଦ୍ୟାର୍ଥୀଙ୍କ ପାଇଁ ଶିକ୍ଷାନୁଷ୍ଠାନ ଗୌରବ ବଢ଼ିଥାଏ'

**ମାହାଙ୍ଗା/ଲଳିତଗିରି,୨୩।୮(ସ୍ୱ.ପ୍ର.)**

ମାହାଙ୍ଗା ବ୍ଲକ ଅନ୍ତର୍ଗତ ଅଳିଯୋଡ଼ାସ୍ଥିତ ଜବାହରଲାଲ ନେହେରୁ କଲେଜର ୩୮ତମ ପ୍ରତିଷ୍ଠା ଉତ୍ସବ କଲେଜ ପରିସରରେ ଶୁକ୍ରବାର ପାଳିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ପଲ୍ଲବ ଚକ୍ରବର୍ତ୍ତୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥିଭାବେ ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନା ଯୋଗଦେଇ ବିଦ୍ୟାର୍ଥୀ ଏକାଗ୍ର ଚିତ୍ତରେ ଅଧ୍ୟୟନ କରି ବିଭିନ୍ନ କ୍ଷେତ୍ରରେ ସଫଳତା ପାଇଲେ ଶିକ୍ଷାନୁଷ୍ଠାନର ଗର୍ବ ଓ ଗୌରବ ବଢ଼ିଥାଏ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା କଲେଜ ପ୍ରତିଷ୍ଠାତା ତଥା ପୂର୍ବତନ ବିଧାୟକ ବିକ୍ରମ କେଶରୀ ବର୍ମା ଯୋଗଦେଇ ବିଗତ ଦିନର ପ୍ରତିକୂଳ ଅନୁଭୂତି ସମ୍ପର୍କରେ ଆଲୋକପାତ କରିବାସହ ଶିକ୍ଷାନୁଷ୍ଠାନର ବିକାଶ କ୍ଷେତ୍ରରେ ଛାତ୍ରୀଛାତ୍ର ଆଗେଇ ଆସିବାକୁ ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ବ୍ଲକ ଅଧ୍ୟକ୍ଷ ଶରତ ନାୟକ, ଉପାଧ୍ୟକ୍ଷା ରଶିଦା ବେଗମ, ସମ୍ମାନିତ ବକ୍ତା ରାଜକିଶୋର ଜେନା ଓ ଭିକାରୀ ଚରଣ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ଅଧ୍ୟାପକ ଅଜୟ ଚନ୍ଦ୍ର ସାହୁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହିଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ଜଳେଶ୍ୱରପୁର ଗ୍ରାମର କୈଳାସ ଚନ୍ଦ୍ର ସାମଲ ଓ ତାଙ୍କ ସ୍ତ୍ରୀ ରେଣୁବାଳା ରାଉତରାୟ ନିଜର ଏକମାତ୍ର ପୁତ୍ର ସ୍ୱର୍ଗତ ସୌରଭ ସାମଲଙ୍କ ସ୍ମୃତି ଉଦ୍ଦେଶ୍ୟରେ କଲେଜକୁ ୧୦ ଲକ୍ଷ ଟଙ୍କା ଦାନ କରିଥିବାରୁ କଲେଜ ପକ୍ଷରୁ ମନ୍ତ୍ରୀ ଜେନାଙ୍କ ଦ୍ୱାରା ସେମାନଙ୍କୁ ସମ୍ମାନିତ କରାଯାଇଥିଲା। କଲେଜର ସମସ୍ତ ଅଧ୍ୟାପିକାଅଧ୍ୟାପକ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଅଧ୍ୟାପକ ରୁଦ୍ରନାରାୟଣ ଦାସ ଧନ୍ୟବାଦ ଦେଇଥିଲେ।



କଲେଜ ପ୍ରତିଷ୍ଠା ଉତ୍ସବରେ ମନ୍ତ୍ରୀ ପ୍ରତାପ ଜେନା ଓ ଅନ୍ୟ ଅତିଥି ଉପସ୍ଥିତ।

## ଅବକାରୀ ଚଢ଼ାଉ, ୪୮୦ଲିଟର ମଦ ଜବତ

**ଆଠଗଡ଼,୨୩।୮(ସ୍ୱ.ପ୍ର.)**

ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ଡାଲୁଆ ଗ୍ରାମର ଜଙ୍ଗଲିଆସ୍ଥାନରେ ଦେଶୀମଦ ପ୍ରସ୍ତୁତ ହେଉଥିବା ଖବର ପାଇ ଶୁକ୍ରବାର ଆଠଗଡ଼ ଅବକାରୀ ବିଭାଗ ଓ କଟକ ଅବକାରୀ ଭ୍ରାମ୍ୟମାଣ ଦଳ ପକ୍ଷରୁ ଚଢ଼ାଉ କରାଯାଇଥିଲା। ଏହି ସମୟରେ ମଦ ପ୍ରସ୍ତୁତ ପାଇଁ ଗଚ୍ଛିତ ଥିବା ୭୬୪୦ଲିଟର ଗୁଡ ମହୁଲ ମିଶା ପୋଚ ନଷ୍ଟ କରାଯିବା ସହ ପ୍ରସ୍ତୁତ ହୋଇ ରହିଥିବା ୪୮୦ଲିଟର ରନ୍ଧା ଦେଶୀମଦ ଜବତ କରାଯାଇଥିଲା। ଅବକାରୀ ବିଭାଗ କର୍ମଚାରୀ ଜଙ୍ଗଲ ଭିତରେ ଅସାଧୁ ବ୍ୟବସାୟୀ ମଦ ରାନ୍ଧୁଥିବା ଖବର ପାଇ ଚଢାଉ କରିଥିଲେ। ମଦ ପ୍ରସ୍ତୁତକାରୀ ଶବ୍ଦ ଶୁଣି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଅବକାରୀ ଅଧୀକ୍ଷକ ଅଶୋକ ଶତପଥୀଙ୍କ ନିର୍ଦ୍ଦେଶମତେ ଏହି ଚଢ଼ାଉ କରାଯାଇଥିଲା। ନିରୀକ୍ଷକ ସଞ୍ଜୀତ୍ ବାର୍ଲାଙ୍କ ନେତୃତ୍ୱରେ ପ୍ରବୀର ସାମଲ, ବିଜୟ ଭଞ୍ଜ, କମଳ ପାଇକରାୟ, କାଳନ୍ଦୀ ଚରଣ ବେହେରା, ରମେଶ ଶତପଥୀ, ବେଣୁଧର ସାମଲଙ୍କ ସମେତ ବହୁ କର୍ମଚାରୀ ଚଢାଉରେ ସାମିଲ ହୋଇଥିଲେ। ଏହି ଘଟଣାରେ କାହାରିକୁ ଗିରଫ କରାଯାଇ ପାରିନାହିଁ।

## ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମସ୍ୟା ବୁଝିଲେ ବିଧାୟକ

**ବଡ଼ମ୍ବା,୨୩।୮(ଡି.ଏନ.ଏ.)**

ବଡ଼ମ୍ବା ସଦର ମହକୁମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଶୁକ୍ରବାର ବିଧାୟକ ଦେବୀପ୍ରସାଦ ମିଶ୍ର ପରିଦର୍ଶନ କରିଛନ୍ତି। ଏହି ସମୟରେ ସେ ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ସମସ୍ୟା ସମ୍ପର୍କରେ ପଚାରି ବୁଝି ତା'ର ସମାଧାନ ଦିଗରେ ସମୀକ୍ଷା କରିଛନ୍ତି। ସମୀକ୍ଷା ବୈଠକରେ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର, ନର୍ସ ଓ ଅନ୍ୟ କର୍ମଚାରୀଙ୍କ ଅଭାବ ଉପରେ ବିଶେଷ ଗୁରୁତ୍ୱ ଦେଇଥିଲେ। ଡାକ୍ତରଙ୍କ କାର୍ଯ୍ୟ ତଦାରଖ କରି ଠିକ୍ ସମୟରେ ମେଡିକାଲ୍‌ରେ ଉପସ୍ଥିତ ରହି ରୋଗୀଙ୍କୁ ସେବା ଯୋଗାଇବା ପାଇଁ ପରାମର୍ଶ ପ୍ରଦାନ କରିଥିଲେ। ନୋଟିସ୍ ବୋର୍ଡ ଡ୍ୟୁଟି ଚାର୍ଟ ଦେଖିବା ସହ ନିରାମୟ କେନ୍ଦ୍ରକୁ ଅଧିକ ସମୟ ଖୋଲା ରଖିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଇଥିବା ଏକ କୋଟିରୁ ଊର୍ଦ୍ଧ୍ୱ ଅନୁଦାନକୁ ଠିକ୍‌ରେ ବିନିଯୋଗ କରିବା ଉପରେ ପରାମର୍ଶ ପ୍ରଦାନ କରିଥିଲେ। ସେହିପରି ଡାକ୍ତର କ୍ୱାର୍ଟର ଓ ନର୍ସ କ୍ୱାର୍ଟର ଅଭାବ ଉପରେ ଶୀଘ୍ର ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମୃତଦେହ ବ୍ୟବଚ୍ଛେଦେ ଗୃହରେ ଦେଖାଯାଇଥିବା ଅବ୍ୟବସ୍ଥାକୁ ତୁରନ୍ତ ସମାଧାନ କରାଯିବ ବୋଲି କହିଥିଲେ। ବୈଠକରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ବିଭୂତି ଭୂଷଣ ନାୟକ, ତହସିଲଦାର ଅନୀଲ କୁମାର ପଟ୍ଟନାୟକ, ବିଡିଓ ସଦାନନ୍ଦ ସେଠୀ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଚିକିତ୍ସାଧିକାରୀ ବିଶ୍ୱନାଥ ଆଧେକ୍, ବ୍ଲକ ଅଧ୍ୟକ୍ଷା ଅନୁସୂୟା ନାଏକ, ଉପାଧ୍ୟକ୍ଷ ସଦାନନ୍ଦ ସ୍ୱାଇଁ, ଦୀପକ ସାହୁ, ରବୀନ୍ଦ୍ର ସାହୁ, ସନ୍ତୋଷ ପଟ୍ଟନାୟକ, ମହେନ୍ଦ୍ର କୁମାର ପଡ଼ିଆରୀ, ରବୀନ୍ଦ୍ର ରଣା ଓ ସରୋଜ ପଟ୍ଟନାୟକଙ୍କ ସମେତ ବହୁ ଜନପ୍ରତିନିଧି ଉପସ୍ଥିତ ଥିଲେ।



ବିଧାୟକ ଦେବୀ ପ୍ରସାଦ ମିଶ୍ର ସ୍ୱାସ୍ଥ୍ୟକେନ୍ଦ୍ର ସମସ୍ୟା ସମ୍ପର୍କରେ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

## ସରସ୍ୱତୀ ଶିଶୁ ମନ୍ଦିର ବାର୍ଷିକ ଉତ୍ସବ

**ଲଳିତଗିରି,୨୩।୮(ସ୍ୱ.ପ୍ର.)**

ମାହାଙ୍ଗା ବ୍ଲକ ମୂଳବସନ୍ତ ପଞ୍ଚାୟତସ୍ଥିତ ମା'ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ ଶୁକ୍ରବାର ପାଳିତ ହୋଇଯାଇଛି। ଶିଶୁ ମନ୍ଦିର ସଭାପତି ଅମୀୟକେତନ ବଳବନ୍ତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଅତିଥିଭାବେ ସମ୍ପାଦକ ତ୍ରୈଲୋକ୍ୟ ବିହାରୀ ଦାସ, ବରିଷ୍ଠ ଶିକ୍ଷାବିତ୍ ରମେଶ ଚନ୍ଦ୍ର ସାହୁ, ପ୍ରଧାନଶିକ୍ଷକ ସୁଶାନ୍ତ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ ଦେବୀରାଣୀ ମହାପାତ୍ର, ଅନୁଦିତା ଓଝା, ଜାପାନୀ କର, ନିବେଦିତା ସାହୁ, ପ୍ରଣିତା ପ୍ରିୟଦର୍ଶିନୀ ନାୟକ ଓ ମଳୟ ସାମଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ନୃତ୍ୟ, ସଙ୍ଗୀତ ଓ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପରେ କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରିଥିଲେ।

# ପୁରପଲ୍ଲିରେ ଜନ୍ମାଷ୍ଟମୀ

**ନିଶ୍ଚିନ୍ତକୋଇଲି,୨୩।୮(ସ୍ୱ.ପ୍ର.)**

ଜନ୍ମାଷ୍ଟମୀ ଉତ୍ସବ ନିଶ୍ଚିନ୍ତକୋଇଲି ବ୍ଲକର ପୁରପଲ୍ଲିରେ ପାଳିତ ହୋଇଛି। କୃଷ୍ଣ ଉପାସକ ପ୍ରଭୁଙ୍କ ଆରାଧନା କରିବା ସହ ମାନସିକ ପୂଜାର୍ଚ୍ଚନା କରିଥିଲେ। ବିଭିନ୍ନ ଭାଗବତ ଟୁଙ୍ଗିରେ କୃଷ୍ଣ ଜନ୍ମଲୀଳା, ଭାଗବତ ପାଠ କରାଯାଇଛି। ନିଶ୍ଚିନ୍ତକୋଇଲି ସରସ୍ୱତୀ ଶିଶୁ ବଦ୍ୟାମନ୍ଦିରରେ ନିଆରା ଢଙ୍ଗରେ ଉତ୍ସବ ପାଳିତ ହୋଇଛି। ପ୍ରଧାନଆଚାର୍ଯ୍ୟ ସୁଶୀଲ ବିଶୋଇ ସଙ୍କଳ୍ପ କରି ପୂଜା କରିଥିଲେ। ମହୋତ୍ସବକୁ ପରିଚାଳନା କମିଟି ସଭାପତି ସୁନୀଲ ମିଶ୍ର ଉଦ୍‌ଘାଟନ କରିଥିଲେ। ଅତିଥିଭାବେ ଗଗନ ବିହାରୀ ବରାଳ, ସମ୍ପାଦକ ଅଶୋକ ମହାପାତ୍ର, ବ୍ରହ୍ମାନନ୍ଦ ଜେନା ପ୍ରମୁଖ ଯୋଗଦେଇ ଜନ୍ମାଷ୍ଟମୀ ଓ କୃଷ୍ଣଙ୍କ ଜନ୍ମର ପାରମ୍ପରିକ ବୃତ୍ତାନ୍ତ ଉପରେ ଆଲୋକପାତ କରିଥିଲେ। ବାଟିକା ପ୍ରମୁଖ କିଶୋର ବାରିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ନୃତ୍ୟସଙ୍ଗୀତ ପ୍ରତିଯୋଗିତା କରାଯାଇଥିଲା।

**ବାଙ୍କୀ,(ବି.ପ୍ର.):** ବାଙ୍କୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ଜନ୍ମାଷ୍ଟମୀ ପାଳିତ ହୋଇଛି। ସାମାଜିକ କର୍ମୀ ଗୌରାଙ୍ଗ ବେହେରା ମୁଖ୍ୟଅତିଥିଭାବେ ଯୋଗ ଦେଇଥିଲେ। ପ୍ରଧାନାଚାର୍ଯ୍ୟ ନରେଶ ମନ୍ତ୍ରୀ ଅତିଥି ପରିଚୟ ପ୍ରଦାନ କରିବା ସହିତ ଉପସ୍ଥିତ ରାଧାକୃଷ୍ଣ ବେଶଧାରୀ କୁନି ବିଦ୍ୟାର୍ଥୀଙ୍କୁ ଉତ୍ସାହିତ କରିଥିଲେ। ବିଦ୍ୟାଳୟ ସମ୍ପାଦକ ଶିବ ପ୍ରସାଦ ପାଢ଼ୀ ଯୁଗାବତର ଶ୍ରୀକୃଷ୍ଣଙ୍କ ଜନ୍ମଦିବସ ପାଳନ ସମାଜର ଶାନ୍ତି ବିରାଜମାନ ଓ ଭକ୍ତିର ସମ୍ପୂର୍ଣ୍ଣ ପରିବେଶ ପାଇଁ ଏକ ଆହ୍ୱାନ ବୋଲି ପ୍ରକାଶ କରିଥିଲେ।

ସେହିପରି ବ୍ରହ୍ମପୁରା-କିଆପଲ୍ଲା ସରସ୍ୱତୀ ଶିଶୁ ମନ୍ଦିରରେ ଜନ୍ମାଷ୍ଟମୀ ଓ ରାଧାକୃଷ୍ଣ ବେଶ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ରାଧାକୃଷ୍ଣ ବେଶରେ ୫୦ ଛାତ୍ରୀଛାତ୍ର ଯୋଗଦେଇଥିଲେ। ପ୍ରଧାନାଚାର୍ଯ୍ୟା ତୃପ୍ତିମୟୀ ପଟ୍ଟନାୟକଙ୍କ ସଞ୍ଚାଳନରେ ନିରଞ୍ଜନ ମହାପାତ୍ର ଓ ସାଗର ଜେନା ଭାଗବତ ପାଠ କରିଥିଲେ। ରାଧାକୃଷ୍ଣ ବେଶରେ ଭୂଷିତ ପିଲାଙ୍କୁ ଗ୍ରାମ ପରିକ୍ରମା କରାଯାଇଥିଲା।

**ବାଙ୍କୀ,(ସ୍ୱ.ପ୍ର.):** ଜନ୍ମାଷ୍ଟମୀ ଅବସରରେ ତୁଳସୀପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ରାଧାକୃଷ୍ଣ ବେଶ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଏଥିରେ ବିଦ୍ୟାଳୟର ୧୩୪ ପ୍ରତିଯୋଗୀ ହୋଇ ଅଂଶଗ୍ରହଣ କରିଥିଲେ। ବିଦ୍ୟାଳୟ ସମ୍ପାଦକ ଅଶୋକ ସାହୁ, ସହସମ୍ପାଦକ ସୁକାନ୍ତ ସାହୁ ଓ ରାଜକିଶୋର ରାଉତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରଧାନ ଆଚାର୍ଯ୍ୟ ରମେଶ ଚନ୍ଦ୍ର ଦାଶ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ।



ନିଶ୍ଚିନ୍ତକୋଇଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀଛାତ୍ର ରାଧାକୃଷ୍ଣ ବେଶରେ ସଜେଇ ହୋଇଛନ୍ତି।

**ବଡ଼ମ୍ବା,(ଡି.ଏନ.ଏ.):** ବଡ଼ମ୍ବା ବ୍ଲକ ଅନ୍ତର୍ଗତ ବିଭିନ୍ନ ଗ୍ରାମରେ ଜନ୍ମାଷ୍ଟମୀ ପାଳିତ ହୋଇଛି। ବିଭିନ୍ନ ମନ୍ଦିରରେ ପୂଜାର୍ଚ୍ଚନା ସହ ସାଂସ୍କୃତି କାର୍ଯ୍ୟକ୍ରମ କରାଯାଇଥିବା ଦେଖାଯାଇଛି। ବିଭିନ୍ନ ଅନୁଷ୍ଠାନ ଓ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ମଧ ଦିବସ ପାଳିତ ହୋଇଛି। ଶଙ୍ଖାମେରୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଏହି ଉତ୍ସବ ମହାସମାରୋହରେ ପାଳିତ ହୋଇଥିଲା। ଛାତ୍ରୀଛାତ୍ର ରାଧାକୃଷ୍ଣ ଓ ବଳରାମ, ଅନ୍ୟ ବେଶରେ ସଜ୍ଜିତ ହୋଇ ଗ୍ରାମ ପରିକ୍ରମା କରିଥିଲେ। ପ୍ରଧାନ ଅଚାର୍ଯ୍ୟା ଦୁଃଖୀ ଦେଈଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେହିପରି ବଡ଼ମ୍ବା, ଗୋପପୁର, ମାଣିଆବନ୍ଧ ଶିଶୁ ମନ୍ଦିରରେ ଏହି ଉତ୍ସବ ପାଳିତ ହୋଇଛି।

**ଆଠଗଡ଼,(ସ୍ୱ.ପ୍ର.):** ଆଠଗଡ଼ର ରାଧାକୃଷ୍ଣଙ୍କ ମନ୍ଦିର, ଯଜ୍ଞନାରାୟଣ ମନ୍ଦିର, ଅଟ୍ଟାଳିଜଗନ୍ନାଥ, କନ୍ତୋଲ ଜଗନ୍ନାଥ ମନ୍ଦିର, ରାଧାରସିକପୁର ମଠ, କୃଷ୍ଣରସିକପୁର ମଠ, ବୀରକିଶୋରପୁର ଶୀଳଧାମ ଆଶ୍ରମ, କନ୍ତୋଲ ମନାବାଇ ଆଶ୍ରମ ସମେତ ବିଭିନ୍ନ କୋଠଘର ଓ ଭାଗବତ ଟୁଙ୍ଗିରେ ଜନ୍ମାଷ୍ଟମୀ ପାଳିତ ହୋଇଛି। ଶ୍ରଦ୍ଧାଳୁ ସକାଳୁ ଠାକୁରଙ୍କ ଦର୍ଶନ ସାରି ବ୍ରତଧାରଣ କରିଥିଲେ। ମଠ ମନ୍ଦିରରେ ଭାଗବତ ପଠନ ଓ କୃଷ୍ଣଜନ୍ମ ପଠନ କରାଯାଇଥିଲା।





ଜନ୍ମାଷ୍ଟମୀ ଉପଲକ୍ଷେ ବାଙ୍କୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀଛାତ୍ର ଓ ବ୍ରହ୍ମପୁରା-କିଆପଲ୍ଲା ସରସ୍ୱତୀ ଶିଶୁ ମନ୍ଦିର ଛାତ୍ରୀଛାତ୍ର ବିଭିନ୍ନ ବେଶରେ ସଜେଇ ହୋଇ ପ୍ରତିଯୋଗିତାରେ ଭାଗ ନେଇଛନ୍ତି।



“ମାନବ ସମାଜର ମଙ୍ଗଳ ପାଇଁ ଯିଏ କିଛି ନା କିଛି କରିଛି, ସେ ନିଶ୍ଚୟ ପୁରସ୍କାର ପାଇଛି।
- ବୁକର ଟି. ୱାଶିଂଟନ



## ସଂକ୍ଷେପରେ

### ମଦ ଜବତ, ଜଣେ ଗିରଫ

**କଟକ ଅଫିସ, ୨୩।୮:** ଚୋରା ଦେଶୀ ମଦ ବିକିବା ଅଭିଯୋଗରେ ମର୍କତନଗର ଥାନା ପୋଲିସ ଜଣଙ୍କୁ ଗିରଫ କରିଛି। ସେ ହେଲେ ସତୀଚଉରା ଇମାମପଡ଼ାର ସେକ୍ ମୌସିମ୍ (୫୧)। ଶୁକ୍ରବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ସୂଚନା ଅନୁଯାୟୀ, ମୌସିମ ଦେଶୀ ମଦ ବିକ୍ରି ପାଇଁ ନେଉଥିବା ବେଳେ ପୋଲିସ ହାତରେ ଧରାପଡ଼ିଥିଲେ। ତାଙ୍କଠାରୁ ୭୦୦ ବୋତଲ ଦେଶୀ ମଦ ଜବତ କରାଯାଇଥିଲା। ଏ ନେଇ କେସ୍ ନଂ. ୧୨୫/୨୦୧୯ ରୁଜୁ ହୋଇଛି।

### ବିଦ୍ୟୁତ୍ ଆଘାତରେ ଆହତ ଯୁବକଙ୍କ ମୃତ୍ୟୁ

**ଫୁଲନଖରା, ୨୩।୮ (ଡି.ଏନ୍.ଏ.):** କଟକ ସଦର ଥାନା ଆମଣ ପଞ୍ଚାୟତର ବିରାଦାସ ବଜାରଠାରେ ଗତ ମଙ୍ଗଳବାର ୧୧କେଭି ବିଦ୍ୟୁତ୍ ସଂସ୍ପର୍ଶରେ ଆସି ବିଶ୍ୱାଳପଡ଼ା ଗ୍ରାମର ଅଜିତ୍ ମହାନ୍ତି ଗୁରୁତର ହୋଇଥିଲେ। କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର ରାତିରେ ତାଙ୍କର ମୃତ୍ୟୁ ଘଟିଛି। ଶୁକ୍ରବାର ମୃତଦେହକୁ ବ୍ୟବଚ୍ଛେଦ କରାଯିବା ପରେ ବିଶ୍ୱାଳପଡ଼ା ଗ୍ରାମକୁ ଅଣାଯାଇଥିଲା। ଆମଣ ସରପଞ୍ଚ ପୁନାନନ୍ଦ ଭୋଇ, ଭାଜପା ନେତା ଦିଲୀପ ମଲ୍ଲିକ, ପୂର୍ବତନ ଜିଲା ପରିଷଦ ସଭ୍ୟ କ୍ଷୀରୋଦ ଚନ୍ଦ୍ର ଦଳାଇଙ୍କ ସମେତ ବହୁ ବ୍ୟକ୍ତି ଅଜିତ୍‌ଙ୍କ ଘରକୁ ଯାଇ ତାଙ୍କ ପରିବାରକୁ ସମବେଦନା ଜଣାଇଥିଲେ। ଗ୍ରାମର ଯୁବକମାନେ ଅଜିତର ମୃତଦେହକୁ ଏକ ଶୋଭାଯାତ୍ରାରେ ନଖରା ବିଦ୍ୟୁତ୍ ବିଭାଗ ଅଫିସ ନିକଟକୁ ନେବା ପରେ ଅନ୍ତିମ ସଂସ୍କାର ପାଇଁ ପୁରୀ ସ୍ୱର୍ଗଦ୍ୱାରକୁ ନିଆଯାଇଥିଲା।

### ବ୍ଲକସ୍ତରୀୟ କବାଡ଼ି ପ୍ରତିଯୋଗିତା

**କଟକ ସଦର, ୨୩।୮ (ଡି.ଏନ୍.ଏ.):** କଟକ ସଦର ବ୍ଲକସ୍ତରୀୟ କବାଡି ପ୍ରତିଯୋଗିତା ଫକୀରପଡ଼ାସ୍ଥିତ ବରୁଣେଇ ବିଦ୍ୟାପୀଠ ଖେଳପଡିଆଠାରେ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ବ୍ଲକର ୮ଟି ଜୋନରୁ ୧୨୦ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ୧୭ବର୍ଷରୁ କମ ବାଳିକା ଓ ବାଳକ ବର୍ଗରୁ ୧୪ଜଣ, ୧୪ବର୍ଷରୁ କମ ବର୍ଗ ବାଳିକା ଓ ବାଳକରୁ ୮ଜଣ ପ୍ରତିଯୋଗୀ କଟକ ଜିଲାସ୍ତରୀୟ ପ୍ରତିଯୋଗିତାକୁ ମନୋନୀତ ହୋଇଥିଲେ। ଏହି ପ୍ରତିଯୋଗିତାକୁ ବିଦ୍ୟାପୀଠର ପ୍ରଧାନ ଶିକ୍ଷୟିତ୍ରୀ ସଂଯୁକ୍ତା ମହାରଣା ଉଦ୍‌ଘାଟନ କରିଥିବା ବେଳେ କ୍ରୀଡା ସଙ୍ଗଠନର ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ବିବରଣୀ ପାଠ କରିଥିଲେ। କ୍ରୀଡା ଶିକ୍ଷକ ଶୁଭ୍ରାଂଶୁ ଶେଖର ବେହେରା, ବିଶ୍ୱଜିତ ପଟ୍ଟନାୟକ, ନଗେନ କୁମାର ବିଶ୍ୱାଳ, ଜ୍ଞାନରଞ୍ଜନ ଧଳ, ହିମାଂଶୁ ଶେଖର ଜେନା, ମହମ୍ମଦ ନିଆଜ ଅହମ୍ମଦ, ଜୟଧର୍ମ ସେନାପତି ପରିଚାଳନା କରିଥିଲେ।

# ଧରାପଡ଼ିଲା ଚୋରା ବନ୍ଧୁକ କାରବାର: ୨ ଗିରଫ

**୨ ବନ୍ଧୁକ, ୫ ଗୁଳି ଜବତ**

**ଚୌଦ୍ୱାର, ୨୩।୮ (ଡି.ଏନ୍.ଏ)**

ଚୋରା ବନ୍ଧୁକ କାରବାରରେ ସମ୍ପୃକ୍ତି ଥିବା ୨ ବେପାରୀଙ୍କୁ ଚୌଦ୍ୱାର ପୋଲିସ ଗିରଫ କରି ଶୁକ୍ରବାର କୋର୍ଟଚାଲଣ କରିଛି। ସେମାନେ ହେଲେ ଗୁରୁଡିଝାଟିଆ ଥାନା ଓସ୍ତପୁର ଗ୍ରାମର ରମେଶ ସାହୁ ଓ ଦଣ୍ଡାପଡିଆର ଭରତ ହେମ୍ବ୍ରମ। ଏମାନଙ୍କ ନିକଟରୁ ଦୁଇଟି ବନ୍ଧୁକ ଓ ୫ଟି ଗୁଳି ଜବତ ହୋଇଛି। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୨୭୯/୧୯) ରୁଜୁ କରି ତଦନ୍ତ ଚଳାଇଛି।

ତଦନ୍ତକାରୀ ଅଧିକାରୀ ବିପିନ ବିହାରୀ ହୋତାଙ୍କ ସୂଚନା ଅନୁଯାୟୀ, ଗୁରୁବାର ସନ୍ଧ୍ୟାରେ ଏଏସ୍ଆଇ ଶରତ କୁମାର ସାହୁ ଓ କର୍ମଚାରୀ ମହିଷାଁଲଣ୍ଡା ଅଞ୍ଚଳରେ ପାଟ୍ରୋଲିଂ ଡ୍ୟୁଟି କରୁଥିବା ବେଳେ ଏଆର୍‌ସି ନିକଟ ରାମଚନ୍ଦ୍ରପୁର ରାସ୍ତାରେ ଅଭିଯୁକ୍ତଦ୍ୱୟ ବନ୍ଧୁକ କାରବାର ପାଇଁ ଅପେକ୍ଷା କରିଥିବା ଖବର ପାଇଥିଲେ। ଏହା ପରେ ତୁରନ୍ତ ଉକ୍ତ ରାସ୍ତାରେ ପହଞ୍ଚି ଉଭୟ ଅଭିଯୁକ୍ତଙ୍କୁ କାବୁକରି ଥାନାକୁ ଆଣିଥିଲେ। ପଚରାଉଚରା କରିବାରୁ ସେମାନେ ଚୋରା ହାତ ତିଆରି ବନ୍ଧୁକ ବିଭିନ୍ନ ଜାଗାରୁ ଆଣି ଚୋରାଚାଲଣ କରିଥାନ୍ତି ବୋଲି ସ୍ୱୀକାର କରିଥିଲେ। ଏହି ହାତ ତିଆରି ବନ୍ଧୁକ କେଉଁଠାରୁ ଆସୁଛି ଓ ଏହାର ନିର୍ମାଣସ୍ଥଳୀ କେଉଁଠି ସେ ଉପରେ ଅଧିକ ତଦନ୍ତ ଜାରି ରହିଥିବା ଆଇଆଇସି ପଦ୍ମନାଭ ପ୍ରଧାନ କହିଛନ୍ତି। ସୂଚନାଯୋଗ୍ୟ, ଗତ ଜୁନ୍ ମାସରେ ପୋଲିସ ଏହି ରାସ୍ତାର ଏକ ବାଇକ୍ ଡିକିରୁ ଗୋଟିଏ ଦେଶୀ ବନ୍ଧୁକ ଜବତ ହୋଇଥିବା ବେଳେ ଏହି ଘଟଣାରେ ପୋଲିସ ଚୌଦ୍ୱାର ଅଞ୍ଚଳର ୩ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।



ଗିରଫ ଦୁଇ ଅଭିଯୁକ୍ତ, ଜବତ ବନ୍ଧୁକ ଓ ଗୁଳି।

# ୩ ବାଇକ୍ ଲୁଟେରା ଗିରଫ

**କଟକ ଅଫିସ, ୨୩।୮**

ବାଇକ୍ ଲୁଟ୍ ଘଟଣାରେ ଚାଉଳିଆଗଞ୍ଜ ଥାନା ପୋଲିସ ଶୁକ୍ରବାର ୩ଜଣ ଲୁଟେରାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନଙ୍କଠାରୁ ଗୋଟିଏ ଚୋରା ବାଇକ୍ ଜବତ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ନେହେରୁପଲ୍ଲୀର ଦେବାଶିଷ ଦାସ(୧୯), ଅର୍ଜୁନ ପ୍ରଧାନ(୨୦) ଏବଂ ସାଗର ବିଶ୍ୱାଳ(୨୧)। ସାଗରଙ୍କ ବିରୋଧରେ ଚାଉଳିଆଗଞ୍ଜ ଥାନାରେ ଏକ ମାମଲା ରହିଛି। ଏହି ଅଭିଯୁକ୍ତମାନେ ଏକ ବାଇକ (ଓଡି-୦୫-୪୬୯୨)ରେ ଯାଉଥିବାବେଳେ ଥାନା ଏସ୍ଆଇ ବଂଶୀଧର ମଲ୍ଲିକ ସେମାନଙ୍କୁ ଅଟକାଇ ଗାଡ଼ିର କାଗଜପତ୍ର ମାଗିଥିଲେ। ସେମାନେ କୌଣସି କାଗଜପତ୍ର ଦେଖାଇ ପାରି ନ ଥିଲେ। ଫଳରେ ଏସ୍ଆଇ ମଲ୍ଲିକ ସେମାନଙ୍କୁ ସନ୍ଦେହରେ ଥାନାକୁ ନେଇଥିଲେ। ପଚରାଉଚରା କରିବାରୁ ସାଗରଙ୍କ ଅପରାଧୀକ କାର୍ଯ୍ୟକଳାପ ସମ୍ପର୍କରେ ଜଣାପଡ଼ିଥିଲା। ଏ ନେଇ କେସ୍ ନଂ. ୨୫୧/୧୯ ରୁଜୁ କରାଯାଇଛି।

# କୁସଂସ୍କାର ବିରୋଧରେ ଲେଖୁଥିଲେ କୁନ୍ତଳା କୁମାରୀ

**କଟକ ଅଫିସ, ୨୩।୮**

ସାମାଜିକ ଅନୁଷ୍ଠାନ ‘ସମୀଚିନ’ ପକ୍ଷରୁ ଉତ୍କଳ ଭାରତୀ କୁନ୍ତଳା କୁମାରୀ ସାବତଙ୍କ ୮୧ତମ ଶ୍ରାଦ୍ଧବାର୍ଷିକୀ ଶୁକ୍ରବାର ମର୍କତନଗରଠାରେ ପାଳିତ ହୋଇଯାଇଛି। ସାମାଜିକ କର୍ମୀ ଗୋବିନ୍ଦ ଦାସ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ମହାନଗର ନାଗରିକ ମହାସଭାର ସଭାପତି ଡା. ରବିରଞ୍ଜନ ସାହୁ ଯୋଗଦେଇ କହିଥିଲେ, କୁନ୍ତଳା କୁମାରୀ ଓଡ଼ିଆ ସାହିତ୍ୟର ଜଣେ ଅଦ୍ୱିତୀୟା ନାରୀ କବି, ଔପନ୍ୟାସିକା ଓ ସମ୍ପାଦିକା ଥିଲେ। ଓଡ଼ିଆ ବାଣୀଭଣ୍ଡାରକୁ ତାଙ୍କର ଅବଦାନ ଅତୁଳନୀୟ। ସମ୍ମାନିତ ଅତିଥି ଭାବେ ଡ. ପରିଣୀତା ଦାସ ଯୋଗଦେଇ କହିଥିଲେ, କୁନ୍ତଳା କୁମାରୀ ନିର୍ଭୀକା ଓ ସାହସିନୀ ଲେଖିକା ଥିଲେ। ସମାଜର କୁସଂସ୍କାର ବିରୋଧରେ ସର୍ବଦା ଲେଖନୀ ଚାଳନା କରୁଥିଲେ। ଉତ୍ସବରେ ଡ. ପବିତ୍ର ମହାନ୍ତି, ସୁକାନ୍ତି ବେହେରା, ରାମଚନ୍ଦ୍ର ଦାସଙ୍କ ସମେତ ଅନୁଷ୍ଠାନର ବହୁ ସଦସ୍ୟ ଉପସ୍ଥିତ ଥିଲେ। ସୋନାଲି ମହାରଣା ଧନ୍ୟବାଦ ଦେଇଥିଲେ।

# ଛାତ୍ର ସଂସଦ ନିର୍ବାଚନ ବନ୍ଦ ପ୍ରତିବାଦରେ ବିକ୍ଷୋଭ

## ନିଷ୍ପତ୍ତି ପ୍ରତ୍ୟାହାର ନ ହେଲେ ଆନ୍ଦୋଳନ ଜୋରଦାର




କଲେଜ ଛକଠାରେ ଏଆଇଡିଏସ୍‌ଓ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

**କଟକ ଅଫିସ, ୨୩।୮**

ଉଚ୍ଚଶିକ୍ଷା ବିଭାଗର ଛାତ୍ର ସଂସଦ ନିର୍ବାଚନ ବନ୍ଦ ନିଷ୍ପତ୍ତିକୁ କଟକ ସହରର ବିଭିନ୍ନ ଛାତ୍ର ସଙ୍ଗଠନ ପକ୍ଷରୁ ତୀବ୍ର ବିରୋଧ କରାଯାଇଛି। କଲେଜ ଛକଠାରେ ଏଆଇଡିଏସ୍‌ଓ (ଅଲ୍ ଇଣ୍ଡିଆ ଡେମୋକ୍ରାଟିକ୍ ଷ୍ଟୁଡେଣ୍ଟ ଅର୍ଗାନାଇଜେଶନ୍)ର ଜିଲା ଉପସଭାପତି ତରୁଣସେନ ନାୟକଙ୍କ ନେତୃତ୍ୱରେ ବିକ୍ଷୋଭ ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ସଙ୍ଗଠନ ସମ୍ପାଦକ ବିନୋଦ ସେଠୀ, କୋଷାଧ୍ୟକ୍ଷା ଈଶା ଧର, ଶିବାନୀ ସାହୁ, ଶୁଭସ୍ମିତା ସାହୁ, ଅମରେନ୍ଦ୍ର ନାୟକ, ଜ୍ୟୋତ୍ସ୍ନାରାଣୀ ଦାସ, ଛାତ୍ରନେତା ସରୋଜ ମାନସିଂ, ସିଦ୍ଧେଶ୍ୱର ଜେଠୀ, ରଞ୍ଜନ ସାମଲ ପ୍ରମୁଖ ଯୋଗଦେଇ କହିଥିଲେ ମହାବିଦ୍ୟାଳୟଗୁଡ଼ିକର ଭିତ୍ତିଭୂମି ଓ ସମସ୍ୟା ସମାଧାନ ପ୍ରତି ସରକାର ଦୃଷ୍ଟି ଦେବା ପରିବର୍ତ୍ତେ ଶିକ୍ଷାମାରଣ ନୀତି ବିରୋଧରେ ଗଢି ଉଠୁଥିବା ଛାତ୍ର ସମାଜର ଏକତାକୁ ଖର୍ବ କରିବାକୁ ଷଡଯନ୍ତ୍ର ଚଳାଇଛନ୍ତି। ଏଥିପାଇଁ ଯେଉଁ ବିଶୃଙ୍ଖଳା ସୃଷ୍ଟି ହେଉଛି, ତାକୁ ଦୂର କରିବା ଆଳରେ ପ୍ରତ୍ୟକ୍ଷ ଛାତ୍ର ସଂସଦ ନିର୍ବାଚନ ବନ୍ଦ କରିବାକୁ ସରକାର ଚକ୍ରାନ୍ତ କରିଛନ୍ତି। ସେହିପରି ଅଖିଳ ଭାରତ ବିଦ୍ୟାର୍ଥୀ ପରିଷଦ (ଏବିଭିପି) କଟକ ଶାଖା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ ସହ ପ୍ରତିବାଦ ସଭା କରାଯାଇଥିଲା। ଆଗାମୀ ଦିନରେ ଛାତ୍ର ସମାଜ ଏହାର ଜବାବ ଦେବେ ବୋଲି କ୍ୟାମ୍ପସ ୟୁନିଟ୍‌ର ସହସମ୍ପାଦିକା ଇତିଶ୍ରୀ ପ୍ରିୟଦର୍ଶିନୀ କହିଥିଲେ। ଏବିଭିପିର ଏନ୍ଇସି ସଦସ୍ୟା ସୋନାଲି ସାହୁ, ଚିନ୍ମୟ ସାହୁ, ଜିଲା ସଂଯୋଜକ ଓମ୍‌ପ୍ରକାଶ ପଣ୍ଡା, ସ୍ମୃତି ରଞ୍ଜନ ପଣ୍ଡା, ବୁଦ୍ଧଦେବ ବାଗ ଓ ରୂପା ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଖ୍ରୀଷ୍ଟ କଲେଜ, ରଘୁନାଥ ଜୀଉ ମହାବିଦ୍ୟାଳୟ ଏବଂ ଷ୍ଟିୱାର୍ଟ କଲେଜର ଛାତ୍ର ସଂସଦ ପକ୍ଷରୁ ଚଣ୍ଡୀଛକଠାରେ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ ସହ ବିକ୍ଷୋଭ କରାଯାଇଥିଲା। ସରକାର ଛାତ୍ର ସଂସଦ ନିର୍ବାଚନକୁ ବନ୍ଦ କରି ଛାତ୍ରୀଛାତ୍ରଙ୍କ ଅଧିକାରକୁ ଛଡ଼ାଇ ନେଇଥିବା ଛାତ୍ର ନେତାମାନେ କହିଥିଲେ। ରାଜ୍ୟ ସରକାର ଯଦି ଏହି ନିଷ୍ପତ୍ତିକୁ ପ୍ରତ୍ୟାହାର ନ କରନ୍ତି ଆଗାମୀ ଦିନରେ ଜୋରଦାର ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି।

### ରାମଲୀଳା ପ୍ରଚାର ସମିତି ପକ୍ଷରୁ ଗ୍ରାମ୍ୟ ମହୋତ୍ସବ

**କଟକ ଅଫିସ, ୨୩।୮**

ରାମଲୀଳା ପ୍ରଚାର ସମିତି ଏବଂ ଉପର ତେଲେଙ୍ଗାବଜାର ପୂଜା କମିଟି ମିଳିତ ଆନୁକୂଲ୍ୟରେ ଶୁକ୍ରବାର ତେଲେଙ୍ଗାବଜାରଠାରେ ଗ୍ରାମ୍ୟ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସମିତିର ସଭାପତି ଚୌଧୁରୀ କାଶୀନାଥ ମହାନ୍ତି ଓ ସମ୍ପାଦକ ରବୀନ୍ଦ୍ର କୁମାର ସେଠୀଙ୍କ ନେତୃତ୍ୱରେ ନଦୀୟା ସଂକୀର୍ତ୍ତନ ମଣ୍ଡଳୀଙ୍କ ଦ୍ୱାରା କାଶୀନାଥ ମଠ ପାଖରୁ ଭଗବାନ କୃଷ୍ଣଙ୍କ ଗ୍ରାମ୍ୟ ପରିକ୍ରମା କରାଯାଇଥିଲା। ଏହି ଅବସରରେ ସମିତି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଗୋପାଳ ଚନ୍ଦ୍ର ମିଶ୍ର, ସନ୍ତୋଷ ମଲିକ, ପ୍ରଦୀପ୍ତ ମହାପାତ୍ର, ଶତ୍ରୁଘ୍ନ ପଟ୍ଟନାୟକ, ଅଶୋକ ଦାସ, ସୁକାନ୍ତ ଚରଣ ବେହେରା, ମାଧବ ମିଶ୍ର, ଦେବୀ ପ୍ରସନ୍ନ ମିଶ୍ରଙ୍କ ସମେତ ସମିତିର ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

### ଉର୍ମିଳା ମହାନ୍ତିଙ୍କ ପରଲୋକ

**କଟକ ଅଫିସ, ୨୩।୮**

ବିଶିଷ୍ଟ ଓଡ଼ିଶୀ ନୃତ୍ୟଗୁରୁ କିଶୋର ମହାନ୍ତିଙ୍କ ସ୍ତ୍ରୀ ଉର୍ମିଳା ମହାନ୍ତି(୬୨)ଙ୍କର ଶୁକ୍ରବାର ହୃଦଘାତରେ ପରଲୋକ ଘଟିଛି। ମୃତ୍ୟୁଶଯ୍ୟା ନିକଟରେ ସ୍ୱାମୀ, ଏକମାତ୍ର ପୁଅ ରାଜେଶ, ଝିଅ ତଥା ଓଡ଼ିଶୀ ନୃତ୍ୟଶିଳ୍ପୀ ରେଖା ମହାନ୍ତିଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ପୁଅ ରାଜେଶ ମୁଖାଗ୍ନି ଦେଇଥିଲେ।

# ଆସୁଛି ଦୁର୍ଗାପୂଜା: ମୂର୍ତ୍ତି ନିର୍ମାଣ ପାଇଁ ମାଟି ଅନୁକୂଳ



ଯୋବ୍ରା ମହାନଦୀ ତଟରୁ ମା’ ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତି ପାଇଁ ମାଟି ଉଠା ଅନୁକୂଳ ଓ ପୂଜାର୍ଚ୍ଚନା।

**କଟକ ଅଫିସ, ୨୩।୮**

ଆଗାମୀ ଦଶହରା ନିମନ୍ତେ କଟକରେ ପ୍ରାରମ୍ଭିକ ପର୍ବ ଆରମ୍ଭ ହୋଇଛି। ମା’ ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତି ନିର୍ମାଣ ପାଇଁ ଶୁକ୍ରବାର ପବିତ୍ର ଜନ୍ମାଷ୍ଟମୀ ତିଥିରେ ମାଟି ଅନୁକୂଳ କରିଛି ମଙ୍ଗଳାବାଗ ଦୁର୍ଗାପୂଜା କମିଟି। ଯୋବ୍ରା ନୌବାଣିଜ୍ୟ ସଂଗ୍ରହାଳୟ ସମ୍ମୁଖ ମହାନଦୀ ତଟରୁ ମାଟି ଉଠାଯାଇଥିଲା। ମାଟି ଅନୁକୂଳ ନୀତି ଗୁରୁବାରଠାରୁ ଆରମ୍ଭ ହୋଇଥିବା ବେଳେ ନନ୍ଦୋତ୍ସବ, ରାଧାଷ୍ଟମୀ, ପୂର୍ଣ୍ଣମୀ ଭଳି ଆଗାମୀ ତିଥି ଗୁଡ଼ିକରେ ସହରର ଅନ୍ୟ ପ୍ରମୁଖ ପୂଜା କମିଟି ପକ୍ଷରୁ ମାଟି ଅନୁକୂଳ କରାଯିବ। ଯୋବ୍ରା ଆନିକଟ, ଖାନନଗର ଘାଟ, ହରିହର ଘାଟ, ଦେବୀଗଡ଼ା, ଗଣେଷ ଘାଟ ପ୍ରଭୃତି ସ୍ଥାନରୁ ମାଟି ଅନୁକୂଳ ହେବ। ସହରର କେତେକ ପୂଜା କମିଟି ବେଲଗଛ ମୂଳରୁ ମାଟି ଉଠାଇବା ପରମ୍ପରା ରଖିଛନ୍ତି। ସୂଚନା ଥାଉ କି, ଆସନ୍ତା ଅକ୍ଟୋବର ୮ତାରିଖ ହେଉଛି ବିଜୟା ଦଶମୀ। ଏହା ପୂର୍ବରୁ ବେଲବରଣୀ ତଥା ଷଷ୍ଠୀ, ସପ୍ତମୀ ତଥା ଚକ୍ଷୁଦାନ, ଅଷ୍ଟମୀ ଓ ନବମୀ ପୂଜା ହେବ।




କ୍ୟାଣ୍ଟନମେଣ୍ଟ ରୋଡସ୍ଥିତ କେମ୍ବ୍ରିଜ୍ ସ୍କୁଲ ପରିସରରେ ଶୁକ୍ରବାର ଅନୁଷ୍ଠିତ କଟକ ଡିଭିଜନ ବୀମା କର୍ମଚାରୀ ସଂଘର ୬୩ତମ ବାର୍ଷିକ ସମ୍ମିଳନୀରେ ଯୋଗଦେଇଥିବା ଅତିଥିବୃନ୍ଦ।

# ଆବାସିକ ଉନ୍ନୟନ ସଂଘର ବୈଠକ

**କଟକ ଅଫିସ, ୨୩।୮**

ସିଡିଏ ସେକ୍ଟର-୭ସ୍ଥିତ ମର୍କତନଗରରେ ଦୁର୍ଗାପୂଜା ଉପଲକ୍ଷେ ଗୁରୁବାର ଆବାସିକ ଉନ୍ନୟନ ସଂଘର ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବଂଶୀଧର ରାଉତ ସଭାପତିତ୍ୱ କରିଥିଲେ। ବୈଠକରେ ସଂଘର କାର୍ଯ୍ୟକାରୀ ପରିଷଦକୁ ଭାଙ୍ଗି ଦିଆଯାଇଥିଲା। ଆଗାମୀ ଦୁର୍ଗାପୂଜା ସମେତ ଅନ୍ୟ ପୂଜା ସୁପରିଚାଳନା ପାଇଁ ଆଲୋଚନା ହୋଇଥିଲା। ପରମାନନ୍ଦ ସ୍ୱାଇଁ ଓ ରାମଚନ୍ଦ୍ର ରାୟଙ୍କୁ ଆବାହକ ଭାବେ ମନୋନୀତ କରାଯାଇଥିଲା। ବୈଠକରେ ସଂଘର ବହୁ ସଦସ୍ୟ ଉପସ୍ଥିତ ଥିଲେ।

# ମହିଳାଙ୍କୁ ମାଡ଼ ଘଟଣା: ଜଣେ ଗିରଫ

**କଟକ ଅଫିସ, ୨୩।୮**

ଜମିବାଡ଼ି ବିବାଦକୁ କେନ୍ଦ୍ରକରି ମହିଳାଙ୍କୁ ମାଡ଼ ମାରିବା ଘଟଣାରେ ଶୁକ୍ରବାର ଚାଉଳିଆଗଞ୍ଜ ଥାନା ପୋଲିସ ବିରିବାଟୀ ତଅଁରପାର ସନ୍ତୋଷ ଭୋଇ(୩୦)ଙ୍କୁ ଗିରଫ କରିଛି। ପୋଲିସ ସୂଚନା ମୁତାବକ, ଗତ ୨୧ ତାରିଖରେ ଜମିଜମା ବିବାଦ ଓ ଘରୋଇ କଳିକୁ କେନ୍ଦ୍ରକରି ସନ୍ତୋଷ ପଡ଼ୋଶୀ ପୂର୍ଣ୍ଣିମା ଭୋଇଙ୍କୁ ନିସ୍ତୁକ ମାଡ଼ ମାରି ହାତ ଭାଙ୍ଗି ଦେଇଥିଲେ। ଏ ନେଇ ପୂର୍ଣ୍ଣିମା ଚାଉଳିଆଗଞ୍ଜ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ କେସ୍ (ନଂ. ୨୪୮/୧୯) ରୁଜୁକରିଥିଲା। ଏସ୍ଆଇ ଡି.କେ. ସାହୁ ଘଟଣାର ତଦନ୍ତ ଚଳାଇ ଶୁକ୍ରବାର ସନ୍ତୋଷଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି।

# ରାଧାକୃଷ୍ଣ ବେଶରେ ଛାତ୍ରୀଛାତ୍ର

**କଟକ ଅଫିସ/ଚୌଦ୍ୱାର/ଫୁଲନଖରା, ୨୩।୮ (ଡି.ଏନ୍.ଏ)**

ଦରଘାବଜାରସ୍ଥିତ ହାତୀପୋଖରୀ ମା’ ସରସ୍ୱତୀ ଶିକ୍ଷା ମନ୍ଦିରରେ ଶୁକ୍ରବାର ଜନ୍ମାଷ୍ଟମୀ ପାଳିତ ହୋଇଯାଇଛି। ଏହି ଉତ୍ସବରେ ପ୍ରଧାନ ଆଚାର୍ଯ୍ୟ ବଟକୃଷ୍ଣ ଦାସ ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ଅନୁନିରୀକ୍ଷକ ତଥା ଶିକ୍ଷା ବିସ୍ତାର ସମିତିର ପୂର୍ବତନ ସଭାପତି ରାଜକିଶୋର ବେହେରା ଏବଂ ମୁଖ୍ୟବକ୍ତା ଭାବେ ଓଡ଼ିଶା ବେସରକାରୀ ବିଦ୍ୟାଳୟ ମହାସଂଘର ସମ୍ପାଦକ ବଂଶୀଧର ଜେନା ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଗାୟତ୍ରୀ ଶିଶୁ ଶିକ୍ଷା ମନ୍ଦିରର ପ୍ରଧାନ ଆଚାର୍ଯ୍ୟା ମଞ୍ଜୁବାଳା ମହାନ୍ତି ଯୋଗଦେଇ ଜନ୍ମାଷ୍ଟମୀ ଉତ୍ସବ ପାଳନ ସମ୍ପର୍କରେ ଆଲୋକପାତ କରିଥିଲେ। ନିରୁପମା ମହାନ୍ତି ଅତିଥି ପରିଚୟ ଓ ଆଚାର୍ଯ୍ୟା ମାନିଲତା ବାରିକ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ କୌତୁକବେଶ ଓ ସାଧାରଣ ଜ୍ଞାନ ପ୍ରତିଯୋଗିତା ହୋଇଥିଲା।

ଚୌଦ୍ୱାର ଅଞ୍ଚଳରେ ଶୁକ୍ରବାର ପବିତ୍ର ଜନ୍ମାଷ୍ଟମୀ ଉତ୍ସବ ପାଳିତ ହୋଇଯାଇଛି। ବଡ଼ବଜାରସ୍ଥିତ ସତ୍ୟନାରାୟଣ ପୂଜା ମଣ୍ଡପରେ ଶତାଧିକ ଶ୍ରଦ୍ଧାଳୁ ଉପସ୍ଥିତ ରହି ପୂଜାର୍ଚ୍ଚନା କରିବା ସହିତ ଦିଅଁ ଦର୍ଶନ କରିଥିଲେ। ସେହିପରି ଓଟିଏମ୍ କଲୋନୀସ୍ଥିତ ନାରାୟଣ ମନ୍ଦିର, ଇମ୍ପା କଲୋନୀସ୍ଥିତ ଚମ୍ପେଶ୍ୱର ମନ୍ଦିର, ତଳ ବଜାରସ୍ଥିତ ଲକ୍ଷ୍ମୀ ନାରାୟଣ ମନ୍ଦିର, ପାଇକରାପୁରସ୍ଥିତ ଶ୍ୟାମରାଏ ଜୀଉ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଥିବା ଦେଖିବାକୁ ମିଳିଥିଲା। ସନ୍ଧ୍ୟାରେ ମନ୍ଦିରରେ ଭଜନ ସମାରୋହ, ନୃତ୍ୟ ବିଚିତ୍ରା କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ଅବସରରେ ଚୌଦ୍ୱାର ଗାନ୍ଧିଛକସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ପ୍ରଧାନ ଅଚାର୍ଯ୍ୟ ଦିଗମ୍ବର ବିଶ୍ୱାଳ ଓ କଲ୍ୟାଣପୁରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପ୍ରଧାନ ଆଚାର୍ଯ୍ୟା ଅନୀତା ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଛାତୀଛାତ୍ରଙ୍କ ମଧ୍ୟରେ କୃଷ୍ଣ ବେଶ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

ସେହିପରି କଟକ ସଦର ବ୍ଲକ ଆମଣ ପଞ୍ଚାୟତର ବାଗଧରାପୁର ଗ୍ରାମର ରାଧାକୃଷ୍ଣ ମନ୍ଦିରରେ ଜନ୍ମାଷ୍ଟମୀ ପାଳନ କରାଯାଇଥିଲା। ଭୋରରୁ ମନ୍ଦିର ଦ୍ୱାର ଫିଟାଯିବା ପରେ ପାରମ୍ପାରିକ ନୀତିକାନ୍ତି ଅନୁଷ୍ଠିତ ହୋଇଥିଲା। ସକାଳଠାରୁ ମଧ୍ୟରାତ୍ରି ପର୍ଯ୍ୟନ୍ତ ହରିବଂଶ ପୁରାଣ, ଜନ୍ମାଷ୍ଟମୀ ବହି ପାଠ କରାଯାଇଥିଲା। ଖୁନୁକାର, ମୁଗଭଙ୍ଗା, ଶାସୋଳ, ଆମଣ, ବିଶ୍ୱାଳପଡ଼ା, କାଚରାମାଳ,ନଖରା ଆଦି ଗ୍ରାମର ଶ୍ରଦ୍ଧାଳୁମାନେ ମନ୍ଦରକୁ ଆସି ପୂଜାର୍ଚ୍ଚନା କରିଥିଲେ। ଶ୍ରଦ୍ଧାଳୁଙ୍କୁ ଭିଡ଼କୁ ଦୃଷ୍ଟିରେ ରଖି ଗ୍ରାମବାସୀ ଓ ମନ୍ଦିର କମିଟି ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା।



ବାଖରାବାଦସ୍ଥିତ ଗାନ୍ଧୀଭବନରେ ଅଭୀପସା ପକ୍ଷରୁ ଅନୁଷ୍ଠିତ ରାଧାକୃଷ୍ଣ ବେଶ ପ୍ରତିଯୋଗିତାରେ ଭାଗ ନେଇଥିବା ପିଲାଙ୍କ ଗହଣରେ ଅତିଥିମାନେ।



ରାଣୀହାଟସ୍ଥିତ ଶ୍ରୀ ରାଧାମୋହନ ଜୀଉ ଟୁଙ୍ଗିରେ ପୂଜାର୍ଚ୍ଚନା ପାଇଁ ଶ୍ରଦ୍ଧାଳୁଙ୍କ ଗହଳି।



ଦରଘାବଜାରସ୍ଥିତ ହାତୀ ପୋଖରୀ ମା’ସରସ୍ୱତୀ ଶିକ୍ଷା ମନ୍ଦିରରେ ରାଧାକୃଷ୍ଣ ବେଶରେ ଛାତ୍ରୀଛାତ୍ର।



ମାନବ ସମାଜର ମଙ୍ଗଳ ପାଇଁ ଯିଏ କିଛି ନା କିଛି କରିଛି, ସେ ନିଶ୍ଚୟ ପୁରସ୍କାର ପାଇଛି।
-ବୁକର ଟି. ୱାଶିଂଟନ



## ସଂକ୍ଷେପରେ

### ଜଟଣୀ ମ୍ୟୁନିସିପାଲିଟି ବିଭିନ୍ନ ଦାବି ନେଇ ସଫେଇ କର୍ମଚାରୀଙ୍କ ଆନ୍ଦୋଳନ



**ଜଟଣୀ,୨୩।୮(ଡି.ଏନ.ଏ.):** ନିୟମିତ ବେତନ ପ୍ରଦାନ, ସୁରକ୍ଷା ଉପକରଣ ଯୋଗାଣ ଆଦି ବିଭିନ୍ନ ଦାବି ନେଇ ଜଟଣୀ ମ୍ୟୁନିସିପାଲିଟିରେ କାର୍ଯ୍ୟ କରୁଥିବା ସଫେଇ କର୍ମଚାରୀ ଶୁକ୍ରବାର ଧାରଣା ଦେବା ସହ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। ପ୍ରତିମାସର ୧ ରୁ ୫ ତାରିଖ ମଧ୍ୟରେ ବେତନ ପ୍ରଦାନ ପାଇଁ ସ୍ଥିର ହୋଇଥିଲେ ମଧ୍ୟ ୨୩ ତାରିଖ ହୋଇଥିଲେ ବେତନ ଏ ପର୍ଯ୍ୟନ୍ତ ସେମାନଙ୍କୁ ମିଳିନାହିଁ। ଏଥିସହ ନିୟମ ଅନୁଯାୟୀ, କୌଣସି ସୁରକ୍ଷା ଉପକରଣ ସେମାନଙ୍କୁ ଦିଆଯାଉ ନ ଥିବା ଆନ୍ଦୋଳନର ନେତୃତ୍ୱ ନେଉଥିବା ଶାନ୍ତିଲତା ସେଠୀ କହିଛନ୍ତି। ସେମାନଙ୍କ ଦାବି ପୂରଣ ନ ହେଲା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁ ରହିବ ବୋଲି ସେ କହିଛନ୍ତି।

### ଅଜଣା ଗାଡ଼ି ଧକ୍କାରେ ୫ଗୋରୁ ମୃତ

**ବାଲୁଗାଁ,୨୩।୮(ଡି.ଏନ.ଏ.)**-ଶୁକ୍ରବାର ଭୋର ୫ଟାରେ ୧୬ନଂ ଜାତୀୟ ରାଜପଥ ବାଲୁଗାଁ ବାଇପାସ୍ ରାସ୍ତାର ବେଲପଡ଼ା ଛକ ନିକଟରେ ଏକ ଅଜଣା ଗାଡ଼ି ଧକ୍କାରେ ୫ଗାଈଙ୍କ ମୃତ୍ୟୁ ଘଟିଛି। ବହୁ ସମୟ ଧରି ଗୋରୁଙ୍କ ମୃତଦେହ ରାଜପଥରେ ପଡ଼ି ରହିଥିବା ବେଳେ ଗୋରୁ ମାଲିକଙ୍କ ଦେଖା ମିଳି ନଥିଲା। ବର୍ତ୍ତମାନ ଧାନ ଚାଷ ବେଉଷଣ କାର୍ଯ୍ୟ ଚାଲିଥିବା ବେଳେ ଗୋରୁ ମାଲିକମାନେ ଗୋରୁଙ୍କୁ ଫିଟାଇ ଦେଉଛନ୍ତି। ଫଳରେ ଶହ ଶହ ସଂଖ୍ୟାରେ ଗୋରୁ ବଜାର ଅଞ୍ଚଳ ଓ ଗ୍ରାମ ପାର୍ଶ୍ୱ ରାଜପଥରେ ଆଶ୍ରୟ ନେଉଛନ୍ତି। ଯାହା ଦ୍ୱାରା ଯାନବାହନ ଚଳାଚଳରେ ବ୍ୟାଘାତ ସୃଷ୍ଟି ହେବା ସହ ଦୁର୍ଘଟଣା ଘଟି ଗୋରୁଙ୍କ ପ୍ରାଣହାନି ହେଉଛି। ଏନଏସି କର୍ତ୍ତୃପକ୍ଷଙ୍କ ତରଫରୁ ଏଦିଗରେ ସଂପୃକ୍ତ ଗୋରୁ ମାଲିକଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବା ହେତୁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି।

### ଜନ୍ମାଷ୍ଟମୀ ଉପଲକ୍ଷେ ରାଧାକୃଷ୍ଣ ବେଶ

**ନିରାକାରପୁର,୨୩।୮(ଡି.ଏନ.ଏ.)**- ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତସ୍ଥିତ ଅର୍ଯ୍ୟବିହାର ଠାରେ ଥିବା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜନ୍ମାଷ୍ଟମୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ବିଦ୍ୟାଳୟର କୁନି କୁନି ଛାତ୍ରୀଛାତ୍ରମାନେ ରାଧାକୃଷ୍ଣ ବେଶରେ ସ୍କୁଲ ନିକଟସ୍ଥ ରାମ ମନ୍ଦିରକୁ ଯାଇ ପୂଜା ଅର୍ଚ୍ଚନା କରିଥିଲେ। ପରେ ବିଦ୍ୟାଳୟରେ ବିଦ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ଅନିଷ୍ଠାନର ସମ୍ପାଦକ ବିଭୂତିଭୂଷଣ ଆଚାର୍ଯ୍ୟ ପୌରୋହିତ୍ୟ କରିଥିବା ବେଳେ ଶିକ୍ଷାବିତ ପଣ୍ଡିତ କେଲୁ ଚରଣ ମହାରଣା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନୁଷ୍ଠାନର ପ୍ରଧାନ ଆଚାର୍ଯ୍ୟା ନଳିନୀ ରଥ ଧନ୍ୟବାଦ ଦେଇଥିଲେ।

■ ଛାତ୍ର ସଂସଦ ନିର୍ବାଚନ ବାତିଲ ପ୍ରସଙ୍ଗ

# ସରକାରଙ୍କ ବିରୋଧରେ ପ୍ରତିବାଦର ସ୍ୱର ବଢୁଛି

**ଖୋର୍ଦ୍ଧା ଅଫିସ,୨୩।୮**

ସରକାର ଛାତ୍ର ସଂସଦ ନିର୍ବାଚନ ବାତିଲ କରିଛନ୍ତି। ଛାତ୍ରୀଛାତ୍ରଙ୍କ ବୃହତର ସ୍ୱାର୍ଥକୁ ଆଖି ଆଗରେ ରଖି ଉଚ୍ଚଶିକ୍ଷା ବିଭାଗ ନେଇଥିବା ନିଷ୍ପତ୍ତିକୁ ଛାତ୍ରୀଛାତ୍ରମାନେ ସହଜରେ ଗ୍ରହଣ କରି ପାରୁନାହାନ୍ତି। ଯେଉଁ କଲେଜ, ବିଶ୍ୱବିଦ୍ୟାଳୟରେ ଛାତ୍ର ପ୍ରତିନିଧିତ୍ୱ ଆବଶ୍ୟକତା ରହିଛି ସେଠାରେ ମନୋନୀତ କରାଯିବାକୁ ନିର୍ଦ୍ଦେଶ ରହିଛି। ତେବେ ସରକାରଙ୍କର ତରବରିଆ ନିଷ୍ପତ୍ତି ବିରୋଧରେ ପ୍ରତିବାଦର ସ୍ୱର ଆନ୍ଦୋଳନର ରୂପ ନେଉଛି।

### ଛାତ୍ରନେତା ସୃଷ୍ଟି ହେବେନି



କଲେଜ ଓ ବିଶ୍ୱବିଦ୍ୟାଳୟରେ ନିର୍ବାଚନ ବନ୍ଦ ହେବା ଦ୍ୱାରା ଛାତ୍ର ନେତା ସୃଷ୍ଟି ହେବେନି। ସବୁଦିନ ପାଇଁ ନିର୍ବାଚନ ବାତିଲ୍ କରାଗଲେ ସରକାର ଛାତ୍ରନେତା ସୃଷ୍ଟି କରିବାକୁ ଚାହୁଁନାହାନ୍ତି ବୋଲି ଜଣାପଡିବ। ନିର୍ବାଚନର ସମୟ ସୀମାକୁ କମାଇ ଦିଆଯାଉ। ଅପ୍ରୀତିକର ପରିସ୍ଥିତି ଓ ଆଇନଶୃଙ୍ଖଳା ପରିସ୍ଥିତିକୁ ଏଡାଇବାକୁ ବ୍ୟବସ୍ଥା କରାଯାଉ। କିଛି ନ କରି ଶିକ୍ଷାନୁଷ୍ଠାନରେ ନିର୍ବାଚନ ବନ୍ଦ କରାଇ ଗଣତନ୍ତ୍ରକୁ ହତ୍ୟା କରା ନ ଯାଉ।

**-ଦେବୀ ପ୍ରସାଦ ମିଶ୍ର, ଛାତ୍ର କେସିପିଏନ ଡିଗ୍ରୀ କଲେଜ, ବାଙ୍କୋଇ, ବୋଲଗଡ**

### ଗଣତନ୍ତ୍ରକୁ ହତ୍ୟା କରା ନ ଯାଉ



କଲେଜ ଓ ବିଶ୍ୱବିଦ୍ୟାଳୟରେ ନିର୍ବାଚନ ବନ୍ଦ କରା ନ ଯାଉ। ଶୈକ୍ଷିକ ବାତାବରଣ ବିଗିଡି ଯିବା, ପାଠପଢ଼ା ବ୍ୟାହତ ହେବା ଓ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହେବାର ଦ୍ୱାହି ଦେଇ ନିର୍ବାଚନ ବନ୍ଦ କରି ଦେଲେ ସମସ୍ୟାର ସମାଧାନ ହୋଇଯିବନି। ନିର୍ବାଚନକୁ ଶୃଙ୍ଖଳିତ କରିବା ସରକାରଙ୍କର ଦାୟିତ୍ୱ। ଏଥିପାଇଁ ଆଲୋଚନା, ପର୍ଯ୍ୟାଲୋଚନା କରାଯାଉ।

**-ନୂତନ କୁମାର ସିଂ ପରମାନନ୍ଦ ମହାବିଦ୍ୟାଳୟ, ବୋଲଗଡ**

### ସମୀକ୍ଷା କରାଯାଉ



ନିର୍ବାଚନ ବନ୍ଦ କରାଯାଇଛି ଭଲ ହୋଇଛି। କାରଣ କଲେଜ ଓ ବିଶ୍ୱବିଦ୍ୟାଳୟରେ ଶୃଙ୍ଖଳିତ ପରିବେଶ ରହିବ। ଅନ୍ୟ ଦିଗରୁ ଦେଖିଲେ ପାଠପଢ଼ା ବ୍ୟାହତ ହେବା ଓ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ଦେଖାଇ ନିର୍ବାଚନ ବାତିଲ ତରବରିଆ ନିଷ୍ପତ୍ତି ନେବା ଠିକ୍ ନୁହେଁ। ଏହାର ସମୀକ୍ଷା କରାଯାଉ। କାରଣ ନିର୍ବାଚନ ବନ୍ଦ ପରେ କଲେଜ ଓ ବିଶ୍ୱବିଦ୍ୟାଳୟରେ ଆଇନ ଶୃଙ୍ଖଳା ପରିସ୍ଥିତି ଯେ ବିପର୍ଯ୍ୟସ୍ତ ନ ହେବ କିଏ ତା'ର ଗ୍ୟାରେଣ୍ଟି ଦେଇପାରିବ।

**-ପ୍ରିୟଙ୍କା ମହାପାତ୍ର, ଛାତ୍ରୀ କେବି ଡିଏଭି କଲେଜ, ନିରାକାରପୁର**

### ଗଣ୍ଡଗୋଳ ବଢ଼ିବ



ନିର୍ବାଚନରେ ବନ୍ଦ ହୋଇଗଲେ ସବୁ କିଛି ଠିକ୍ ଠାକ ହୋଇଯିବ ଭାବିବା ଠିକ୍ ନୁହେଁ। ଯେଉଁ କଲେଜ ଓ ବିଶ୍ୱବିଦ୍ୟାଳୟରେ ଛାତ୍ର ପ୍ରତିନିଧିତ୍ୱ ଆବଶ୍ୟକତା ରହିଛି ସେଠାରେ ପ୍ରାର୍ଥୀଙ୍କୁ ମନୋନୀତ କରାଗଲେ ସହମତି ଭିତ୍ତିରେ ଯେ କରି ହେବ କହି ହେବନାହିଁ। ମନୋନିତରେ ପ୍ରିୟାପ୍ରୀତି ତୋଷଣ, ମନଇଚ୍ଛା କରାଯାଇଥିବା ପ୍ରତିବାଦରେ ଗଣ୍ଡଗୋଳ ହୋଇପାରେ। ଏଣୁ କଲେଜରେ ସମସ୍ୟା କମିବା ବଦଳରେ ବଢ଼ିବ।

**-ରତନ ବେହେରା, ଛାତ୍ର, ପିଏନ କଲେଜ, ଖୋର୍ଦ୍ଧା**

### ନିର୍ବାଚନ ବାତିଲ୍ ପ୍ରତ୍ୟାହାର ହେଉ



ନିର୍ବାଚନ ବାତିଲ ଛାତ୍ରୀଛାତ୍ରଙ୍କ ଗଣତାନ୍ତ୍ରିକ ଅଧିକାର ଅପହରଣ ଓ ଛାତ୍ର ଆନ୍ଦୋଳନକୁ ବନ୍ଦ କରିବାକୁ ଉଦ୍ଦିଷ୍ଟ। ରାଜ୍ୟର ବିଭିନ୍ନ ମହାବିଦ୍ୟାଳୟରେ ଅଧ୍ୟାପକ ପଦବୀ ଖାଲି ପଡିଥିବାବେଳେ ଭିତ୍ତିଭୂମିର ବିକାଶ କରାଯାଉନି। କଲେଜ ଫି ମଧ୍ୟ ବଢୁଛି। ଛାତ୍ର ଆନ୍ଦୋଳନକୁ ଏଡାଇବା ପାଇଁ ସରକାର ଛାତ୍ର ସଂସଦ ନିର୍ବାଚନ ବାତିଲ କରିବା ପରି ଜଣାପଡୁଛି। ହେଲେ ନିର୍ବାଚନ ବାତିଲ ପ୍ରତ୍ୟାହାର ନ ହେଲେ ଆନ୍ଦୋଳନ କରାଯିବ।

**-ଜୟନ୍ତ ମହାନ୍ତି, ଅଲ୍ ଇଣ୍ଡିଆ ଡିଏସ୍‌ଓ ରାଜ୍ୟ ଉପସଭାପତି**

## ମାଙ୍କଡ଼ା ପଥର ବୋଝେଇ ମିନିଟ୍ରକ ଓଲଟିଲା



ଓଲଟି ପଡିଥିବା ମାଙ୍କଡା ପଥର ବୋଝେଇ ମିନିଟ୍ରକ୍।

**ବେଗୁନିଆ, ୨୩। ୮ (ଡି.ଏନ.ଏ.)**

ବେଆଇନ ଭାବେ ପଥର ଖଣିରୁ ଗୁରୁବାର ବିଳମ୍ବିତ ରାତିରେ ମାଙ୍କଡା ପଥର ବୋଝେଇ କରି ପଳାଇ ଯାଉଥିବା ଏକ ମିନି ଟ୍ରକ୍ ଭାରସାମ୍ୟ ହରାଇ ଓଲଟି ପଡିଥିବା ଜଣାପଡିଛି। ତେବେ ଚାଳକ ଜଣକ ଅଳ୍ପକେ ବର୍ତ୍ତୀ ଯାଇଥିବା ବେଳେ ଶ୍ରମିକମାନେ ଉକ୍ତ ଗାଡିରେ ନ ଥିଲେ। ରାତିରେ ମିନିଟ୍ରକ ମାଲିକ ଗାଡିକୁ ଓଲଟି ଥିବା ସ୍ଥାନରୁ କେଉଁ ଆଡେ ଉଠାଇ ନେଇ ଯାଇଥିଲେ। ସକାଳୁ ଖବର ପାଇ ପୋଲିସ ଓ ତହସିଲଦାର ଘଟଣାସ୍ଥଳକୁ ଲୋକ ଦେଖାଣିଆ ଯାଇ ଖାଲି ହାତରେ କାର୍ଯ୍ୟାଳୟକୁ ଫେରି ଆସିଛନ୍ତି। ତେବେ ତହସିଲ ପକ୍ଷରୁ କେଉଁ ଭଳି ଭାବେ ବେଆଇନ ଖଣି ମାଫିଆଙ୍କୁ ଅଙ୍କୁଶ ଲଗାଉଛନ୍ତି ଏଥିରୁ ସ୍ପଷ୍ଟ ଭାବେ ବାରି ହୋଇପଡୁଛି। ସୂଚନା ମୁତାବକ, ବେଗୁନିଆ ତହସିଲ ଅଧୀନ ଡାଳତୋଳା

### ବେଆଇନ ଚାଲାଣ

ପଥର ଖଣିରୁ ମାଙ୍କଡା ପଥର ବୋଝେଇ କରି ମିନି ଟ୍ରକ୍ ନଂ. ଓଆର ୦୨ ବିଇ ୯୮୨୭ ଯୋଗେ କଳାପଥର ଅଭିମୁଖେ ଯାଉଥିଲା। ରାତିରେ ବାଘମାରୀ ଛକ ପଟୁ ତହସିଲଦାର ଏବଂ ପୋଲିସ ଉକ୍ତ ବୋଝେଇ ଗାଡିକୁ ପିଛା କରୁଥିବାର ଖବରପାଇ ଚାଳକ ଜଣକ ଦ୍ରୁତଗତିରେ ଯାଉଥିବା ବେଳେ ସିମୋର ବଜାର ଛକରେ ଭାରସାମ୍ୟ ହରାଇ ଓଲଟି ପଡିଥିଲା। ଏ ସମ୍ପର୍କରେ ତହସିଲଦାର ବିବେକାନନ୍ଦ ପରିଡା କୁହନ୍ତି, ଜିଲାପାଳଙ୍କ ନିର୍ଦ୍ଦେଶ ମୁତାବକ ଖଣି ମାଫିଆଙ୍କୁ ଅଙ୍କୁଶ ଲଗାଇବା ପାଇଁ ରାତ୍ରି କାଳୀନ ପାଟ୍ରୋଲିଂ ଚାଲିଛି। ମାଙ୍କଡା ପଥର ବୋଝେଇ ମିନି ଟ୍ରକ ଓଲଟି ପଡିବା ଖବର ପାଇ ଘଟଣାସ୍ଥଳକୁ ଯାଇଥିଲୁ ମାତ୍ର ଗାଡିକୁ ଉଠାଇ ନିଆଯାଇଥିବାବେଳେ ସେଠାରେ ପଥର କେବଳ ପଡି ରହିଥିଲା।

## ବାଳମୁକୁନ୍ଦ ଦେବଙ୍କ ପୀଠରେ ଅଧିଆ ପଡ଼ିଲେ ୨୨ମାନସିକଧାରୀ

**ବାଲୁଗାଁ,୨୩।୮(ଡି.ଏନ.ଏ.)**



ବାଲୁଗାଁ ନିକଟସ୍ଥ ଚନ୍ଦ୍ରାପୁଟ ଗ୍ରାମଠାରେ ବିଜେ ବାଳମୁକୁନ୍ଦ ଦେବଙ୍କ ପୀଠରେ ଜନ୍ମାଷ୍ଟମୀ ମହୋତ୍ସବ ଶୁକ୍ରବାର ପାଳିତ ହୋଇଛି। ଏହି ଅବସରରେ ଠାକୁରଙ୍କ ଆଶୀର୍ବାଦ କାମନା କରି ୨୨ଜଣ ମାନସିକଧାରୀ ଅଧିଆ ପଡ଼ିଛନ୍ତି। ସେମାନଙ୍କ ମଧ୍ୟରେ ୧୨ଜଣ ମହିଳା ଓ ୧୦ଜଣ ପୁରୁଷ ଅଛନ୍ତି। ଜନ୍ମାଷ୍ଟମୀ ଉତ୍ସବରେ ଏଠାରେ ଅଧିଆ ପଡ଼ିବା ପରମ୍ପରା ସମ୍ପୂର୍ଣ୍ଣ ନିଆରା। ଶୁକ୍ରବାର ଜନ୍ମାଷ୍ଟମୀ ଅବସରରେ ଚନ୍ଦ୍ରାପୁଟସ୍ଥିତ ବାଳମୁକୁନ୍ଦ ଦେବ ପୀଠକୁ ବିଭିନ୍ନ ପ୍ରାନ୍ତରୁ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ସନ୍ଧ୍ୟା ପରେ ଶ୍ରୀକୃଷ୍ଣ ଜନ୍ମ ହେବା ନିର୍ଦ୍ଧାରିତ ସମୟ ପର୍ଯ୍ୟନ୍ତ ଗ୍ରାମବାସୀଙ୍କ ତରଫରୁ ପୁରାଣ ପାଠ, ସଂକୀର୍ତ୍ତନ ଓ ଶ୍ରୀକୃଷ୍ଣ କଥାମୃତ ଗାନ କରାଯାଇଥାଏ। ପୂଜାନୀତି ସମ୍ପୂର୍ଣ୍ଣ ପରେ ପରମ୍ପରା ଅନୁଯାୟୀ ଅଧିଆ ପଡ଼ିଥିବା ଶ୍ରଦ୍ଧାଳୁମାନଙ୍କୁ ପ୍ରସାଦ ଦେଇ ଉଠାଇ ଦିଆଯାଏ ବୋଲି ମନ୍ଦିର ମୁଖ୍ୟ ପୂଜକ ଅକ୍ଷୟ ପଣ୍ଡା କହିଛନ୍ତି। ବିଗତ ବର୍ଷରେ ଏହି ପୀଠରେ ଅଧିଆ ପଡ଼ିଥିବା ବହୁ ଶ୍ରଦ୍ଧାଳୁ ଠାକୁରଙ୍କ ବରଦାନ ପାଇ ନିଜକୁ ଧନ୍ୟ ମନେ କରିଥିବା ବହୁ ନଜିର ରହିଛି। ଉକ୍ତ ଉତ୍ସବକୁ ବାଳମୁକୁନ୍ଦ ଦେବ ଠାକୁର କମିଟି, ଚନ୍ଦ୍ରାପୁଟ ତରଫରୁ ପରିଚାଳନା କରାଯାଇଥିଲା। ସେହିପରି ବାଲୁଗାଁ ସ୍ଥିତ କୁଲାକୁଣ୍ଢେଇ ନୂଆଗାଁ ରାଧାଗୋବିନ୍ଦ ଦେବ, ହନୁମାନ ବଜାରସ୍ଥିତ ରାମ ମନ୍ଦିର ସମେତ ବିଭିନ୍ନ ପୁରପଲ୍ଲୀରେ ଜନ୍ମାଷ୍ଟମୀ ଉତ୍ସବ ପାଳିତ ହୋଇଯାଇଛି।

## ସରସ୍ୱତୀ ଶିଶୁବିଦ୍ୟାମନ୍ଦିରରେ ରାଧାକୃଷ୍ଣ ବେଶ

**ଖୋର୍ଦ୍ଧା ଅଫିସ, ୨୩।୮:** ଜନ୍ମାଷ୍ଟମୀରେ ଖୋର୍ଦ୍ଧାସ୍ଥିତ ସରସ୍ୱତୀ ବିଦ୍ୟାମନ୍ଦିରରେ ୫୦ ଜଣ ଶିଶୁ ରାଧାକୃଷ୍ଣ ବେଶରେ ସଜ୍ଜିତ ହୋଇ ନିଜର କଳାନୈପୁଣ୍ୟ ପ୍ରଦର୍ଶନ କରିଥିଲେ। ଏ ଅବସରରେ ପ୍ରାଧ୍ୟାପକ ଗୁରୁପ୍ରସାଦ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଶ୍ରୀକୃଷ୍ଣ କଥାମୃତ ପ୍ରଦାନ କରିଥିଲେ। ପ୍ରଧାନ ଶିକ୍ଷକ ସିଦ୍ଧେଶ୍ୱର ସିଂହ ଏଥିରେ ଅଧ୍ୟକ୍ଷତା କରିଥିଲେ।



ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀଛାତ୍ରମାନଙ୍କ ଜନ୍ମାଷ୍ଟମୀ ଅବସରରେ ରାଧାକୃଷ୍ଣ ବେଶ।

## କାଲୁପଡା ସରସ୍ୱତୀ ଶିଶୁବିଦ୍ୟାମନ୍ଦିରରେ ଜ୍ଞାନବିଜ୍ଞାନ ମେଳା

**ଟାଙ୍ଗୀ (ଖୋର୍ଦ୍ଧା), ୨୩।୮(ଡି.ଏନ.ଏ)**

କାଲୁପଡାଘାଟସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜ୍ଞାନବିଜ୍ଞାନ ମେଳା ଓ ଜନ୍ମାଷ୍ଟମୀ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶିକ୍ଷାର୍ଥୀମାନେ ଜନ୍ମାଷ୍ଟମୀ ଉପଲକ୍ଷେ ବରୁଣପଡା ଗ୍ରାମ ପରିକ୍ରମା କରିଥିଲେ। ବିଦ୍ୟାମନ୍ଦିରର ସଭାପତି ନିରଞ୍ଜନ ଦାସଙ୍କ ଅଧ୍ୟକ୍ଷତାରେ ଏକ ସଭା ଆୟୋଜିତ ହୋଇଥିଲା। ଜ୍ଞାନବିଜ୍ଞାନ ମେଳାରେ ପ୍ରଦର୍ଶିତ ହୋଇଥିବା ପ୍ରକଳ୍ପ ଗୁଡିକୁ ଶିକ୍ଷକ ସୁକାନ୍ତ କୁମାର ପରିଡା ଓ ନାରାୟଣ ସାହୁ ବିଚାରକ ରୂପେ ଯୋଗଦେଇ ମୂଲ୍ୟାଙ୍କନ କରିଥିଲେ। ତୃତୀୟ ଶ୍ରେଣୀର ବୃତ୍ତି ପରୀକ୍ଷାରେ ଛାତ୍ରୀ ପ୍ରତ୍ୟାଷା ପ୍ରୀୟଦର୍ଶିନୀ ଜେନାଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଧାନ ଆଚାର୍ଯ୍ୟ କାର୍ତ୍ତିକେଶ୍ୱର ମହାପାତ୍ର, ସମ୍ପାଦକ ନନ୍ଦକିଶୋର ନାଥ ପ୍ରମୁଖଙ୍କ ସକ୍ରିୟ ସହଯୋଗରେ ଏହି କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

### ପ୍ରତିଷ୍ଠା ଦିବସ

**ଖୋର୍ଦ୍ଧା ଅଫିସ, ୨୩।୮:** ବିଶ୍ୱ ହିନ୍ଦୁ ପରିଷଦର ପ୍ରତିଷ୍ଠା ଦିବସ ଓ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କର ବଳିଦାନ ଦିବସ ଖୋର୍ଦ୍ଧା ସହରର ଗୁରୁଜଙ୍ଗ ସରସ୍ୱତୀ ଶିଶୁ ମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସମ୍ପାଦକ ରାମଚନ୍ଦ୍ର ଖୁଣ୍ଟିଆ ଓ ସନ୍ଥ ବିଶେଷ ସ୍ୱାମୀ ଚୈତନ୍ୟ ଆଶ୍ରୀ ବଚନ ସ୍ୱାମିଜୀଙ୍କ ଜୀବନ ଦର୍ଶନ ଓ ବିଶ୍ୱ ହିନ୍ଦୁ ପରିଷଦର ବିଭିନ୍ନ କାର୍ଯ୍ୟାବଳୀ ଉପରେ ଆଲୋକପାତ କରିଥିଲେ। ସମରେନ୍ଦ୍ର ଶତପଥୀ, ସୁବାସ ସାହୁ, ନରେନ୍ଦ୍ର ସାହୁ, ଜୟପ୍ରକାଶ ମହାପାତ୍ର ସହଯୋଗ କରିଥିଲେ। ଖୋର୍ଦ୍ଧା ବ୍ଲକ ସଭାପତି ଗଦାଧର ପାତ୍ର ଧନ୍ୟବାଦ ଦେଇଥିଲେ।

■ ଓଡ଼ିଶା ପ୍ରସିଦ୍ଧ ଜଟଣୀ ଗଣେଶ ପୂଜା

## କମିଶନରେଟ୍ ପୋଲିସ ପକ୍ଷରୁ ପ୍ରସ୍ତୁତି ବୈଠକ





ଗଣେଶ ପୂଜା ଲାଗି ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଡିସିପି ଅନୁପ ସାହୁ ଓ ଅନ୍ୟମାନେ।

**ଜଟଣୀ,୨୩।୮(ଡି.ଏନ.ଏ.):**

ଓଡ଼ିଶା ପ୍ରସିଦ୍ଧ ଜଟଣୀ ଗଣେଶ ପୂଜା ପାଇଁ କମିଶନରେଟ୍ ପୋଲିସ ପକ୍ଷରୁ ସ୍ଥାନୀୟ ଉତ୍ତରାୟଣୀ କ୍ଲବ ପରିସରରେ ଶୁକ୍ରବାର ସନ୍ଧ୍ୟାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏସିପି ପି.କେ. ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଡିସିପି ଅନୁପ ସାହୁଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ରହିଥିଲେ। ମୁଖ୍ୟତଃ ବିଦ୍ୟୁତ୍‌କାଟ, ବିପର୍ଯ୍ୟୟ ଅବସ୍ଥାରେ ଥିବା ରାସ୍ତା, ଅଣ୍ଡରଗ୍ରାଉଣ୍ଡ, ସଫେଇ, ପାନୀୟ ଜଳ,ଆଇନ ଶୃଙ୍ଖଳା, ନିଶାଦ୍ରବ୍ୟ, ଭାରିଯାନ ଚଳାଚଳର କଟକଣା ସମୟ ବୃଦ୍ଧି ଆଦି ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ବିଭିନ୍ନ ପୂଜା ପେଣ୍ଡାଲ କର୍ମକର୍ତ୍ତା ଉପରୋକ୍ତ ସମସ୍ୟା ଉପରେ ଦୃଷ୍ଟି ଆକର୍ଷଣ କରିଥିଲେ। ଜଟଣୀର ଏହି ପ୍ରସିଦ୍ଧ ଉତ୍ସବ ସମୟରେ ଦୈନିକ ହଜାର ହଜାର ଜନସମାଗମ ହୋଇଥାଏ। ହେଲେ ମୁଖ୍ୟରାସ୍ତାରୁ ଆରମ୍ଭ କରି ଚାରି ଆଡେ ରାସ୍ତାଗୁଡିକ ଖାଲଢିପରେ ପରିଣତ ହୋଇ ବିପଦସଙ୍କୁଳ ଅବସ୍ଥାରେ ରହିବା, ବାରମ୍ବାର ବିଦ୍ୟୁତ୍‌କାଟ, ପରିମଳ, ପାଣି ନିଷ୍କାସନ ବ୍ୟବସ୍ଥା, ଷ୍ଟ୍ରିଟ୍ ଲାଇଟ ଉପରେ ଗୁରୁତ୍ୱ ଦେବାକୁ ପୂଜା ପେଣ୍ଡାଲ କର୍ମକର୍ତ୍ତାଙ୍କ ସମେତ ପୂର୍ବତନ ପୌରାଧ୍ୟକ୍ଷ ସଂଗ୍ରାମ ରାଉତରାୟ, ଜଟଣୀ ବ୍ୟବସାୟୀ ମହାସଂଘର ସଭାପତି ସୁଦର୍ଶନ ସୁନ୍ଦରାୟ କହିଥିଲେ।

**ବିଭିନ୍ନ ବିଭାଗର ପୂର୍ବ ପ୍ରସ୍ତୁତି :** ପୂଜା ପୂର୍ବରୁ ରାସ୍ତାଗୁଡିକର ମରାମତି, ପ୍ରତି ପେଣ୍ଡାଲରେ ଡଷ୍ଟ ପକାଯିବା ସହ ଦୈନିକ ସଫେଇ, ଷ୍ଟ୍ରିଟ୍ ଲାଇଟ, ନିୟମିତ ବ୍ଲିଚିଂ ଛିଞ୍ଚନ, ଅପରାହ୍ନ ୪ଟାରୁ ରାତି ୧୧ଟା ପର୍ଯ୍ୟନ୍ତ ସ୍ଥାନୀୟ ସୀତାରାମ ଛକଠାରେ ଅଗ୍ନିଶମ ବିଭାଗର ଗୋଟିଏ ୟୁନିଟ୍ ରହିବା ବ୍ୟବସ୍ଥା, ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ୩ଟି ପ୍ରମୁଖ ସ୍ଥାନରେ ଫାଷ୍ଟଏଡ୍ କେନ୍ଦ୍ର ସହ ୨୪ ଘଣ୍ଟିଆ ଆମ୍ବୁଲାନ୍ସ, ଡାକ୍ତର ଓ କର୍ମଚାରୀ ଡ୍ୟୁଟିରେ ରହିବା, ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିୟମିତ ଜଳଯୋଗାଣ ଓ ଫାଟୁଥିବା ପାଇପ୍‌ର ଯୁଦ୍ଧକାଳୀନ ଭିତିରେ ମରାମତି, ଅବକାରୀ ବିଭାଗ ପକ୍ଷରୁ ନିୟମିତ ପାଟ୍ରୋଲିଂ, ପମ୍ପ ମାଧ୍ୟମରେ ଅଣ୍ଡରଗ୍ରାଉଣ୍ଡରେ ଜମି ରହୁଥିବା ପାଣି ନିଷ୍କାସନ, ସନ୍ଧ୍ୟା ସମୟରେ ଯେପରି ବିଦ୍ୟୁତ୍‌କାଟ ନ ହେବ ଆଦି ବିଭିନ୍ନ ସମସ୍ୟାର ସମାଧାନ ପାଇଁ ହୋଇଥିବା ପୂର୍ବ ପ୍ରସ୍ତୁତି ଉପରେ ଉପସ୍ଥିତ ବିଭାଗର ଅଧିକାରୀମାନେ ସୂଚନା ଦେଇଥିଲେ। ଉପସ୍ଥିତ ଡିସିପି ସାହୁ କହିଥିଲେ, ନିୟମ ଅନୁଯାୟୀ ଟ୍ରାଫିକ୍ ନିୟନ୍ତ୍ରଣ କରାଯିବ। ଗହଳିକୁ ନିୟନ୍ତ୍ରଣ ପାଇଁ ଅଧିକ ପୋଲିସ ଫୋର୍ସ ଯୋଗାଇ ଦିଆଯିବ। ଏଥିସହ ଭସାଣି ଅନୁମତି ପତ୍ର ପାଇଁ ଭୁବନେଶ୍ୱର ପରିବର୍ତ୍ତେ ଜଟଣୀ ଥାନାରୁ ପ୍ରଦାନ କରାଯିବା ସହ ଶବ୍ଦ ପ୍ରଦୂଷଣ ରୋକିବାକୁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ସ୍ଥାନୀୟ ଖବରଦାତାଙ୍କ ପ୍ରସ୍ତାବକ୍ରମେ ସେପ୍ଟେମ୍ବର ପ୍ରଥମ ସପ୍ତାହରୁ ଟ୍ରାଫିକ ପୋଲିସ ଯୋଗାଇ ଦିଆଯିବ ବୋଲି ସେ କହିଥିଲେ। ଏଥିରେ ଜଟଣୀ ଥାନା ଇନ୍ସପେକ୍ଟର ବିଶ୍ୱରଞ୍ଜନ ସାହୁ, ଆରପିଏଫ୍ ଇନ୍ସପେକ୍ଟର ବି.ବି. ବାରିକ, ଜିଆର୍‌ପି ଅଧିକାରୀ ସନ୍ତୋଷ ବାହିନୀପତି, ଅବକାରୀ ବିଭାଗ ଇନ୍ସପେକ୍ଟର ରଞ୍ଜନ ନାୟକ, ପୂର୍ତ୍ତ ବିଭାଗ ଏସ୍‌ଡିଓ ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ସେତୁ ଏସ୍‌ଡିଓ ସୁରେଶ ବେହେରା, ଜନସ୍ୱାସ୍ଥ୍ୟ ବିଭାଗ ଆସିଷ୍ଟାଣ୍ଟ ଇଞ୍ଜିନିୟର ଅରୁଣ ସୁବୁଦ୍ଧି, ତହସିଲଦାର ପ୍ରିୟାଂଶୁ ଚାନ୍ଦ, ଖୋର୍ଦ୍ଧାରୋଡ ରେଲୱେ ଯନ୍ତ୍ରୀ ଶ୍ରୀନିବାସ ରାଓ, ଅଗ୍ନିଶମ ବିଭାଗ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର କର୍ମଚାରୀ ଉପସ୍ଥିତ ରହିଥିଲେ।

## ମଦ ନିଗମ ସମ୍ମୁଖରେ ଶ୍ରମିକଙ୍କ ଧାରଣା

**ଖୋର୍ଦ୍ଧା ଅଫିସ, ୨୩।୮**

ଛଟେଇ ବନ୍ଦ କରିବା, ଲୋଡିଂ ଅନଲୋଡିଂ ଗୋଟିଏ ପେଟି ପ୍ରତି ୧ ଟଙ୍କା କରାଇବା ଓ ଦାୟିତ୍ୱ ନ ପାଇ ସବୁ କାମରେ ହସ୍ତକ୍ଷେପ କରୁଥିବା ଜଣେ ବ୍ୟକ୍ତିଙ୍କୁ ହଟାଇବା ଦାବି ନେଇ ଶୁକ୍ରବାର ପୂର୍ବାହ୍ନ ୯ଟାରୁ ଖୋର୍ଦ୍ଧା ମଦ ନିଗମ ସମ୍ମୁଖରେ ଶ୍ରମିକମାନେ ଧାରଣା ଦେଇଥିଲେ। ଘଟଣାସ୍ଥଳକୁ ମଦ ନିଗମର ଜି.ଏମ. ଟେକ୍ନିକାଲ ପ୍ରଭାତ ବେହେରା ଆସି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ ଧାରଣା ହଟିନାହିଁ। ଦାବି ପୂରଣ ନ ହେଲେ ଆନ୍ଦୋଳନ ପ୍ରତ୍ୟାହୃତ ହେବ ନାହିଁ ବୋଲି ଆନ୍ଦୋଳନରତ ଶ୍ରମିକମାନେ କହିଛନ୍ତି। ଅଭିଯୋଗ ଅନୁସାରେ, ରିଟେଲର ଓ କମ୍ପାନୀ ଗାଡିରେ ମଦ ଲୋଡିଂ ଅନଲୋଡିଂ ପାଇଁ ଶ୍ରମିକମାନଙ୍କୁ ପୂର୍ବରୁ ପେଟି ପିଛା ୪୦ ପଇସା ଦିଆ ଯାଉଥିଲା। ଆନ୍ଦୋଳନ ପରେ ୬୦ ପଇସାକୁ ବୃଦ୍ଧି କରାଯାଇଥିଲା। ଶ୍ରମିକଙ୍କ ଯୁକ୍ତି ପେଟି ପିଛା ଦେଢ଼ ଟଙ୍କା ଆସୁଥିବାବେଳେ ୧ ଟଙ୍କା ୧୦ ପଇସା ଓ ୯୦ ପଇସା କୁଆଡେ ଯାଉଛି। ଏହାର ତଦନ୍ତ କରାଯିବାର ଆବଶ୍ୟକତା ଥିବାବେଳେ କରାଯାଉନାହିଁ। ମଜୁରି ଦେବାରେ ଉପେକ୍ଷା କରାଯିବା ପରେ ଜିଲା ଶ୍ରମ ଅଧିକାରୀଙ୍କ ପାଖରେ ଅଭିଯୋଗ କରାଯାଇ ମକଦ୍ଦମା କରାଯାଇଛି। ଏଭଳିସ୍ଥଳେ ଖୋର୍ଦ୍ଧା ମଦ ନିଗମରେ କାର୍ଯ୍ୟରତ ଶ୍ରମିକମାନେ ୧୫ ବର୍ଷ ହେଲା କାର୍ଯ୍ୟ କରି ଆସୁଥିଲେ ମଧ୍ୟ ସେମାନଙ୍କୁ ଛଟେଇ କରାଯାଇ ନୂଆ ନିଯୁକ୍ତି ଦେବା ପରେ ଆନ୍ଦୋଳନ କରାଯାଇଥିବା ସମ୍ପାଦକ ପ୍ରକାଶ ନାୟକ କହିଛନ୍ତି। ଆନ୍ଦୋଳନ ପୂର୍ବରୁ ଜିଲାପାଳ, ଏସ୍‌ପି, ଜିଲା ଶ୍ରମ ଅଧିକାରୀ, ଏମ୍‌ଡି ମଦ ନିଗମକୁ ଅବଗତ କରାଯାଇଥିଲା।





ମଦ ନିଗମ ସମ୍ମୁଖରେ ଧାରଣା ଦେଇଥିବା ଶ୍ରମିକମାନେ।

■ ଖୋର୍ଦ୍ଧା ଜିଲାରେ କାଳିଆ ଯୋଜନା

# ଅଯୋଗ୍ୟ ବାହାରିଲେଣି ୨୧, ୬୧୯

**ଖୋର୍ଦ୍ଧା ଅଫିସ, ୨୩।୮**

### ସହାୟତା ନେଇଥିଲେ ୧ ଲକ୍ଷ ୫୦ ହଜାର ୯୬୬

କାଳିଆ ଯୋଜନାରେ ଖୋର୍ଦ୍ଧା ଜିଲାର ୧୯୦ ପଞ୍ଚାୟତରେ ୩ ଲକ୍ଷ ୭,୨୬୨ ହିତାଧିକାରୀ ଯୋଜନାର ସୁଫଳ ନେବା ପାଇଁ ଆବେଦନ କରିଛନ୍ତି। ଏଥିରୁ ପ୍ରଥମ କିସ୍ତିରେ ଖୋର୍ଦ୍ଧା ଜିଲାରେ ୧, ୫୦,୯୬୬ ହିତାଧିକାରୀ ୫ ହଜାର ଟଙ୍କା ଲେଖାଏ ସହାୟତା ରାଶି ନେଇଛନ୍ତି। ତେବେ ୨ୟ ଓ ତୃତୀୟ କିସ୍ତିରେ ଆବେଦନ କରିଥିବା ହିତାଧିକାରୀ ସରକାରୀ ସହାୟତା ପାଇ ପାରିନାହାନ୍ତି। ତେବେ ୩ଟି କିସ୍ତିରେ ଆବେଦନ କରିଥିବା ହିତାଧିକାରୀଙ୍କ ମଧ୍ୟରୁ ଅଗଷ୍ଟ ୨୨ ତାରିଖ ସୁଦ୍ଧା ୧, ୨୮,୨୨୯ ଜଣ ଯୋଗ୍ୟ ବିବେଚିତ ହୋଇଥିବାବେଳେ ୨୧, ୬୧୯ ଜଣ ହିତାଧିକାରୀ ଅଯୋଗ୍ୟ ବୋଲି ଚିହ୍ନଟ ହୋଇ ସାରିଲେଣି। ତେବେ ପ୍ରଥମ କିସ୍ତିରେ ଆବେଦନ କରି ସରକାରୀ ଅନୁଦାନ ହାତେଇଥିବା ହିତାଧିକାରୀଙ୍କ ସଂଖ୍ୟା ୧, ୫୦, ୯୬୬ ଜଣ। ଏଥିରୁ ୨୨ ତାରିଖ ସୁଦ୍ଧା ୧, ୨୧, ୬୬୭ ଜଣ ଯୋଗ୍ୟ ରୂପେ ଚିହ୍ନଟ ହୋଇଥିବାବେଳେ ୧୬, ୪୧୫ ହିତାଧିକାରୀ ଅଯୋଗ୍ୟ ବାହାରିଲେଣି। ୮୨.୬୩ ପ୍ରତିଶତ ଯାଞ୍ଚ ଶେଷ ହୋଇଛି। ପୁଣି ୧୨, ୮୮୪ ଜଣଙ୍କର ଯାଞ୍ଚ ହେବା ପରେ ଅଯୋଗ୍ୟ ହିତାଧିକାରୀ ବାହାରିବେ। ଅନ୍ୟପକ୍ଷେ ୨ୟ କିସ୍ତିରେ ୧ଲକ୍ଷ ୫୬ ହଜାର ୫ଜଣ ଆବେଦନ କରିଛନ୍ତି। ଏଥିରୁ ୬,୩୨୯ ହିତାଧିକାରୀ ଯୋଗ୍ୟ ଓ ୫, ୧୪୬ ଜଣ ଅଯୋଗ୍ୟ ହିତାଧିକାରୀ ଭାବେ ଚୟନ ବାହାରିଛନ୍ତି। ଅବଶିଷ୍ଟ ୧, ୪୪, ୫୩୦ ହିତାଧିକାରୀଙ୍କର ଯାଞ୍ଚ କରାଯିବ। ସେହିପରି ଜିଲାର କିଛି ପଞ୍ଚାୟତରେ ବହୁ କମ ସଂଖ୍ୟକ ଆବେଦନ ହୋଇଥିଲା। ସମ୍ପୃକ୍ତ ପଞ୍ଚାୟତକୁ ଚିହ୍ନଟ କରି ଚାଷୀମାନଙ୍କୁ ଆବେଦନ କରିବାକୁ ସୁଯୋଗ ଦିଆଯାଇଥିଲା। ଏଣୁ ତୃତୀୟ ପର୍ଯ୍ୟାୟରେ ଆବେଦନ କରିଥିବା ୨୯୧ରୁ ୨୩୩ ଯୋଗ୍ୟ ହିତାଧିକାରୀ ବାହାରିଛନ୍ତି। ୫୮ ଜଣ ଅଯୋଗ୍ୟ ହିତାଧିକାରୀ ବାହାରିଛନ୍ତି।

### ଟଙ୍କା ଫେରାଇ ଆଣିବା କାଠିକର ପାଠ

ପ୍ରଥମ କିସ୍ତିରେ ଯେଉଁମାନେ ୫ ହଜାର ଟଙ୍କା ନେଇ ଅଯୋଗ୍ୟ ହିତାଧିକାରୀ ଭାବେ ଚିହ୍ନଟ ହୋଇଛନ୍ତି ସେମାନଙ୍କଠାରୁ ଟଙ୍କା ଫେରାଇ ଆଣିବା କାଠିକର ପାଠ ହେବ। ନିର୍ବାଚନ ମୁଣ୍ଡ ଉପରେ ଥିବାରୁ ସରକାର ଯେଉଁ ତରବରିଆ ଭାବେ ସହାୟତା ରାଶି ବାଣ୍ଟିଲେ ତାହାର ସୁଫଳ ଅଯୋଗ୍ୟ ହିତାଧିକାରୀ ନେଇଛନ୍ତି। ଏଣୁ ସରକାର ବଣ୍ଟନ କରିଥିବା ଟଙ୍କା ପାଣିରେ ପଡିବ ବୋଲି ଅଧିକାଂଶ ଚାଷୀ ମତ ରଖିଛନ୍ତି। ତେବେ ୨ୟ ଓ ତୃତୀୟ ପର୍ଯ୍ୟାୟରେ ସହାୟତା ରାଶି ବଣ୍ଟନରେ ଅସୁବିଧା ହେବ ନାହିଁ। କାରଣ ଟଙ୍କା ବଣ୍ଟନ ନ ହେବା ପୂର୍ବରୁ ଯୋଗ୍ୟ ଓ ଅଯୋଗ୍ୟ ହିତାଧିକାରୀ ଚୟନ ଚାଲିଛି। କେତେଜଣ ଚାଷୀଙ୍କ ଯୁକ୍ତି ଯେଉଁ ଅଯୋଗ୍ୟ ହିତାଧିକାରୀ ଟଙ୍କା ନେଇଛନ୍ତି ସେମାନଙ୍କୁ ଯୋଗ୍ୟ ବୋଲି ଚିହ୍ନଟ କରିଥିବା କର୍ମଚାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ନାହିଁ। କାରଣ ଏହାରି ପଛରେ ସରକାରଙ୍କର ଭୋଟ ରାଜନୀତି ଲୁଚି ରହିଥିଲା ବୋଲି ମତପ୍ରକାଶ ପାଇଛି।



ମାନବ ସମାଜର ମଙ୍ଗଳ ପାଇଁ ଯିଏ କିଛି ନା କିଛି କରିଛି, ସେ ନିଶ୍ଚୟ ପୁରସ୍କାର ପାଇଛି।
- ବୁକର ଟି. ୱାଶିଂଟନ





ଜନ୍ମାଷ୍ଟମୀ ଅବସରରେ ରାଧାକୃଷ୍ଣ ବେଶରେ ଛାତ୍ରୀଛାତ୍ର : ପୁରୀ ଘୋଡ଼ାବଜାର ସରସ୍ୱତୀ ଶିଶୁ ମନ୍ଦିର ।



ଡେଲାଙ୍ଗ ହାଟବଜାର ସରସ୍ୱତୀ ଶିଶୁ ମନ୍ଦିର ।




ଗୋପ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ।

# ସରିଲା ଶ୍ରୀକୃଷ୍ଣ ଜନ୍ମନୀତି, ଆଜି ନନ୍ଦୋତ୍ସବ

ପୁରୀ ଅଫିସ, ୨୩।୮:

ପବିତ୍ର ଭାଦ୍ରବ କୃଷ୍ଣପକ୍ଷ ଅଷ୍ଟମୀ ତିଥିରେ ଶୁକ୍ରବାର ଶ୍ରୀମନ୍ଦିରରେ ଶ୍ରୀକୃଷ୍ଣ ଜନ୍ମନୀତି ସମ୍ପନ୍ନ ହୋଇଛି। ଶନିବାର ଶ୍ରୀମନ୍ଦିରରେ ନନ୍ଦ ଉତ୍ସବ ଅନୁଷ୍ଠିତ ହେବ। ଶ୍ରୀକୃଷ୍ଣ ଜନ୍ମ ନୀତି ପାଇଁ ଶୁକ୍ରବାର ସନ୍ଧ୍ୟା ଧୂପ ବେଶରେ ମହାପ୍ରଭୁ ୬ ମୂର୍ତ୍ତି ଅଳଙ୍କାର ଲାଗି ହୋଇଥିଲେ। ସନ୍ଧ୍ୟାଧୂପ ପରେ ଜୟ ବିଜୟ ଦ୍ୱାର ବନ୍ଦ ହୋଇଥିଲା। ଶୁଦ୍ଧସୁଆର ଭଣ୍ଡାର ଦୁଆର ଆଗରେ ପୋଛା ମାରିଥିଲେ। ପୂଜାପଣ୍ଡା ପଞ୍ଚବର୍ଣ୍ଣ ମୁରୁଜରେ ସର୍ବତୋ ଭଦ୍ରମଣ୍ଡଳ ଲେଖିଥିଲେ। ପଣ୍ଡା, ପତି ମହାପାତ୍ର ଓ ମୁଦିରସ୍ତ ଜନ୍ମ ଚକଡ଼ାରେ ବସି ସଂକଳ୍ପ କରିବା ପରେ ବରୁଣ ପୂଜା ହୋଇଥିଲା। ଚିତ୍ରକର ଦେଇଥିବା ଶ୍ରୀକୃଷ୍ଣ ଜନ୍ମପଟି ଏବଂ ବଣିଆଙ୍କଠାରୁ ଆସିଥିବା ୯ଟି ରୁପା ପଦ୍ମ ପାଖୁଡ଼ାକୁ ପୂଜାପଣ୍ଡା ମଣ୍ଡଳ ଉପରେ ରଖିଥିଲେ। ପଦ୍ମ ପାଖୁଡ଼ାଗୁଡ଼ିକରେ ଦେବକୀ, ବସୁଦେବ, ନନ୍ଦ, ଯାଶୋଦା, ଲକ୍ଷ୍ମୀ, ଉଗ୍ରସେନ, ବଳଭଦ୍ର, ଗାର୍ଗବ ଋଷି ଏବଂ କୃଷ୍ଣ ଲେଖା ରହିଥିଲା। ଏହାପରେ ଏକ ସୁନା କୃଷ୍ଣ ମୂର୍ତ୍ତି ମଣ୍ଡଳ ଉପରେ ରଖାଯାଇ ୯ଟି ପନ୍ତି ଭୋଗ ବଢ଼ାଯାଇଥିଲା। ଫୁଲମାଳ ଓ ଚନ୍ଦନ ଲାଗି ହୋଇଥିଲା। ପୂଜାପଣ୍ଡା ପଞ୍ଚୋପଚାର ପୂଜା କରି ପନ୍ତିଭୋଗ ବଢ଼ାଇଥିଲେ। ଏହାପରେ ଦକ୍ଷିଣୀ ଘରୁ ମଦନମୋହନଙ୍କୁ ବିବସ୍ତ୍ର କରି ଆଣି ସିଂହାସନ ଉପରେ ବିଜେ କରାଇଥିଲେ। ସେଠାରେ ମୁଦିରସ୍ତ ମହାପ୍ରଭୁଙ୍କ ଧଣ୍ଟି ପ୍ରସାଦ ଆଜ୍ଞାମାଳ ଶ୍ରୀମଦନମୋହନଙ୍କୁ ଲାଗି କରାଇଥିଲେ। ମହାଜନ ସେବକମାନେ ଶ୍ରୀମଦମୋହନଙ୍କୁ ଆଣି ଜନ୍ମ ଚକଡାରେ ବିଜେ କରାଇଥିଲେ। ପୂଜାପଣ୍ଡା ଗର୍ଭଉଦକ କର୍ମ କରି ଶୀତଳ ଭୋଗ ଷୋଡ଼ଶ ଉପଚାରରେ ମଣୋହୀ କରିଥିଲେ। ଏହାପରେ ଦୁଇଜଣ ମହାଜନ ସେବକ ଦେବକୀ ଓ ବସୁଦେବ ବେଶ ହୋଇ ଜନ୍ମ ଚକଡାରେ ଶ୍ରୀକୃଷ୍ଣ ଜନ୍ମ ନୀତି ସମ୍ପାଦନ କରିଥିଲେ। ପରେ ପରେ ମୁଦିରସ୍ତ ପ୍ରସାଦ ଲାଗି କରାଇଥିଲେ। ପାଳିଆ ମହାସୁଆର ଦେଇଥିବା ଦଗ୍ଧ, ଲହୁଣି ଓ ଗଣ୍ଡୁଷ ମସଲା ପୂଜାପଣ୍ଡା ସର୍ମପଣ କରି ମଣୋହୀ କରିଥିଲେ। ଦେବକୀ, ବସୁଦେବଙ୍କ ସହିତ ମହାଜନ ସେବକ ଭଣ୍ଡାରଘରୁ ଆସିଥିବା ରୁପା ଥାଳିରେ କୃଷ୍ଣ (ମଦନମୋହନ)ଙ୍କୁ ବିଜେ କରାଇଥିଲେ। ଏହାପରେ ଜଗମୋହନ ଦେଇ ସରସ୍ୱତୀ ମନ୍ଦିର ଆଗ ଯମୁନାନଈ କୂଳକୁ ବିଜେ କରାଇଥିଲେ। ଏହି ସମୟରେ ଠାକୁରଙ୍କ ଶିର ଉପରେ ସପ୍ତଫେଣୀ ବାସୁକୀ ରହିଥିଲେ। ଯମୁନା ନଦୀ କୂଳରେ ଉଗ୍ରସେନ ଭେଟ ନୀତି ହୋଇଥିଲା। ଉଗ୍ରସେନ ଶ୍ରୀକୃଷ୍ଣଙ୍କୁ ଦଣ୍ଡ ପ୍ରଣାମ କରି ଗୋପପୁରକୁ ଯିବା ଲାଗି ବସୁଦେବଙ୍କୁ ବାଟ ଛାଡିଥିଲେ। ଠାକୁର ଘଣ୍ଟ, ଛତା, କାହାଳି ସହିତ ଯାଇ ନାଭିକଟା ମଣ୍ଡପଠାରେ ଥିବା ଖଟ ଶେଯ ଉପରେ ବିଜେ କରିଥିଲେ। ମହାଜନ ସେବକ ଦକ୍ଷିଣୀ ଘରୁ ରାମକୃଷ୍ଣଙ୍କୁ ଆଣି ଖଟ ଶେଯରେ ବିଜେ କରାଇଥିଲେ। ସେହିଠାରେ ଜନ୍ମ ନୀତି, ନାଭିକଟା ଓ ଉପନୟନ ସଂସ୍କାର ପର୍ଯ୍ୟନ୍ତ କର୍ମମାନ ଅନୁଷ୍ଠିତ ହୋଇଥିଲା। ଏହାପରେ ମହାଜନ ସେବକ ତିନିଠାକୁରଙ୍କୁ ଜଗମୋହନରେ ବନ୍ଧା ଯାଇଥିବା ଦୋଳିରେ ବିଜେ କରାଇଥିଲେ। ସେଠାରେ ଶୀତଳ ଭୋଗ ଓ ବନ୍ଦାପନା ହୋଇଥିଲା। ରାମକୃଷ୍ଣ ଭିତର ସିଂହାସନ ଏବଂ ମଦନମୋହନ ଦକ୍ଷିଣୀ ଘରକୁ ବିଜେ କରିଥିଲେ। ଏହାପରେ ବଡ଼ସିଂହାର ଭୋଗ ବଢ଼ି ଶ୍ରମନ୍ଦିରରେ ମହାପ୍ରଭୁଙ୍କ ପହୁଡ ନୀତି ସମ୍ପନ୍ନ ହୋଇଥିଲା।

# ଲିଟିଲ ଷ୍ଟାର ଗ୍ରୁପ ପକ୍ଷରୁ ସମ୍ବର୍ଦ୍ଧନା ସମାରୋହ

ନିମାପଡ଼ା,୨୩।୮(ଡି.ଏନ୍.ଏ.):

ନିମାପଡ଼ାର ଶିଶୁ ବିକାଶ ଅନୁଷ୍ଠାନ ଲିଟିଲ ଷ୍ଟାର ଗ୍ରୁପ ପକ୍ଷରୁ ଶୁକ୍ରବାର ୧୬ତମ ପାଠ ମଉଜ ଓ ସମ୍ବର୍ଦ୍ଧନା ସମାରୋହ ସ୍ଥାନୀୟ ସିଦ୍ଧାର୍ଥ ଏକାଡେମୀଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗ୍ରୁପର ସମ୍ପାଦକ ସୁମନ୍ତ ମହାରଣା ଅଧ୍ୟକ୍ଷତା କରିବା ସହ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଅତିଥିଭାବେ ନିମାପଡ଼ା କଲେଜର ଅଧ୍ୟାପକ ପ୍ରଣବ ସ୍ୱାଇଁ, ସୁବ୍ରତ ମହାନ୍ତି, ଗୋପ କଲେଜର ଅଧ୍ୟାପକ ପ୍ରକାଶ ଚନ୍ଦ୍ର ଖଟୋଇ, ଶିକ୍ଷକ ନିର୍ମଳ ମିଶ୍ର, ଶିଶୁ ସମାଚାରର ସମ୍ପାଦକ ସୁକାନ୍ତ ପଣ୍ଡା, ସାମାଜିକ କର୍ମୀ କୃଷ୍ଣଚନ୍ଦ୍ର ନାୟକ ପ୍ରମୁଖ ଯୋଗଦେଇ ଶିକ୍ଷାର ବିକାଶ ହେଲେ ରାଜ୍ୟ ଓ ଦେଶର ବିକାଶ ହେବ। ସ୍କୁଲ ଓ କଲେଜ ଛାତ୍ରୀଛାତ୍ରମାନେ ଗୁଣାତ୍ମକ ଶିକ୍ଷାକ୍ଷେତ୍ରରେ ବ୍ରତୀହେବା ଆବଶ୍ୟକ। ରାଜ୍ୟ ଓ ଦେଶ ଗଠନରେ ଛାତ୍ରୀଛାତ୍ରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଶିକ୍ଷାକ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୫୦ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମାରୋହରେ ବିଭିନ୍ନ ବିଦ୍ୟାଳୟ ଓ କଲେଜର ଅଧ୍ୟାପିକା ଅଧ୍ୟାପକ, ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ର ଯୋଗଦେଇଥିଲେ।




ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀମାନେ ।

## ସଂକ୍ଷେପରେ

### ଦୁଇ ବାଇକ୍ ମୁହାଁମୁହିଁ ଧକ୍କା, ୩ ଗୁରୁତର

ନିମାପଡ଼ା,୨୩।୮(ଡି.ଏନ୍.ଏ.): ନିମାପଡ଼ା-ପିପିଲି ରାସ୍ତାର ଏକମୋକୋଣା ଛକ ନିକଟରେ ଶୁକ୍ରବାର ଅପରାହ୍ନରେ ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହେବା ଫଳରେ ୩ ବାଇକ୍ ଆରୋହୀ ଗୁରୁତର ହୋଇଛନ୍ତି। ସେମାନେ ହେଲେ ପିପିଲି ଥାନା ଅନ୍ତର୍ଗତ ଜଗନ୍ନାଥପୁର ଗ୍ରାମର ମାନସ ବେହେରା(୪୫), କୋଣାର୍କ ଥାନା ଅନ୍ତର୍ଗତ ଜୁଣେଇ ଅଞ୍ଚଳର ଅମୂଲ୍ୟ ନାୟକ(୪୫), ଦିଲୀପ କାଣ୍ଡି(୨୬)। ଗୁରୁତରମାନଙ୍କୁ ଚିକିତ୍ସା ପାଇଁ ନିମାପଡ଼ା ମେଡିକାଲରେ ଭର୍ତ୍ତି କରାଯାଇଥିବା ବେଳେ ମାନସଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତରିତ କରାଯାଇଥିଲା। ଖବରପାଇ ନିମାପଡ଼ା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଦୁଇ ବାଇକ୍(ଓଡି ୧୩ବି ୦୮୨୭), (ଓଡି ୧୩ଜେ ୬୦୫୮)କୁ ଜବତ କରି ଘଟଣାର ତଦନ୍ତ ଚଳାଇଛି। ମାନସ ବାଇକ୍‌ରେ ନିମାପଡ଼ାରୁ ଜଗନ୍ନାଥପୁର ଅଭିମୁଖେ ଆସୁଥିବା ବେଳେ ଅମୂଲ୍ୟ ଓ ଦିଲ୍ଲୀପ ଏକ ବାଇକ୍‌ରେ ବିପରୀତ ପଟୁ ଆସୁଥିବା ବେଳେ ଏକମୋକୋଣା ଛକ ନିକଟରେ ଦୁଇ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା।

### ଓଡ଼ିଶୀ ସଙ୍ଗୀତକୁ ଶାସ୍ତ୍ରୀୟ ମାନ୍ୟତା ଦାବି

#### ମନ୍ତ୍ରୀଙ୍କୁ ସାକ୍ଷାତ୍ କଲେ ଗବେଷକ

ପୁରୀ ଅଫିସ, ୨୩।୮: ଦୀର୍ଘବର୍ଷ ହେବ ଓଡ଼ିଶୀ ସଙ୍ଗୀତକୁ ଶାସ୍ତ୍ରୀୟ ମାନ୍ୟତା ଦେବା ପାଇଁ ବହୁ ବୁଦ୍ଧିଜୀବୀ, ଓଡ଼ିଶୀ ସଙ୍ଗୀତଜ୍ଞ ଦାବି କରିଆସୁଛନ୍ତି। ହେଲେ ଏ ପର୍ଯ୍ୟନ୍ତ ଏହି ଦାବି ପୂରଣ ହୋଇପାରି ନାହିଁ। ତେଣୁ ଏ ଦିଗରେ ରାଜ୍ୟ ସରକାର ହସ୍ତକ୍ଷେପ କଲେ ଓଡ଼ିଶୀ ସଙ୍ଗୀତକୁ ଶାସ୍ତ୍ରୀୟ ମାନ୍ୟତା ମିଳିପାରନ୍ତା ବୋଲି କହିଛନ୍ତି ଓଡ଼ିଶୀ ସଙ୍ଗୀତ ଗବେଷକ ପଣ୍ଡିତ ଚିତ୍ତରଞ୍ଜନ ମିଶ୍ର। ଏ ନେଇ ମିଶ୍ରଙ୍କ ସମେତ ତିନିଜଣ ଗବେଷକ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କୁ ସାକ୍ଷାତ୍ କରି ଆଲୋଚନା କରିଛନ୍ତି। ଗୁରୁବାର ଓଡ଼ିଶୀ ସଙ୍ଗୀତ ଗବେଷକ ପଣ୍ଡିତ ମିଶ୍ର, ଗବେଷକ ତୀର୍ଥାନନ୍ଦ ମହାନ୍ତି ଏବଂ ଦୂରଦର୍ଶନ କେନ୍ଦ୍ରର ପୂର୍ବତନ ନିର୍ଦ୍ଦେଶକ ତଥା ଗବେଷକ ରବିନାରାୟଣ ମିଶ୍ର ମନ୍ତ୍ରୀଙ୍କ ସରକାରୀ ବାସଭବନକୁ ଯାଇ ଆଲୋଚନା କରିଥିଲେ। ମନ୍ତ୍ରୀ କହିଥିଲେ ସେମାନଙ୍କ ଏହି ଦାବିକୁ ଗ୍ରହଣ କରାଯାଇଛି। ଖୁବ୍‌ଶୀଘ୍ର ଏ ବିଷୟରେ ପଦକ୍ଷେପ ନିଆଯିବ। ତେବେ ଏହା ପୂର୍ବରୁ ଗବେଷକ ମିଶ୍ର ଗତ ୭ ତାରିଖରେ ମନ୍ତ୍ରୀଙ୍କୁ ସାକ୍ଷାତ୍ କରିବା ସହ ଓଡ଼ିଶୀ ସଙ୍ଗୀତକୁ ଶାସ୍ତ୍ରୀୟ ମାନ୍ୟତା ଦାବିରେ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ ଖବରର ଜେରକ୍ସ କପି ପ୍ରଦାନ କରିଥିଲେ। ଓଡ଼ିଶୀ ସଙ୍ଗୀତ ପଦ୍ଧତି ଯେ ସବୁଠୁ ପ୍ରାଚୀନ ପଦ୍ଧତି ସେ ବିଷୟରେ ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ।

### ମୋବାଇଲ ଚୋରି କରି ଜଣେ ଗିରଫ

ପୁରୀ ଅଫିସ, ୨୩।୮: ଏକ ମୋବାଇଲ ମରାମତି ଦୋକାନରୁ ମୋବାଇଲ ଚୋରି ଅଭିଯୋଗରେ ସଦର ଥାନା ପୋଲିସ ଶୁକ୍ରବାର ଜଣଙ୍କୁ ଗିରଫ କରିଛି। ଗିରଫ ଜଣକ ହେଲେ ଚିତ୍ତରଞ୍ଜନ ସାହୁ। ବାଲିପୁଟରେ ରାକେଶ ରୋଶନ ପ୍ରଧାନଙ୍କ ଏକ ମୋବାଇଲ ଦୋକାନ ରହିଛି। ଗତ କିଛି ଦିନ ତଳେ ତାଙ୍କ ଦୋକାନରୁ କେହି ଦୁର୍ବୃତ୍ତ ସଟର ତାଡି ୧୪ଟି ମୋବାଇଲ ଚୋରି କରି ନେଇଯାଇଥିବା ନେଇ ଥାନାରେ ଅଭିଯୋଗ କରିଥିଲେ।

### ବେଳାଭୂମିରୁ ଜବରଦଖଲ ଉଚ୍ଛେଦ

ପୁରୀ ଅଫିସ, ୨୩।୮: ପୁରୀ ବେଳାଭୂମିରେ ହୋଇଥିବା ଜବରଦଖଲକୁ ଶୁକ୍ରବାର ପ୍ରଶାସନ ଉଚ୍ଛେଦ କରିଛି। ରାଜଭବନ ପଛପାର୍ଶ୍ୱ ଏବଂ ମେ ଫେୟାର ପଛ ପାର୍ଶ୍ୱରେ ଥିବା ୨ଟି ମନ୍ଦିର ଉଚ୍ଛେଦ କରାଯାଇଛି। ବ୍ଲୁ ଫ୍ଲାଗ ବେଳାଭୂମି ଅଞ୍ଚଳରେ ଏହି ଦୁଇଟି ମନ୍ଦିର ରହିଥିବା ବେଳେ ପ୍ରଶାସନ ଏଭଳି ନିଷ୍ପତ୍ତି ନେଇଥିବା ଜଣାପଡିଛି। ପୋଲିସ ଏବଂ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଏହି ଉଚ୍ଛେଦ କରାଯାଇଛି।

# ଫନୀ ବିପନ୍ନଙ୍କୁ ରେଡ୍‌କ୍ରସ ପକ୍ଷରୁ ରିଲିଫ ବଣ୍ଟନ

କଣାସ,୨୩।୮(ଡି.ଏନ.ଏ.)

ଫନୀ କ୍ଷତିଗ୍ରସ୍ତ ଗଡିଶାଗୋଦା ପଞ୍ଚାୟତର ବିଲପାଟଣା ଗ୍ରାମକୁ ଶୁକ୍ରବାର ବିଧାୟକ ଉମାକାନ୍ତ ସାମନ୍ତରାୟଙ୍କ ଉଦ୍ୟମରେ ଭାରତୀୟ ରେଡକ୍ରସ୍ ସୋସାଇଟି ଓଡ଼ିଶା ଶାଖା ପକ୍ଷରୁ ରିଲିଫ୍ ବଣ୍ଟନ କରାଯାଇଛି। ଗ୍ରାମର ଏକଶହରୁ ଊର୍ଦ୍ଧ୍ୱ ବିପନ୍ନ ପରିବାରକୁ ପଲିଥିନ, ଷ୍ଟୋଭ, କିଚେନ ସେଟ୍, ବେଡଶିଟ୍ ଆଦି ଦିଆଯାଇଛି। ପୂର୍ବତନ ଜିଲା ପରିଷଦ ସଦସ୍ୟା ଶୁଭ୍ରାନ୍ତୀ ସାମନ୍ତରାୟଙ୍କ ତତ୍ତ୍ୱାବଧାନରେ ରିଲିଫ୍ ବଣ୍ଟନ ହୋଇଥିଲା। ରେଡକ୍ରସର ଷ୍ଟେଟ ସେକ୍ରେଟାରୀ ମେଜର ଡ. କଳ୍ପନା ଦାସ, ସରପଞ୍ଚ ତପସ୍ୱିନୀ ବେହେରା, ସମିତି ସଭ୍ୟା ମିତାଳୀ ବେହେରା, ବ୍ଲକ ଯୁବ ବିଜେଡି ସଭାପତି ବସନ୍ତ କୁମାର ଜେନା, ପୂର୍ବତନ ସରପଞ୍ଚ ଶରତଚନ୍ଦ୍ର ଜୟସିଂହ, ବେଣୁଧର ଶ୍ରୀଚନ୍ଦନ ଓ ଦିଗମ୍ବର ସୁବୁଦ୍ଧି ପ୍ରମୁଖ ସହଯୋଗ କରିଥିଲେ।

# ହେମନ୍ତ ଛୋଟରାୟଙ୍କୁ ସପ୍ତକ ସମ୍ମାନ

ପୁରୀ ଅଫିସ, ୨୩।୮:

ସାରସ୍ୱତ ସାଧକ ତଥା ଶିଶୁ ସାହିତ୍ୟିକ ଡ.ହେମନ୍ତ କୁମାର ଛୋଟରାୟଙ୍କୁ ଭୁବନେଶ୍ୱର ସ୍ଥିତ ଜୟଦେବ ଭବନରେ ଆୟୋଜିତ ଏକ ସାରସ୍ୱତ ସମାରୋହରେ ସପ୍ତକ ସମ୍ମାନରେ ସମ୍ମାନିତ କରାଯାଇଛି। ବର୍ଷୀୟାନ ଶିଶୁ ସାହିତ୍ୟିକ ତଥା ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଦେବରାଜ ସାମନ୍ତରାୟଙ୍କ ୮୧ତମ ଜୟନ୍ତୀ ଅବସରରେ ସପ୍ତକ ଫାଉଣ୍ଡେସନ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ହେମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ପଦ୍ମଶ୍ରୀ ଡ.ଦେବୀ ପ୍ରସନ୍ନ ପଟ୍ଟନାୟକ ତାଙ୍କୁ ଏହି ସମ୍ମାନରେ ସମ୍ମାନିତ କରିଥିଲେ। କଣାସ ବ୍ଲକ ଗଡମାଟିଆପଡା ଗ୍ରାମରେ ଜନ୍ମିତ ଛୋଟରାୟ ଦେଶର ସମ୍ପଦ ଓ ଆମ ଗାଁ ନଇ ଇତ୍ୟାଦି ୧୫ରୁ ଊର୍ଦ୍ଧ୍ୱ ପୁସ୍ତକ ରଚନା କରିଛନ୍ତି। ଏଥି ମଧ୍ୟରୁ ବାଘ ବାହାଘର ଓ କାଳିଆ ଠାକୁର କଥା ପ୍ରଭୃତି ବଙ୍ଗଳା ଓ ହିନ୍ଦୀ ଭାଷାରେ ଅନୁବାଦିତ ହୋଇଛି। ହିନ୍ଦୀ ଭାଷାରେ ଅନେକ ଶିଶୁ ସାହିତ୍ୟକୁ ଅନୁବାଦ କରିଛନ୍ତି।

# ଗୋଟି ଶ୍ରମିକଙ୍କ ସମସ୍ୟା ନେଇ ଜିଲାପାଳଙ୍କୁ ସ୍ମାରକପତ୍ର

ପୁରୀ ଅଫିସ, ୨୩।୮:

ଗୋଟି ଶ୍ରମିକଙ୍କୁ ଚିହ୍ନଟ, ମୁକ୍ତି ତଥା ଥଇଥାନ ଲାଗି ପୁରୀ ଜିଲାରେ କାର୍ଯ୍ୟରତ ଓଡ଼ିଶା ଗୋଟି ମୁକ୍ତ ଆନ୍ଦୋଳନ ଓ ଓଡ଼ିଶା ଗୋଟି ମୁକ୍ତ ଅଭିଯାନ ପକ୍ଷରୁ ଶୁକ୍ରବାର ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏଥିରେ ଦର୍ଶାଯାଇଛି ଯେ, ଗୋଟି ଶ୍ରମିକ ମାନଙ୍କୁ ଉପଯୁକ୍ତ ଥଇଥାନ କରାଯାଉ। ଥଇଥାନ ରାଶିକୁ ବୃଦ୍ଧି କରାଯାଉ। କେନ୍ଦ୍ର ସରକାରଙ୍କ ନୂତନ ଥଇଥାନ ଯୋଜନାକୁ କାର୍ଯ୍ୟକାରୀ କରାଯାଉ। ଜିଲାରେ ୨୦୧୧ ମସିହାରେ ୧୬୧୬ଜଣ ଗୋଟି ଶ୍ରମିକଙ୍କୁ ମୁକ୍ତ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ମାତ୍ର ୨୦ଜଣଙ୍କୁ ଜଣପିଛା ୨୦ହଜାର ଟଙ୍କା ପ୍ରଦାନ କରାଯାଇଛି। ଅନ୍ୟ ମାନଙ୍କୁ ବର୍ତ୍ତମାନ ସୁଦ୍ଧା ଥଇଥାନ ରାଶି ପ୍ରଦାନ କରାଯାଇନାହିଁ। ଫଳରେ ସଂପୃକ୍ତ ପରିବାର ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗୋଟି ମୁକ୍ତ ଶ୍ରମିକଙ୍କୁ ମୁକ୍ତି ପ୍ରମାଣପତ୍ର, କର୍ପସ ଫଣ୍ଡ, ନିଯୁକ୍ତି ଭିତ୍ତିକ ତାଲିମ ପ୍ରଦାନ ଆଦି ୯ଦଫା ଦାବି ଜିଲାପାଳଙ୍କ ନିକଟରେ ଉପସ୍ଥାପନ କରିଛନ୍ତି। ଏହି ଦାବିପତ୍ର ପ୍ରଦାନବେଳେ ଉଭୟ ଅନୁଷ୍ଠାନ ପକ୍ଷରୁ ଦିବାକର ବାରିକ, ଶେଷଦେବ ସୁବୁଦ୍ଧି, କିଶାନ ପଟ୍ଟନାୟକ, ଉମାକାନ୍ତ ସାହୁ, ବାବନ ବାରିକ, ଅଶୋକ ସେଠୀ ଓ ଶ୍ରୁଶାନ୍ତ କୁମାର ସୁବୁଦ୍ଧି ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି କ୍ରାନ୍ତିକାରୀ ଓଡ଼ିଶା ଗୋଟିମୁକ୍ତ ଆନ୍ଦୋଳନ ଅନୁଷ୍ଠାନ ପକ୍ଷରୁ ଗୋଟିମୁକ୍ତ ଦିବସ ଅବସରରେ ଏକ ସାଧାରଣ ବୈଠକ ଶୁକ୍ରବାର ସାଇ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଥିଲା। ତ୍ରିନାଥ ବାରିକ ସଭାପତିତ୍ୱ କରିଥିଲେ। ମାନବାଧିକାର କର୍ମୀ ଜଳନ୍ଧର ବାରିକ ଗୋଟି ଏହି ଦିବସର ମହତ୍ତ୍ୱ ସମ୍ପର୍କରେ କହିଥିଲେ। ଲକ୍ଷ୍ମୀଧର ସେଠୀ, ପ୍ରଫୁଲ୍ଲ କମାର ସେଠୀ, ରମେଶ ଚନ୍ଦ୍ର ବାରିକ, ବଳରାମ ବାରିକ, ଅକ୍ଷୟ ବାରିକ ପ୍ରମୁଖ ସାମିଲ ହୋଇଥିଲେ।

# ବିଶ୍ୱ ହିନ୍ଦୁ ପରିଷଦର ପ୍ରତିଷ୍ଠା ଦିବସ ସମାରୋହ

ନିମାପଡ଼ା,୨୩।୮(ଡି.ଏନ୍.ଏ.):



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ଏବଂ ଅନ୍ୟମାନେ ।

ବିଶ୍ୱହିନ୍ଦୁ ପରିଷଦ, ନିମାପଡ଼ା ଉପଖଣ୍ଡ ପକ୍ଷରୁ ବିଶ୍ୱ ହିନ୍ଦୁ ପରିଷଦର ପ୍ରତିଷ୍ଠା ଦିବସ, ଜନ୍ମାଷ୍ଟମୀରେ କୃଷ୍ଣବେଶ ପ୍ରତିଯୋଗିତା ଓ ପୁରସ୍କାର ବିତରଣ ସମାରୋହ ଶୁକ୍ରବାର ଶ୍ରୀରାମ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥିଭାବେ ବିଏସ୍‌ପି ନିମାପଡ଼ା ଉପଖଣ୍ଡର ଉପସଭାପତି ସତ୍ୟନାରାୟଣ ମିଶ୍ର, ସମ୍ପାଦକ ସଞ୍ଜୟ ବାରିକ, ପୁରୀ ବିଭାଗ ସଂଯୋଜକ ଉମାଶଙ୍କର ଆଚାର୍ଯ୍ୟ, ବିକ୍ରମକେଶରୀ ସାହୁ, ମାନସ ଦାଶ, ରାଧାମୋହନ ଦାଶ, ଶୁଭ୍ରଜିତ୍ ବାରିକ, ଶିକ୍ଷାବିତ୍ କ୍ଷୀରୋଦ ଚନ୍ଦ୍ର ରାୟ ମହାପାତ୍ର ପ୍ରମୁଖ ଯୋଗଦେଇ ବିଶ୍ୱ ହିନ୍ଦୁ ପରିଷଦର ସ୍ଥାପନା, ଲକ୍ଷ୍ୟ, ଉଦ୍ଦେଶ୍ୟ ଓ ଜନ୍ମାଷ୍ଟମୀ ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ କୃଷ୍ଣବେଶ ପ୍ରତିଯୋଗିତା, ଚିତ୍ରାଙ୍କନ ଓ ଶ୍ରୀକୃଷ୍ଣ ଭଜନ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ନିମାପଡ଼ା ବ୍ଲକ ଅଧୀନ ସଲଙ୍ଗ ଓ କଳାପାଞ୍ଚଣଠାରେ ବିଶ୍ୱ ହିନ୍ଦୁ ପରିଷଦର ସ୍ଥାପନା ଓ ପ୍ରତିଷ୍ଠା ଦିବସ ସମାରୋହରେ ପାଳିତ ହୋଇଯାଇଛି।

# ଆଜି ଦୋଳିରେ ଝୁଲିବେ ଅଲାରନାଥ

ବ୍ରହ୍ମଗିରି,୨୩।୮(ଡି.ଏନ.ଏ.)

ରାତିର ନିସ୍ତବ୍ଧ ମଧ୍ୟରେ ମହାରାଜ ଉଗ୍ରସେନଙ୍କ ସାବଧାନ ସାବଧାନ, ହୁସିଆର ହୁସିଆର ଡାକ। ଏହାରି ମଧ୍ୟରେ ମହାପ୍ରଭୁ ଶ୍ରୀକୃଷ୍ଣଙ୍କ କୁଆଁ କୁଆଁ ଡାକ। ସତେ ଯେମିତି ପରିବେଶ ଥିଲା ଏକ ରୋମାଞ୍ଚକର। ଶୁକ୍ରବାର ଜନାଷ୍ଟମୀ ଅବସରରେ ମହାପ୍ରଭୁ ଅଲାରନାଥଙ୍କ ପୀଠରେ ପାଳିତ ହୋଇଯାଇଛି ଶ୍ରୀକୃଷ୍ଣ ଜନ୍ମଉତ୍ସବ। ସନ୍ଧ୍ୟା ଧୂପପରେ ମନ୍ଦିର ଶୋଦ୍ଧ କରାଯାଇ ସମସ୍ତଙ୍କୁ ମନ୍ଦିର ବେଢାରୁ ବାହାର କରାଯାଇଥିଲା। ପରେ ମନ୍ଦିରର ସମସ୍ତ ଲାଇଟ ବନ୍ଦ କରିଦିଆଯାଇ ଗାଢ ଅନ୍ଧାର ମଧ୍ୟରେ ଦ୍ୱାରବନ୍ଦ କରାଯିବାପରେ ମଝି ଦେଉଳରେ ଜାତକର୍ମ ପାଇଁ ମଣ୍ଡଳ କଟାଯାଇଥିଲା। ମଧ୍ୟରାତ୍ରର ନିର୍ଜନତା ମଧ୍ୟରେ ଏକ ପୁରାତନ ତାଳପୋଥି ପଢାଯାଇ ଶ୍ରୀକୃଷ୍ଣଙ୍କ ଜନ୍ମ କର୍ମ କରାଯାଇଥିଲା। ଏହି ସମୟରେ ପ୍ରତିହାରି ପାଳିଆର ଉଗ୍ରସେନ ଭୂମିକାର ହୁସିଆର, ହୁସିଆର ଓ ସାବଧାନ ଡାକ ବେଶ ରୋମାଞ୍ଚକ ଥିଲା। ବାସୁଦେବ ଭୂମିକାରେ ପୂଜାପଣ୍ଡା ପାଳିଆ ମଦନ ମୋହନଙ୍କୁ ନେଇ ଯାଉଥିବାରେ ଉଗ୍ରସେନଙ୍କୁ ଦର୍ଶନ ଦେଇ ଶାଢି ବନ୍ଧା କାର୍ଯ୍ୟକ୍ରମ ପରେ ବସୁଦେବ ଶ୍ରୀକୃଷ୍ଣଙ୍କୁ ଧରି ଯମୁନା ନଦୀ ପାର ହେବା ଏବଂ ମନ୍ଦିର ବେଢାରେ ଏନ୍ତୁଡି କର୍ମ, ନାଭି ଛେଦନ ଓ ଗଣ୍ଡୁଷ କର୍ମ ହୋଇଥିଲା। ପରେ ମହାପ୍ରଭୁଙ୍କୁ କ୍ଷୀରସର ଓ ୧୧୦ ନଡ଼ିଆରେ କୋରା ଭୋଗ ଅର୍ପଣ କରାଯାଇଥିଲା। ଏହି କୃଷ୍ଣ ଜନ୍ମ ଉତ୍ସବ ପରେ ଶନିବାର ମହାପ୍ରଭୁ ଅଲାରନାଥଙ୍କୁ ପୁତନା ଖିରି ଲାଗି ହେବ। ଏହି ଖିରି ଏକ ସ୍ୱତନ୍ତ୍ର ଭାବେ କରାଯିବ ବୋଲି ସେବାୟତମାନେ ସୂଚନା ଦେଇଛନ୍ତି।

ଶନିବାର ନବମୀ ତିଥିରେ ଶ୍ରୀଅଲାରନାଥଙ୍କ ପୀଠରେ ନନ୍ଦ ଉତ୍ସବ ପାଳିତ ହେବ। ଶ୍ରୀଚୈତନ୍ୟ ଚକଡାରେ ଅସ୍ଥାୟୀ ଭାବେ ନିର୍ମାଣ ହୋଇଥିବା ଦୋଳିରେ ଶ୍ରୀଜୀଉଙ୍କ ଚଳନ୍ତି ପ୍ରତିମା ମଦନମୋହନ ଝୁଲିବେ। ନନ୍ଦ ଉତ୍ସବ ନୀତି ବଢ଼ିବା ପରେ ଶ୍ରୀଚୈତନ୍ୟ ଚକଡ଼ାରେ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ହୋଇଥିବା ଖିରି ଲାଗି ହେବ। ଏହି ଖିରିକୁ ପୁତନା ଖିରି କୁହାଯାଇଥାଏ। ଖିରି ଲାଗି ହେବା ପରେ ସମସ୍ତ ବାଳ ଗୋପାଳଙ୍କୁ ବଣ୍ଟା ଯିବାର ବିଧି ରହିଛି। ସେଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଥିବା ସେବାୟତ ନାରାୟଣ ପୂଜାପଣ୍ଡାଙ୍କ ପକ୍ଷରୁ ସୂଚନା ମିଳିଛି।

# ସାକ୍ଷୀଗୋପାଳ ମନ୍ଦିରରେ ଶ୍ରୀକୃଷ୍ଣ ଜନ୍ମୋତ୍ସବ

ସାକ୍ଷୀଗୋପାଳ, ୨୩।୯(ଡି.ଏନ.ଏ ):

■ପୂଜାର୍ଚ୍ଚନା, କୋରା ଭୋଗ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼

■ଜମିଲା ଭଜନ ସମାରୋହ, ନୃତ୍ୟ ସଙ୍ଗୀତ କାର୍ଯ୍ୟକ୍ରମ

ପରମ୍ପରା ଅନୁଯାୟୀ ସାକ୍ଷୀଗୋପାଳ ମନ୍ଦିରରେ ଶୁକ୍ରବାର ଶ୍ରୀକୃଷ୍ଣ ଜନ୍ମୋତ୍ସବ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ମନ୍ଦିରକୁ ଫୁଲ ଓ ରଙ୍ଗିନ ଆଲୋକମାଳାରେ ସଜ୍ଜିତ କରାଯାଇଛି। ଠାକୁର ଦର୍ଶନ, ପୂଜାର୍ଚ୍ଚନା ଓ କୋରା ଭୋଗ ପାଇଁ ଦିନତମାମ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିରହିଥିଲା। ଶ୍ରୀ ସାକ୍ଷୀଗୋପାଳ ସେବାୟତ ସଂଘ ପକ୍ଷରୁ ଭଜନ ସମାରୋହ, ଓଡ଼ିଶୀ ନୃତ୍ୟ, ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୂତି ସାଙ୍ଗକୁ ମାଗଣା ସ୍ୱାସ୍ଥ୍ୟ ଶିବିର ଆୟୋଜନ ସହ ପ୍ରସାଦ ବିତରଣ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ସତ୍ୟବାଦୀ ବିଡିଓ ସରୋଜ କୁମାର ଦତ୍ତ ଯୋଗଦେଇ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସେ ମନ୍ଦିର ବାଇପାସ୍ ରାସ୍ତା ପ୍ରଶସ୍ତୀକରଣ ଓ ରେଳ ଓଭରବ୍ରିଜ ନିର୍ମାଣର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ଭାବେ ସତ୍ୟବାଦୀ ଥାନା ଆଇଆଇସି ସୁଜିତ କୁମାର ଦାସ, ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାସ ଚନ୍ଦ୍ର ମିଶ୍ର, ଡା. ସିଦ୍ଧାର୍ଥ ସାହୁ ଏବଂ ଅବସରପ୍ରାପ୍ତ ବିଡିଓ ସିଦ୍ଧେଶ୍ୱର ପଟ୍ଟନାୟକ ଯୋଗଦେଇ ସାକ୍ଷୀଗୋପାଳ ମନ୍ଦିର ଓ ଏହାର ପାରିପାର୍ଶ୍ୱିକ ଉନ୍ନୟନ ପାଇଁ ମତ ରଖିଥିଲେ। ଏହି ଅବସରରେ ଯୁବ ସେବାୟତମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ସେବାୟତ ସଂଘ ସଭାପତି ଲିଙ୍ଗରାଜ ମହାପାତ୍ର ସଭାପତିତ୍ୱ କରିଥିବାବେଳେ ସମ୍ପାଦକ ଦିବାକର ମହାପାତ୍ର ବିବରଣୀ ପାଠ କରିଥିଲେ। ସହସମ୍ପାଦକ ଅଶୋକ ଖୁଣ୍ଟିଆ, ଉପସଭାପତି ସଞ୍ଜୟ ନନ୍ଦ, କୋଷାଧ୍ୟକ୍ଷ ଉମେଶ ନନ୍ଦ, ସଦସ୍ୟ ରାମଚନ୍ଦ୍ର ନନ୍ଦ, ସନ୍ତୋଷ ମେକାପ, ଶ୍ୟାମସୁନ୍ଦର ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ। ସନ୍ଧ୍ୟାରେ ରଘୁରାଜପୁରର କଳାକାରମାନେ ଗୋଟିପୁଅ ନୃତ୍ୟ ଏବଂ ସଙ୍ଗୀତ ନିର୍ଦ୍ଦେଶକ ମନ୍ମଥ ମିଶ୍ର ଓ ସାଥୀମାନେ ଭଜନ ପରିବେଷଣ କରିଥିଲେ।



ଜନ୍ମାଷ୍ଟମୀ ଅବସରରେ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଚାଲିଛି ।

### ଦୋଳିରେ ଝୁଲିଲେ ଶିଶୁ କୃଷ୍ଣ

ମନ୍ଦିରରେ ଠାକୁରଙ୍କ ଜନ୍ମବିଧି ନିଶାର୍ଦ୍ଧରେ ସମ୍ପନ୍ନ ହୋଇଛି। ଗର୍ଭଗୃହରେ ଶିଶୁ କୃଷ୍ଣଙ୍କ କୁଆଁକୁଆଁ ଡାକ ଶୁଣିବା ପରେ ଅନ୍ଧାର ରାତିରେ ବସୁଦେବ ତଥା ସେବକ କାଳୀପ୍ରସାଦ ମହାପାତ୍ର ରୁପା ପିଙ୍ଗଳରେ ଶିଶୁ କୃଷ୍ଣଙ୍କୁ ମୁଣ୍ଡାଇ ଗୋପପୁରକୁ ଲୁଚାଇ ନେଇଥିଲେ। ଏଥିପାଇଁ ମନ୍ଦିର ବେଢ଼ାରେ କରାଯାଇଥିବା କୃତ୍ରିମ ଯମୁନା ନଦୀ ପାର ହେବା ସମୟରେ ରାଜା ଉଗ୍ରେସେନଙ୍କ ହାତରେ ଧରାପଡ଼ିଥିଲେ। ସ୍ୱୟଂ ଭଗବାନ ବୋଲି ଉତ୍ତର ପାଇବା ପରେ ଉଗ୍ରେସେନ ସେବକ ଠାକୁରଙ୍କ ନିକଟରେ ସାଷ୍ଟାଙ୍ଗ ପ୍ରଣିପାତ କରିଥିଲେ। ଅନ୍ଧକାର ରହିଥିବା ମନ୍ଦିରରେ ଆଲୋକ ଜଳି ଉଠିଥିଲା। ଛତିତ୍ରାସ, ତେଲିଙ୍ଗୀ ବାଦ୍ୟ, ମହୁରି, କାହାଳୀ ବାଦ୍ୟ ସହ ମଶାଲ ଜଳାଇ ଶିଶୁ କୃଷ୍ଣଙ୍କୁ ମନ୍ଦିରକୁ ପାଛୋଟି ଅଣାଯାଇଥିଲା। ସ୍ନାନ, ନାଭି ଛେଦନ, କାନଫୋଡା, ନାମକରଣ, ନୂତନ ବସ୍ତ୍ର ଏବଂ ଅଳଙ୍କାର ପରିଧାନ କରାଯାଇ କ୍ଷୀରପାନ ସହ କୋରା ଭୋଗ ପରେ ନବଜାତ କୃଷ୍ଣଙ୍କୁ ଦୋଳୟମାନ କରାଯାଇଥିଲା। ଏହା ଦେଖିବାକୁ ଶ୍ରଦ୍ଧାଳୁଙ୍କ ମଧ୍ୟରେ ବେଶ ଉତ୍କଣ୍ଠା ପ୍ରକାଶ ପାଇଥିଲା। ଜନ୍ମବିଧି ପାଳନ ନୀତି କାର୍ଯ୍ୟରେ ମନ୍ଦିର ପୁରାଣ ପଣ୍ଡିତ, ପୁରୋହିତ, ପୂଜାପଣ୍ଡା, ପାଳିଆ ପତ୍ରୀ, ପଶୁପାଳକ, ଭଣ୍ଡାର ମେକାପ, ଆପଟ ଆଦି ସେବାୟତ ସାମିଲ ହୋଇଥିଲେ।